

ଭାରତ କ୍ଷେତ୍ରରେ ଭୁଲ କରିଥିବା ଅନୁଭବ କରିଛନ୍ତି ଟ୍ରମ୍ପ୍ | ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 168 | ଭାଗ ୩୩ | ସଂଖ୍ୟା ୧୬୮ | Monday 8 September 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୮ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ରବିବାର ଛୁଟିଦିନରେ ବି ଲୋକସେବା ଭବନରେ କାମ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ

## ଏସିଆ କପ୍ ହକି

# ଭାରତ ଚାମ୍ପିଅନ

- ମିଳିଲା ବିଶ୍ୱକପ୍ ଯୋଗ୍ୟତା
- ଦିଲପ୍ରୀତ୍ ସିଂହ ଶ୍ରେଷ୍ଠ ଖେଳାଳି
- ଦ.କୋରିଆ ରନର୍ସ, ମାଲେସିଆ ୩ୟ
- ବଧେଇ ଦେଲେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ରାଜଗିର,୭।୯:** ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଆଜି ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ଆୟୋଜକ ଭାରତ ଚାମ୍ପିଅନ୍ ହୋଇଛି। ଆଜି ଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ୪-୧ରେ ହରାଇ ଭାରତ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟ୍ରଫି ହାତେଇପାରିଛି। ଫଳସ୍ୱରୂପ ଦଳକୁ ଆସନ୍ତା ବର୍ଷ ବେଲଜିୟମ୍ ଓ ନେଦରଲ୍ୟାଣ୍ଡସରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକିରେ ଭାଗ ନେବା ପାଇଁ ଯୋଗ୍ୟତା ମିଳିଛି। ଅନ୍ୟପକ୍ଷରେ ରବିବାର ଭାରତ ଚତୁର୍ଥ ଥର ପାଇଁ ଏସିଆ କପ୍‌ରେ ଚାମ୍ପିଅନ୍ ହୋଇଛି। ଏହା ପୂର୍ବରୁ ଦଳ ୨୦୦୩, ୨୦୦୭ ଓ ୨୦୧୭ ଏସିଆ କପ୍ ସଂସ୍କରଣରେ ଚାମ୍ପିଅନ୍ ➪ପୃଷ୍ଠା-୬




# ଦୁରାରୋଗ୍ୟ ରହିବନି କ୍ୟାନ୍‌ସର୍!

- ରୁଷିଆର କ୍ଲିନିକାଲ୍ ଟ୍ରାଏଲ୍ ସଫଳ
- ଏଣ୍ଟୋରୋମିକ୍ସ ଶତପ୍ରତିଶତ ସକ୍ଷମ ଓ ସୁରକ୍ଷିତ

**ମସ୍କୋ,୭।୯:** ଭେଷଜ ବିଜ୍ଞାନ ଯଥେଷ୍ଟ ମାତ୍ରାରେ ଉନ୍ନତି କରି ମାନବ ଜୀବନକୁ ଅପେକ୍ଷାକୃତ ସୁରକ୍ଷିତ କରିପାରିଥିଲେ ହେଁ କ୍ୟାନସର ଭଳି ମାରାତ୍ମକ ରୋଗର ନିଶେଷ ପାଇଁ ଅଦ୍ୟାବଧି କୌଣସି ଠୋସ୍ ଔଷଧ ବାହାର କରିପାରିନାହିଁ। କିନ୍ତୁ ମନେ ହେଉଛି ଯେ ଖୁବ୍ ଶୀଘ୍ର ମଣିଷ ଏହି ଘାତକ ରୋଗକୁ ବି ମାତ୍ ଦେଇପାରିବ। କାରଣ ନିକଟରେ ରୁଷିଆର ବୈଜ୍ଞାନିକମାନେ ଏହି ରୋଗକୁ ନିଶେଷ କରିବା ସକାଶେ ଗବେଷଣା ଚଳାଇଥିଲେ। ଏବେ ସେମାନଙ୍କୁ ସଫଳତା ମିଳିଛି ଓ କ୍ଲିନିକାଲ୍ ଟ୍ରାଏଲ୍ ଶେଷ ହୋଇଛି। ଏନେଇ ଆଜି ରୁଷୀୟ ବୈଜ୍ଞାନିକମାନେ ଏହି ଘୋଷଣା କରିଛନ୍ତି। ରୁଷିଆର ସଂଘୀୟ ମେଡିକାଲ ଏଜେନ୍ସି ବା ଏଫଏମବିଏର ମୁଖ୍ୟ ଏହି ଘୋଷଣା କରି କହିଛନ୍ତି ଯେ ପ୍ରୋ କ୍ଲିନିକାଲ୍ ପରୀକ୍ଷଣରେ ଏହି ଟୀକା ସଫଳତା ହାସଲ କରିଛି। ଆଉ ଏହି ଟୀକା ବ୍ୟବହାର ପାଇଁ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି।

ଏହା ଏମ୍‌ଆରଏନ୍‌ଏ ଟିକା, ଯାହାକି ଜେନେଟିକ ପ୍ରକ୍ରିୟା ଉପରେ ଆଧାରିତ। ଏହି ଟିକା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କ୍ୟାନସର କୋଷକୁ ଚିହ୍ନଟ କରି ସେଗୁଡ଼ିକୁ ନଷ୍ଟ କରିବାରେ ସକ୍ଷମ ହେବ। ଏହାଛଡା ଏହା ବାରମ୍ବାର ବ୍ୟବହାର ପାଇଁ ବି ଉପଯୋଗୀ। ଏହି ଟିକା କ୍ୟାନସର ପ୍ରତିରୋଧ ନୁହେଁ, ବରଂ କ୍ୟାନସର ରୋଗୀଙ୍କ ଚିକିତ୍ସା କରିବା ଦିଗରେ ସଫଳ ହେବ। ତେବେ ଏହାକୁ ବ୍ୟବହାର କରିବା ସକାଶେ ମଞ୍ଜୁରୀ ପାଇଁ ରୁଷିଆ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିକଟରେ ଆବେଦନ କରାଯାଇଛି। ତେବେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଫଳାଫଳକୁ ବିଶ୍ୱବ୍ୟାପୀ ବୈଜ୍ଞାନିକ




ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ବିଶ୍ୱରେ ଅନ୍ୟାନ୍ୟ ଦେଶ ମଧ୍ୟ ଏମଆରଏନଏ ଆଧାରିତ କ୍ୟାନସର ଟିକା ଉପରେ ଗବେଷଣା କରୁଛନ୍ତି। ଆମେରିକା ଓ ଯୁକ୍ତରାଜ୍ୟର ବାୟୋ-ଏନଟେକ ଓ ମଡର୍ଣ୍ଣା ଭଳି ସଂସ୍ଥା ଏ ଦିଗରେ କାର୍ଯ୍ୟ କରୁଛନ୍ତି।

କ୍ୟାନ୍‌ସର୍ ରୋଗ ବିରୁଦ୍ଧରେ ଲଢ଼ିବାରେ ରୁଷୀୟ ବୈଜ୍ଞାନିକଙ୍କ ସଦସ୍ୟ ସଫଳତାକୁ ଯୁଗାନ୍ତକାରୀ କୁହାଯାଉଛି। ଏଣ୍ଟୋରୋମିକ୍ସ ନାମକ ଏକ ବିପ୍ଲବୀ ଏମ୍‌ଆରଏନ୍‌ଏ-ଆଧାରିତ ଟିକା କ୍ଲିନିକାଲ୍ ପରୀକ୍ଷଣରେ ଶତପ୍ରତିଶତ ପ୍ରଭାବଶାଳୀ ଓ ସୁରକ୍ଷା ପ୍ରଦର୍ଶନ କରିଛି। ଏହି ଟିକା କ୍ୟାନ୍‌ସର୍ ରୋଗର ଟ୍ୟୁମରକୁ ଆକ୍ରମଣ କରିବା ସହ ନଷ୍ଟ କରିବା ପାଇଁ ଭାଇରସ ବ୍ୟବହାର କରେ ଓ ରୋଗୀର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବ। ଏହା ରୋଗୀକୁ କ୍ୟାନସର୍ ସହ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିବ। ଏଣ୍ଟୋରୋମିକ୍ସ ଅନେକ ବର୍ଷର ପ୍ରାରମ୍ଭିକ ପରୀକ୍ଷଣ ଦେଇ ଗତି କରିଛି ଓ ଏହା ଟ୍ୟୁମର ବୃଦ୍ଧିକୁ ଧୀର କରି ଦେଖାଇଛି ଏବଂ କିଛି କ୍ଷେତ୍ରରେ କର୍କଟ ରୋଗକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥାଏ। ଗତ ଜୁନ୍ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଉତ୍ତର ରୁଷିଆରେ ଅନୁଷ୍ଠିତ ସେଣ୍ଟ ପିଟର୍ସବର୍ଗ ଆନ୍ତର୍ଜାତୀୟ ଅର୍ଥନୈତିକ ଫୋରମ୍ (ଏସ୍‌ପିଆଇଇଏଫ୍-୨୦୨୫)ରେ ଏହି କ୍ଲିନିକାଲ୍ ପରୀକ୍ଷଣର ଆରମ୍ଭ ନେଇ ଘୋଷଣା କରାଯାଇଥିଲା। ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ➪ପୃଷ୍ଠା-୬

# ଦଳୀୟ କର୍ମଶାଳାରେ ମୋଦିଙ୍କ ନମ୍ର ମନୋଭାବ

**ନୂଆଦିଲ୍ଲୀ,୭।୯(ସଂଚାର ବ୍ୟୁରୋ):** ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ସଂସଦ ଭବନ ପରିସରରେ ଥିବା ବାଲୟୋଗୀ ଅଡିଟୋରିୟମରେ ଆଜିଠାରୁ ଆରମ୍ଭ ହୋଇଥିବା କର୍ମଶାଳାର ସବୁଠାରୁ ଶେଷ ଧାଡ଼ିରେ ବସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶର ସର୍ବୋଚ୍ଚ ନେତା ହୋଇ ମଧ୍ୟ କର୍ମଶାଳାର ଶେଷ ଧାଡ଼ିରେ ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ହେଲେ ତାଙ୍କର ଏହି ନିଆରା ଇଙ୍ଗିତ ପ୍ରମାଣିତ କରିଥିଲା ଯେ ବିଜେପି କର୍ମଶାଳାରେ ସମସ୍ତେ ସମାନ ଓ ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ସମସ୍ତେ ଜଣେ ଜଣେ ସାଧାରଣ କର୍ମୀ। ପ୍ରଧାନମନ୍ତ୍ରୀଙ୍କ ଏହି ଆଭିମୁଖ୍ୟକୁ ଦଳୀୟ ମହଲରେ ପ୍ରଶଂସା କରାଯାଉଛି। କର୍ମଶାଳାରେ ଜିଏସଟି ବ୍ୟବସ୍ଥାରେ ସଂଶୋଧନ ପାଇଁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବା ବେଳେ ବିଜେପିର ସବୁ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କ ପାଇଁ ଦଳ ପକ୍ଷରୁ ଏକ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରାଯାଇଥିଲା। ଏନଡିଏ ପ୍ରାର୍ଥୀଙ୍କ ବିଜୟ ପାଇଁ ଦଳ ପକ୍ଷରୁ ସବୁ ସାଂସଦଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇଥିବା ବେଳେ ଭୋଟିଂ ବ୍ୟବସ୍ଥା ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା। ହେଲେ ଏହି କର୍ମଶାଳା ସେତେବେଳେ ଚର୍ଚ୍ଚାକୁ ଆସିଥିଲା, ଯେତେବେଳେ



ପ୍ରଧାନମନ୍ତ୍ରୀଙ୍କୁ ଅଡିଟୋରିୟମର ସବା ଶେଷ ଧାଡିରେ ବସିଥିବା ଦେଖିବାକୁ ମିଳିଥିଲା।

- ସବୁଠୁ ଶେଷ ଧାଡ଼ିରେ ବସିଲେ ପ୍ରଧାନମନ୍ତ୍ରୀ
- ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ସାଂସଦଙ୍କ ପ୍ରଶିକ୍ଷଣ

ପ୍ରଧାନମନ୍ତ୍ରୀ ନିଜ ସାଂସଦ ବନ୍ଧୁମାନଙ୍କ ସହ ଶେଷ ଧାଡ଼ିରେ ବସିଥିଲେ ଆଉ କର୍ମଶାଳାରେ ଦିଆଯାଉଥିବା ପ୍ରଶିକ୍ଷଣକୁ ଅତି ସନ୍ତର୍ପଣର ସହ ଶୁଣୁଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ନମ୍ର ମନୋଭାବକୁ ପ୍ରଶଂସା କରି ସୋସିଆଲ୍ ମିଡ଼ିଆରେ ଫଟୋ ସେୟାର କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବାରାଣାସୀର ସାଂସଦ ତଥା ପ୍ରଧାନମନ୍ତ୍ରୀ କର୍ମଶାଳାକୁ ପୂର୍ବାହ୍ନ ୧୦ଟା ୪୫ରେ ପହଞ୍ଚିଥିଲେ ଆଉ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କର୍ମଶାଳାରେ

# ରକ୍ତିମ ଚନ୍ଦ୍ରମା ଦୃଶ୍ୟମାନ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଆଜି ସମଗ୍ର ଦେଶରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ରାତି ପ୍ରାୟ ୧୧ଟା ୧ରୁ ଏହି ଚନ୍ଦ୍ରଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇ ୮୨ ମିନିଟ୍ ପରେ ଶେଷ ହୋଇଥିଲା। ଅର୍ଥାତ୍ ରାତି ୧୨ଟା ୨୩ ମିନିଟ୍‌ରେ ଚନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଲାଲ୍ ହୋଇଯାଇଥିଲା। ଭାଦ୍ରବ ମାସର ଇନ୍ଦୁ ପୂର୍ଣ୍ଣିମାରେ ଏହି ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଏପରି ପୂର୍ଣ୍ଣ



ରକ୍ତିମ ରଙ୍ଗ ପାଇଁ ଏହାକୁ 'ରକ୍ତିମ ଚନ୍ଦ୍ରମା' କୁହାଯାଉଛି। ଏହି ବିରଳ ଦୃଶ୍ୟ ଭାରତ ସହ ୟୁରୋପ, ଅଷ୍ଟ୍ରେଲିଆ ଓ ଆଫ୍ରିକା, ଫିଜି, ନ୍ୟୁଜିଲାଣ୍ଡ, ଆମେରିକାରେ ଦୃଶ୍ୟମାନ ହୋଇଛି। ରକ୍ତିମ ଚନ୍ଦ୍ରମାର ଫଟୋ ମଧ୍ୟ ନାସା ଶେୟାର୍ କରିଛି। ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ବିନାନୁମତିରେ ରାଜଧାନୀ ଆସିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ) :** ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଲୋକ ସେବା ଭବନରେ ଭିଡ ଜମାଇ ପାରିବେ ନାହିଁ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଓଏଏସ ଏବଂ ଓଆରଏସ ଅଧିକାରୀ । ବିନା କାରଣରେ ଲୋକ ସେବା ଭବନ କିମ୍ବା ରାଜ୍ୟ ମୁଖ୍ୟାଳୟକୁ ବାରମ୍ବାର ଗସ୍ତ କରି ସରକାରୀ କାର୍ଯ୍ୟରେ ଅବହେଳା କରୁଥିବା ବାବୁଙ୍କ ପାଇଁ କଡା ଆଭିମୁଖ୍ୟ ପୋଷଣ କରିଛି ରାଜସ୍ୱ ବିଭାଗ। ଏନେଇ ସବୁ ଜିଲ୍ଲାପାଳ ଏବଂ ଆରଡିସିଙ୍କୁ ଚିଠି ଲେଖିଛନ୍ତି ରାଜସ୍ୱ ବିଭାଗ ଅତିରିକ୍ତ ସଚିବ।



- ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀଙ୍କୁ ଚେତାବନୀ
- ଜିଲ୍ଲାପାଳ ଓ ଆର୍‌ଡିସିଙ୍କୁ ଚିଠି କଲା ରାଜସ୍ୱ ବିଭାଗ

ବ୍ୟକ୍ତିଗତ କାରଣ ନେଇ ଲୋକସେବା ଭବନ ଆସିଲେ ଏହାକୁ ଗୁରୁତର ସହ ନେବ ବିଭାଗ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ ବୋଲି ଚେତାଇ ଦିଆଯାଇଛି। ସରକାର ବଦଳିବା ପରେ ନିଜ ନିଜ ଅଞ୍ଚଳ ନେତାଙ୍କୁ ଧରି ଭଲ ପୋଷ୍ଟିଂ ➪ପୃଷ୍ଠା-୬

# ନକ୍ସଲ କମାଣ୍ଡର ନିହତ

- ଏନ୍‌କାଉଣ୍ଟର୍‌ରେ ସୁରକ୍ଷାକର୍ମୀଙ୍କୁ ସଫଳତା
- ଚିହ୍ନଟ ହେଲା ମୃତ ମହିଳା ନକ୍ସଲ

**ଚାଇଁବସା,୭।୯:** ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଚାଇବାସା ଅଞ୍ଚଳରେ ରବିବାର ସକାଳେ ନକ୍ସଲ ଓ ସୁରକ୍ଷା ବଳଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ନକ୍ସଲ ସଙ୍ଗଠନର କୁଖ୍ୟାତ ଜୋନାଲ କମାଣ୍ଡର ଅମିତ ହାଁସଦା ନିହତ ହୋଇଛି। ତା' ମୁଣ୍ଡରେ ଝାଡ଼ଖଣ୍ଡ ସରକାର ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସେପଟେ ନାରାୟଣପୁର-ଦାନ୍ତେୱାଡା ସୀମାରେ ଗତ ଶୁକ୍ରବାର ହୋଇଥିବା ଏନକାଉଣ୍ଟରରେ ନିହତ ମହିଳା ନକ୍ସଲକୁ ଆଜି ଚିହ୍ନଟ କରାଯାଇଛି। ତା' ନାମ ସୋଢ଼ୀ ବିମଳା ଓ ତା' ମୁଣ୍ଡରେ ୮ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ଜନୈକ ବରିଷ୍ଠ ଅଧିକାରୀଙ୍କ ସୂଚନାନୁସାରେ, ଏନକାଉଣ୍ଟରରେ ପ୍ରାଣ ହରାଇଥିବା ପିପିସି ସାଧାରଣ ସମ୍ପାଦକ ସୋଢ଼ୀ ବିମଳା ପୂର୍ବରୁ ମଧ୍ୟ ପୁଲିସ ସହ ଏକାଧିକ ଏନ୍‌କାଉଣ୍ଟର୍ ଘଟଣାରେ ସାମିଲ ଥିଲା। ହେଲେ ସେ ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ଖସିଯିବାରେ ସକ୍ଷମ ହୋଇପାରିଥିଲା। କିନ୍ତୁ ଗତ ଶୁକ୍ରବାର ଏନକାଉଣ୍ଟରରେ ଯବାନମାନେ ତାକୁ ଟାର୍ଗେଟରେ ରଖି ଏନକାଉଣ୍ଟର କରିଥିଲେ। ଫଳରେ ସେ ଖସିଯିବାକୁ ସୁଯୋଗ ପାଇନଥିଲା। ସେହିପରି ଆଜି ସକାଳ ସାଢେ ୬ଟା ବେଳେ ଝାଡ଼ଖଣ୍ଡ-ଛତିଶଗଡ଼ ସୀମାବର୍ତ୍ତୀ ଗୋଇଲକେରା ଥାନା ଅନ୍ତର୍ଗତ ରେଲାପରାଲ ଜଙ୍ଗଲ ଓ ବୁରଜୁଭା ପାହାଡ଼ ନିକଟରେ ହୋଇଥିବା ଏନ୍‌କାଉଣ୍ଟର୍‌ରେ ହାଁସଦା ନିହତ ହୋଇଛି। ଏହି ଅଭିଯାନକୁ ନକ୍ସଲଙ୍କ ବିରୋଧରେ ଏପର୍ଯ୍ୟନ୍ତ ଚଳାଯାଇଥିବା କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ସବୁଠାରୁ ସଫଳ ବୋଲି ବିବେଚନା କରାଯାଉଛି। ହାଁସଦାର ମୃତ୍ୟୁ ମାଓବାଦୀଙ୍କ ମନୋବଳ ଭାଙ୍ଗିବାରେ ସହାୟକ ହେବ ବୋଲି ଆକଳନ କରାଯାଉଛି।




ଏନକାଉଣ୍ଟର ଶେଷ ହେବା ପରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳରେ ବ୍ୟାପକ ତଲାସୀ ନେଇଛନ୍ତି। ଏଥିରେ ହାଁସଦାର ମଅତଦେହ ଜବତ ହୋଇଥିବା ବେଳେ ତା' ନିକଟରୁ ଏକ ସେଲଫ ଲୋଡିଂ ରାଇଫଲ, କାର୍ଟ୍ରିଜ୍ ଓ ମାଓବାଦ ସଂକ୍ରାନ୍ତ କାଗଜପତ୍ର ଜବତ କରାଯାଇଛି। ହାଁସଦା ଓରଫ ଅପଟନ ସିପିଆଇ(ଏମ)ର ଜୋନାଲ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲା। ସେ ଗତ ଏକ ଦଶନ୍ଧି ଧରି ପଶ୍ଚିମ ସିଂହଭୂମ, ସରାଇକେଲା-ଖରସୁଆଁ ଓ ଖୁଣ୍ଟି ଜିଲ୍ଲାରେ ସକ୍ରିୟା ଥିଲା। ତା'ର ସକ୍ରିୟତା କାରଣରୁ ଉକ୍ତ ଅଞ୍ଚଳରେ ଦୀର୍ଘ ସମୟ ଧରି ଆତଙ୍କବାଦକୁ ଅଧିକ ସଶକ୍ତ କରି ରଖିଥିଲା। ଏପରିକି ଝାଡ଼ଖଣ୍ଡ ସରକାର ତାକୁ ଧରାଇଦେଲେ ୧୦ ଲକ୍ଷ ଟଙ୍କାର ମୋଟା ପୁରସ୍କାର ଦିଆଯିବ ବୋଲି ମଧ୍ୟ ଘୋଷଣା କରିଥିଲେ।

## ମୋ ଚ୍ୟାନେଲ ସବସ୍କ୍ରାଇବ କର

ମୋ ୟୁ ଟ୍ୟୁବ୍ ଚ୍ୟାନେଲକୁ ସବସ୍କ୍ରାଇବ୍ କର। ଏହାକୁ ଦେଖି ସେହି ଅନୁଯାୟୀ କାମ କର। ଗୋଟିଏ ଅର୍ନ୍ତଜାତୀୟ ସଂସ୍ଥାର ଜନୈକ ପରାମର୍ଶଦାତାଙ୍କର ରାଜ୍ୟର ହଜାର ହଜାର ଅଙ୍ଗନବାଡି ଦିଦିମାନଙ୍କ ପ୍ରତି ଏଭଳି ନିର୍ଦ୍ଦେଶ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ପରାମର୍ଶଦାତା ଜଣଙ୍କ ନିଜର ୟୁ ଟ୍ୟୁବ ଚ୍ୟାନେଲ ଖୋଲିଛନ୍ତି। ସବସ୍କ୍ରାଇବର୍ ବଢାଇବା ପାଇଁ ଏବେ ଦରମା ନେଉଥିବା ଅର୍ନ୍ତଜାତୀୟ ସଂସ୍ଥା କାନ୍ଧରେ ବନ୍ଧୁକ ରଖିଛନ୍ତି। ତେବେ ରାଜ୍ୟର ଅଙ୍ଗନବାଡି ଦିଦିମାନଙ୍କୁ ତାଙ୍କର ଭିଡିଓ ସବସ୍କ୍ରାଇବ କରିବାକୁ କହିବା ପାଇଁ ତାଙ୍କୁ କିଏ ଅନୁମତି ଦେଇଛି, ତାହାକୁ ନେଇ ଚର୍ଚ୍ଚା। କାରଣ ଏହି ଭିଡିଓଟି ନା ସମ୍ପୃକ୍ତ ଅର୍ନ୍ତଜାତୀୟ ସଂସ୍ଥା ପ୍ରସ୍ତୁତ କରିଛି ନା ରାଜ୍ୟ ସରକାର କରିଛନ୍ତି। ଅଥଚ ରାଜ୍ୟ ସରକାରଙ୍କର ଗୋଟିଏ କାର୍ଯ୍ୟକ୍ରମକୁ ଭିଡିଓ କରି ସେ ନିଜର ସବସ୍କ୍ରାଇବର ବଢାଇବାକୁ ଏଭଳି ଅଭିନବ ଯୋଜନା କରିଛନ୍ତି। ହେଉଥିବା ଚର୍ଚ୍ଚା ଅନୁଯାୟୀ, ଏହି ବାବୁ ଜଣଙ୍କ ଅତ୍ୟନ୍ତ ଚତୁର। ପୂର୍ବରୁ ସେ ଯେଉଁ ଅର୍ନ୍ତଜାତୀୟ ସଂସ୍ଥାରେ ଥିଲେ, ସେହି ସଂସ୍ଥା ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଯିବାରୁ ସରକାର ଆଉ ସହଯୋଗ କଲେ ନାହିଁ। ଫଳରେ ଏମାନଙ୍କର ଚାକିରି ଗୋଲ ହୋଇଗଲା। ପରେ ସମୟ ସୁବିଧା ଦେଖି ଆଉ ଗୋଟିଏ ଅର୍ନ୍ତଜାତୀୟ ସଂସ୍ଥାରେ ଯୋଗ ଦେଇଛନ୍ତି। ଯେହେତୁ ଶିଶୁ ସୁରକ୍ଷା ଉପରେ କାମ କରୁଛନ୍ତି, ତେଣୁ ଏବେ ଅଙ୍ଗନବାଡି ଦିଦିମାନଙ୍କୁ ମୋହରା କରିଛନ୍ତି। ସବସ୍କ୍ରାଇବର ବଢ଼ିଲେ ମାଲେମାଲ। ଅର୍ନ୍ତଜାତୀୟ ସଂସ୍ଥାରୁ ମୋଟା ଦରମା ଓ ୟୁଟ୍ୟୁବରୁ ମୋଟା ପଇସା। ଏହାକୁ କହନ୍ତି ଦୁଇ ପଟୁ ଲାଭ। ଦେଖାଯାଉ ଅଙ୍ଗନବାଡି ଦିଦିମାନେ କେତେଦୂର ବୋଲ ମାନୁଛନ୍ତି।



## କାନ ଡେରିଥା

ଟେଷ୍ଟିଟେଷ୍ଟି ଖାଦ୍ୟ ଖାଇବା
ପାଇଁକି
ଫଟାଫଟ ଖାଦ୍ୟ ନିଏ
ସେଇ ଖାଦ୍ୟଖାଇ ଲୋକଟି
ବିଚରା
ମେଡିକାଲ ଧାଉଁ ଥାଏ
ଶରୀରଟି କଷ୍ଟ ପାଏ...
ସମୟ ଆମର ଅଣ୍ଟୁନାହିଁ ବୋଲି
ଅକାଳେ ଜୀବନ ଯାଏ ।

■ ଦେବାଶିଷ

# ନବୀନ ସୁସ୍ଥ: ବିଜେଡି ଅସୁସ୍ଥ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଦିଲ୍ଲୀ ଗସ୍ତ କରିଥିବା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ଉଠିଥିବା ବେଳେ ବିଜେଡି କିନ୍ତୁ ଅସୁସ୍ଥ ହେବାରେ ଲାଗିଛି । ବିଶେଷକରି ଦଳ ଭିତରେ ରହି ଦଳଭଙ୍ଗା କାର୍ଯ୍ୟରେ

- ଦିଲ୍ଲୀରୁ ଫେରିଲେ ଆକ୍ସନ
- ଚିନ୍ତାରେ ଅନିଦ୍ରା ଅସନ୍ତୁଷ୍ଟ

ଲିପ୍ତ ଥିବା ନେତାଙ୍କ ପାଇଁ ବିଜେଡି ଅସୁସ୍ଥ ବୋଲି ଆଲୋଚନା ହେଉଛି । ଆଜି ନବୀନ ଦିଲ୍ଲୀ ଗସ୍ତରେ ଯିବା ପରେ ଏହି ଚର୍ଚ୍ଚା ଜୋର ଧରିଛି । ଏପରିକି ଅସୁସ୍ଥ ବିଜେଡିର ଚିକିତ୍ସା ନବୀନ ଦିଲ୍ଲୀରୁ ଫେରି କରିପାରନ୍ତି ବୋଲି କେତେକ କର୍ମୀ ମତ ଦେଉଛନ୍ତି ।

ନିକଟରେ ନବୀନ ରାଜଧାନୀର



ଏକ ଘରୋଇ ଚିକିତ୍ସାଳୟରୁ ସୁସ୍ଥ ହୋଇ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା, ଆଜି ସେଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ନବୀନ ପୂରା ସୁସ୍ଥ ହୋଇ ଦିଲ୍ଲୀ ଯାତ୍ରା କରିଛନ୍ତି। ସେଠାରେ ସେ ସଂସଦୀୟ ଦଳ ବୈଠକରେ ଯୋଗଦେବା ସହ ଜାତୀୟ ସ୍ତରର ଅନେକ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ନବୀନ ସୁସ୍ଥ ହୋଇଥିବା ବେଳେ ଦଳ ଭିତରେ କିଛି ନେତାଙ୍କ ବୟାନବାଜି କିନ୍ତୁ ବିଜେଡିକୁ ଅସୁସ୍ଥ କରିବାରେ ଲାଗିଛି ।

ନବୀନ ଡାକ୍ତରଖାନାରେ ଚିକିତ୍ସିତ ହେବା ସମୟରୁ ହିଁ ଏହି ନେତାମାନେ ଦଳ ବିରୋଧୀ କାର୍ଯ୍ୟରେ ମାତିଛନ୍ତି। ବିଶେଷକରି ବିଧାୟକ ରାଜା ସ୍ୱାଇଁ, ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ବାରମ୍ବାର ଦଳକୁ କ୍ଷତି ପହଞ୍ଚାଇବା ଭଳି ମନ୍ତବ୍ୟ ଦେବାରେ ଲାଗିଛନ୍ତି। ସେହିଭଳି ଦଳର ଦୁଇ ଛାମୁଆ ସଂଗଠନ ଛାତ୍ର ଓ ଯୁବ ବିଜେଡିରେ ନବୀନ ନିଯୁକ୍ତି ଦେଇଥିବା ଈପ୍‌ସିତା ସାହୁ ଓ ଚିନ୍ମୟ ସାହୁଙ୍କୁ ନେଇ ଦଳରେ କିଛି ନେତା ସେମାନଙ୍କ ଅସନ୍ତୋଷ ପ୍ରକଟ କରିଛନ୍ତି। ଏପରିକି ➪ପୃଷ୍ଠା-୬

# ମିଳିଲା ନିଖୋଜ ନାବିକଙ୍କ ମୃତଦେହ

**ପାରାଦୀପ,୭।୯(ସଂଚାର ବ୍ୟୁରୋ):** ଗତ ଶୁକ୍ରବାର ପାରାଦ୍ୱୀପ ବନ୍ଦରରେ ଜନୈକ ଚୀନ୍ ନାବିକ ସମୁଦ୍ରରେ ଖସିପଡ଼ି ନିଖୋଜ ହୋଇଯାଇଥିଲେ। ତାଙ୍କର ଅନୁସନ୍ଧାନ ଜାରି ରହିଥିବା ବେଳେ ଘଟଣାର ଦୁଇ ଦିନ ପରେ ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପାରାଦୀପ ବନ୍ଦର ୫ ନଂ ଗେଟ୍ ପାଖରେ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସପୋର୍ଟ) ବେସିସରେ କ୍ଲିନ କାର୍ଗୋ ବର୍ଥ ପରିଚାଳନା କରୁଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ)ବର୍ଥରେ ଶୁକ୍ରବାର ସକାଳେ ଅଘଟଣ ଘଟିଥିଲା। ପାନାମା ଜାତୀୟ ପତାକା ଲଗାଇ ଆସିଥିବା ପଣ୍ୟବାହୀ ଜାହାଜ ଏମଭି ଲକି

ଶୁକ୍ରବାର ଘଟିଥିଲା ଅଘଟଣ




ଡ୍ରାଗନରୁ ଉକ୍ତ ଚୀନ୍ ଖସିପଡ଼ି ନିଖୋଜ ହୋଇଯାଇଥିବା ନାବିକଙ୍କ ନାମ ଥିଲା ଝାଙ୍ଗ ତାଇ। ଜାହାଜ ଶିଡ଼ି ରଶି ଖୋଲୁଥିବା ସମୟରେ ଏହା ଛିଣ୍ଡିଯିବାରୁ ସେ ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ଜଣେ ବାଂଲାଦେଶୀ ନାବିକ ପାଣିକୁ ଡେଇଁପଡ଼ିଥିଲେ ➪ପୃଷ୍ଠା-୬

## ଗଣେଶ ପୂଜା ମଣ୍ଡପ ବୁଲିଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ସାଲେପୁର,୭।୯(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିବା ସହ ଏଭଳି ଆଡମ୍ବରପୂର୍ଣ୍ଣ ଆକର୍ଷଣୀୟ ପୂଜା ମଣ୍ଡପର ଆୟୋଜକ ମାନଙ୍କୁ ପ୍ରଶଂସା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କେନ୍ଦ୍ରାପଡ଼ା ଜିଲ୍ଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସାଲେପୁର ରାସ୍ତାଦେଇ କଟକ ଫେରୁଥିବା ବେଳେ ପଦ୍ମପୁର ଠାରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ମନ୍ତ୍ରୀ ଶ୍ରୀ ସୂରଜ ଶତାଧିକ କର୍ମୀଙ୍କ ମଧରେ ଗଣେଶ ମଣ୍ଡପ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ଶ୍ରୀ ମନ୍ତ୍ରୀ ଶ୍ରୀ ସୂରଜ, ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଓ ବିଧାୟକ ଶ୍ରୀ ନାୟକଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ମୁଁ ସାଲେପୁର ମଧୁବାବୁଙ୍କ ମାଟିକୁ ଆସି ଗର୍ବ ଅନୁଭବ କରୁଛି। ପ୍ରଭୁ ଗଜାନନ ସମସ୍ତଙ୍କୁ ଆଶୀଷ ପ୍ରଦାନ କରିବା ଶହ ମୋ ବଡ ଭାଇ ଅରିନ୍ଦମ ରାୟ ମୋତେ ଏଭଳି କାର୍ଯ୍ୟକ୍ରମକୁ ଡାକିଥିବାରୁ ତାଙ୍କୁ ମଧ ସାଧୁବାଦ ଜଣାଉଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଚଇନି, ମୁନା ଜେନା, ଚିତ୍ତରଞ୍ଜନ ଶତପଥି, ପ୍ରିୟରଞ୍ଜନ ମହାପାତ୍ର, ପ୍ରଭାତ ସ୍ୱାଇଁ, ଦିଲ୍ଲିପ ରାଉତ, ବାବୁ ଦାସ, ରାଜେଶ ରାଉତ, ଜନ୍ମେଜୟ ସାହୁ, ଧର୍ମାନନ୍ଦ ସାହୁ, ଅନୁସୂୟା ଘଡେଇ, ସନାତନ ଦାଶ, ପ୍ରତ୍ୟୁଷ ଦାସଙ୍କ ସମେତ ପୂଜା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାରୁ ୩୧ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଆଥଲେଟିକ୍‌ରେ ଯୋଗଦେଲେ




**କେନ୍ଦ୍ରାପଡା,୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଥେଲେଟିକ ଆସୋସିଏସନ ତରଫରୁ ହାଇସ୍କୁଲ ଓ କଲେଜ ର ୩୧ ଜଣ ଛାତ୍ରଛାତ୍ରୀ କଟକ ବାରବଟୀ ଠାରେ ହେଉଥିବା ଆଥେଲେଟିକ ଖେଳରେ ଯୋଗ ଦେଇଛନ୍ତି । ଜିଲ୍ଲାରୁ ୧୪ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଦୌଡ, ଖୋଖୋ, ଲଙ୍ଗ ଜମ୍ପ, ହାଇ ଜମ୍ପ ଇତ୍ୟାଦି ଖେଳରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । ଆଥେଲେଟିକ ଆସୋସିଏସନ ର କୋଚ ସେକ ସୌକତଙ୍କ ନେତୃତ୍ୱରେ ଏହି ଛାତ୍ରଛାତ୍ରୀ ମାନେ ନିଜର କ୍ରୀଡା ପ୍ରଦର୍ଶନ କରିବାକୁ କଟକ ବାରବାଟୀକୁ ଯାଇଥିବା ଜଣାପଡିଛି ।

## ଚାଷୀଙ୍କ ପାଇଁ ଦଳ ସଫା କରାଇଲେ ସରପଞ୍ଚ



**କେନ୍ଦ୍ରାପଡା,୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର ଗୋବରୀ ନଦୀ ଉପରେ ଏକ ପୋଲ ନିର୍ମାଣ ହେଉଥିବାରୁ ଠିକାଦାର ଜଣକ ସେଠାରେ ମାଟି ଏବଂ ଦଳ ବାହାର କରି ପକାଇ ଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇପାରୁ ନଥିଲା । ଯାହା ଫଳରେ ସ୍ଥାନୀୟ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପୁରୁଷୋତମପୁର ସରପଂଚ ପୂର୍ଣ୍ଣିମା ସେଠୀ ସ୍ଥାନୀୟ ଅଂଚଳକୁ ଯାଇ ଲୋକ ମାନଙ୍କ ସାହାଯ୍ୟ ରେ ଜମି ରହିଥିବା ଦଳ ଓ ମାଟି ସଫା କରାଇଥିଲେ । ଫଳରେ ଦୀର୍ଘ ୨ ବର୍ଷ ହେଲା ୪ଟି ପଂଚାୟତ ବାରୋ, ଓସ୍ତପୁର, କଂସାର ଓ ପୁରୁଷୋତମପୁର ଅଂଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଚଷ ଜମିରୁ ରହିଥିବା ଦଳ ଓ ମାଟି ଆବର୍ଜନା ସଫା କରିବାରୁ ଚାଷ ଜମିରେ ଜଳ ନିଷ୍କାସିତ ହୋଇଥିଲା । ଏହି କାର୍ଯ୍ୟରେ ବିଶ୍ୱସୁନ୍ଦର ସେଠୀ, କୁନାଲ ସେଠୀ, ସୁଶାନ୍ତ ସେଠୀ, ସୁରେଶ ସେଠୀ, ପିତାମ୍ବର ସେଠୀ, ଗିରିଧାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଚମଡା ବୋଝେଇ ଗାଡିକୁ ପୁଲିସ୍ ଜିମାଦେଲେ ଲୋକେ

**ସାଲେପୁର,୭।୯(ସଂଚାର ବ୍ୟୁରୋ):** ଆଜି ମଧାହ୍ନ ରେ ଏକ ପିକ୍‌ଅପ ଭ୍ୟାନ୍‌ରେ ଗୋରୁ ଚମଡା ବୋଝେଇ କରି ସାଲେପୁର ଅଭିମୁଖେ ଆସୁଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ପିକ୍‌ଅପ ଭ୍ୟାନ୍ ଅଟକାଇ ସାଲେପୁର ପୋଲିସ ଜିମା ଦେବା




ସହ ଡ୍ରାଇଭରକୁ ମଧ ପୋଲିସ ଜିମା ଦିଆଯାଇଛି। ସାଲେପୁର ପୋଲିସ ଚମଡା ବୋଝୋଇ ପିକ୍‌ଅପ ଭ୍ୟାନ୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ଅପରାହ୍ଣ ରେ ଏକ ପିକ୍‌ଅପ ଭ୍ୟାନ୍ ନଂ-ଓ.ଡି.୦୫ ଏ.ଡବ୍ଲୁ ୬୫୬୨ଟି ଗୋରୁ ଚମଡା ଭର୍ତ୍ତି କରି କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ଗାଡିଟିକୁ ଅଟକାଇ ସାଲେପୁର ପୋଲିସ ଜମା ଦେଇଥିବା ଜଣାଯାଇଛି।

# ଉପଭୋକ୍ତାଙ୍କୁ ଶୋଷୁଛି ବିଦ୍ୟୁତ୍ ବିଭାଗ

**ଅଭିଯୋଗ ଶୁଣିବା ପରିବର୍ତ୍ତେ ଗୁଣ୍ଡାରାଜ କରୁଛନ୍ତି ଅଧିକାରୀ**

**ଥାନାର ଦ୍ୱାରସ୍ଥ ହେଲେ ଉପଭୋକ୍ତା**




**କେନ୍ଦ୍ରାପଡ଼ା,୭।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଧିନସ୍ଥ ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଉପୋଭୋକ୍ତାଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଛି । ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଅଧିନରେ ଥିବା ପ୍ରାୟ ୩୫ ଖଣ୍ଡ ଗ୍ରାମର ଉପୋଭୋକ୍ତା ବର୍ଷ ବର୍ଷ ଧରି ବିଦ୍ୟୁତ୍ "ଲୋ" ଭୋଲ୍ଟେଜ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ଅଭିଯୋଗ କରିଛନ୍ତି ଭାଣ୍ଡିଲୋ ଗ୍ରାମର ଉପୋଭୋକ୍ତା। ଉପୋଭୋକ୍ତାଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ବର୍ଷ ଧରି ଗ୍ରାମରେ ଏକ ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗି ଅଛି । ଯେଉଁ ଟ୍ରାନ୍ସଫର୍ମରର ୪୦ରୁ ୪୨ କିଲୋୱାଟ ବିଦ୍ୟୁତ୍ ବିତରଣର କ୍ଷମତା ରହିଛି । କିନ୍ତୁ ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଏବଂ ଠିକାଦାରଙ୍କ ଲାଞ୍ଚ ନେବାରେ ଏହି ଟ୍ରାନ୍ସଫର୍ମରରୁ ଏବେ ସୁଦ୍ଧା ୭୦ କିଲୋ ୱାଟର ବିଦ୍ୟୁତ୍ ବିତରଣ ସରିବା ସତ୍ତ୍ୱେ ପୁନର୍ବାର ସେହି ଟ୍ରାନ୍ସଫର୍ମରରୁ ଅନ୍ୟ ଏକ ଗ୍ରାମକୁ ଲାଇନ ଦିଆଯାଉଛି । ଯେତେବେଳେ କି ସେହି ଗ୍ରାମରେ କେନ୍ଦ୍ରାପଡ଼ା ଭରତପୁର ଫୋରପୋଲ ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଲାଇନ ଅଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରତି ମାସରେ ବିଦ୍ୟୁତ୍ ବିଭାଗର ନିର୍ଦ୍ଧାରିତ ୟୁନିଟ ପିଛା ବିଦ୍ୟୁତ୍ ଦେୟ ବିନା କାଟ ଛାଟ ରେ ପୈଠ କରୁଥିଲେ ସୁଦ୍ଧା ଦାନପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କ ଏହି ଦୁର୍ନୀତି ଖୋର୍ ଚିନ୍ତାଧାରା ପାଇଁ ସେମାନେ ନିଜ ହକର ବିଦ୍ୟୁତ୍ ଭୋଲ୍ଟେଜ ୨୨୦-୨୩୦ ପାଇବା ବଦଳରେ ମାତ୍ର ୧୦୦ରୁ ୧୨୦ ଭୋଲ୍ଟେଜ ପାଉଛନ୍ତି। ଯାହା ଫଳରେ ବାରମ୍ବାର ଘରେ ଲାଗିଥିବା ବିଦ୍ୟୁତ୍ ଉପକରଣ ଗୁଡିକ ଖରାପ ହେବା ସହ ବିଦ୍ୟୁତ୍ ବିଭାଗ ପାଇଁ ସେମାନଙ୍କ ଘରୋଇ ମାସିକ ଖର୍ଚ୍ଚରେ ଅଯଥା ବୃଦ୍ଧି ହୋଇଛି ।

ଏ ନେଇ ଏକ ମାସ ତଳେ କେନ୍ଦ୍ରାପଡ଼ା ବିଦ୍ୟୁତ୍ ଖଣ୍ଡ -୧ ପରିଚାଳକ ସହ , ପାରାଦୀପ ସର୍କଲର ଅଧିକ୍ଷଣ ଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ ଗ୍ରାମବାସୀ' ବିଭାଗୀୟ ଅଧିକାରୀଙ୍କ ଠାରୁ ଏହାର ତୁରନ୍ତ ସମାଧାନର ପ୍ରତିଶ୍ରୁତି ପାଇଥିଲେ ମଧ ଦାନପୂର ଉପଖଣ୍ଡ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ କିନ୍ତୁ କୌଣସି ସମାଧାନ ହେବା ପୂର୍ବରୁ ଗ୍ରାମାଞ୍ଚଳର ଜଣେ ଦବଙ୍ଗ ଠିକାଦାରଙ୍କୁ ପଠାଇ ସମାଧାନ ହୋଇ ନଥିବା ଟ୍ରାନ୍ସଫର୍ମରରୁ ଆହୁରି ଲୋଡ୍ ଦେବା ପାଇଁ ଗ୍ରାମବାସୀଙ୍କ ସହ ଗଣ୍ଡଗୋଳ କରିବାକୁ ପଛାଇ ନାହାନ୍ତି । ଏ ନେଇ ଗ୍ରାମବାସୀ ଓଡ଼ିଶା ପୋଲିସର ୧୧୨ ନମ୍ବରର ସହଯୋଗ ନେବା ସହ ନିକଟସ୍ଥ ସଦର ଥାନାରେ ଉତ୍ତେଜନାକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି । "ଲୋ" ଭୋଲ୍ଟେଜର ଏକ ସ୍ଥାୟୀ ସମାଧାନ ଯଥାଶୀଘ୍ର ନହାହାରିଲେ ଏଥର ଗ୍ରାମବାସୀ ବିରୋଧ ପୂର୍ବକ ରାସ୍ତାକୁ ଓହ୍ଲାଇବା ସହ ଉପୋଭୋକ୍ତା ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।

## ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

**ରାଜନଗର,୭।୯(ସଂଚାର ବ୍ୟୁରୋ):** ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା ବିପନ୍ନ ଦୁର୍ଦ୍ଦଶା ବଢାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାଯତ ପାଣି ଘେରରେ ରହିଛି। ଗତ ୨ ଦିନ ହେଲା ବନ୍ୟା

**ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା**



ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଅଛି।

ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତା ଉପରେ ୫ ଫୁଟର ପାଣି ଚାଲୁଅଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାଯତର ଚକିବାଙ୍କ, ଗୋବିନ୍ଦପୁର, ସଦ୍ଧପଡା, ଟାଙ୍ଗଣତୈଳା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାଯତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାଯତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାଯତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ୪ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଅଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ଓସ୍ତିଆ, ବେଲପାଳ ବଜାରରେ ଥିବା ଦୋକାନ ଗୁଡିକ ବନ୍ୟା ପାଣି ଘେରରେ ରହିଛି।



## ଅନୁପମାଙ୍କୁ ସହାୟତାର ହାତ ବଢାଇଲେ ଚିତ୍ତରଞ୍ଜନ

**ମହାକାଳପଡ଼ା,୭।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ଓସ୍ତର (ଘୋଡ଼ା ବନ୍ଧ) ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଝିଅ ଅନୁପମା ଦାସଙ୍କ ଆଧାର କାର୍ଡ ନଥିବାରୁ ତାଙ୍କୁ ରାସନ୍ ଚାଉଳ ମିଳୁନି। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ୫ ମାସ ହେବ ଭତ୍ତା ମିଳୁନି। ଏନେଇ ସଂଚାର ରେ ଖବର ପ୍ରକାଶ ପରେ ଅନୁପମା ଙ୍କୁ ଆଜି ତାଙ୍କ ବାସଭବନରେ ଭେଟିଛନ୍ତି ଯୁବନେତା ଚିତ୍ତରଞ୍ଜନ ଦାସ। ଚିତ୍ତ ରଞ୍ଜନ ପରିବାରକୁ ଭେଟି ସ୍ଥିତି ଅନୁଧ୍ୟାନ କରିବା ସହିତ ଅନୁପମାଙ୍କ ଆଧାର କାର୍ଡ କିପରି ହୋଇ ପାରିବ ସେଥିପାଇଁ ସେ ଜିଲ୍ଲା ପ୍ରଶାସନ ନିକଟରେ ଆଲୋଚନା କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରଶାସନ ତରଫରୁ ଅନୁପମା ଙ୍କ ନୂତନ ରାସନ୍ କାର୍ଡ କରାଯାଇଥିବା ବେଳେ ତାଙ୍କୁ ଆଧାର କାର୍ଡ, ଭିନ୍ନକ୍ଷମ ପ୍ରମାଣପତ୍ର ଓ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

## ନଦୀରେ ଭାସିଯାଇ ଯୁବକ ନିଖୋଜ

**ସାଲେପୁର,୭।୯(ସଂଚାର ବ୍ୟୁରୋ):** ଆଜି ମଧାହ୍ନେ ନଦୀକୁ ଗାଧୋଇଯାଇ ନଦୀପାଣିରେ ଭାସିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିବା ଜଣାଯାଇଛି। ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ହୋଇଯାଇଥିବା ଯୁବକକୁ ନଦୀପାଣିରେ ଦୀର୍ଘ ସମୟ ଧରି ଖୋଜା ଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା ଯୁବକ ଜଣକର ପତା ମିଳିନଥିଲା। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ପଞ୍ଚାୟତ ଅଧିନସ୍ଥ କୁକୁଡାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁତ୍ର ବିଭୁପ୍ରସାଦ କାନୁନଗୋ (୩୬) ଆଜି ଦିନ ପ୍ରାୟ ୩ଟା ସମୟରେ ବିରୂପା ନଦୀକୁ ଗାଧୋଇ ଯାଇଥିବା ବେଳେ ନଦୀପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀମାନେ ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡିକୁ ଅବଗତ କରିଥିଲେ। ଉଭୟ ଫାଣ୍ଡି ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀ ପାଣିରେ ଭାସିଯାଇ ନିଖୋଜ ହୋଇଥିବା ଯୁବକକୁ ଦୀର୍ଘ ସମୟ ଧରି ନଦୀପାଣିରେ ଖୋଜା ଖୋଜି କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା ଯୁବକ ଜଣକର ପତ୍ତା ପାଇନଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ନଦୀବନ୍ଧରେ ଶହ ଶହ ଲୋକଙ୍କ ଭିଡ ଦେଖିବାକୁ ମିଳିଛି।

## ଯାତ୍ରୀଙ୍କୁ ଲୁଟୁଛନ୍ତି ଡ଼ଙ୍ଗା ଚାଳକ



**ଡ଼ଙ୍ଗା ଯାତ୍ରା ବ୍ୟାନରରେ ରହିଛି ନିଶୁଳ୍କ**

**ବ୍ୟାନର ମାରି କଥା ସାରିଦେଇଛନ୍ତି ସରକାରୀ ବାବୁ**

**ଆଳି,୭।୯(ସଂଚାର ବ୍ୟୁରୋ):** ଚତୁର୍ଥ ବନ୍ୟାରେ ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ଏବେ ଜଳମଗ୍ନ । ମାନପୁର ଠାରୁ ଡ଼ିମିରିପାଳ ନାରଣପୁର ମଠ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ପାଣିରେ ବୁଡିଥିବାରୁ ଚତୁର୍ଥ ବନ୍ୟା ଆସିଥିବାରୁ ଲୋକମାନେ ଯିବା ଆସିବା ନିମନ୍ତେ ଦୁଇଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଗତକାଲି ମାନପୁର ଘୋଷରାରେ ଲୋକମାନଙ୍କୁ ପାର କରୁଥିବା ଏକ ଡଙ୍ଗାରେ 'ବନ୍ୟା ଜନିତ ସରକାରୀ ନିଃଶୁଳ୍କ ଯନ୍ତ୍ର ଚାଳିତ ଡ଼ଙ୍ଗା ସେବା' ଆଳି ବ୍ଲକ ପ୍ରଶାସନ ବ୍ୟାନର ମରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ମାଗଣାରେ ଡ଼ଙ୍ଗା ଯାତ୍ରା ବ୍ୟାନର ମରାଯିବା ଦେଖି ଡ଼ଙ୍ଗାପାର ହେଉଥିବା ଲୋକଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଥିଲା। ମାତ୍ର ତାହା ସମ୍ପୂର୍ଣ୍ଣ ଓଲଟା।

ଡ଼ଙ୍ଗା ପାର ହେଉଥିବା ଲୋକମାନଙ୍କ ନିକଟରୁ ଡ଼ଙ୍ଗା ଚାଳକ ଡ଼ଙ୍ଗା ପାର କରାଇବା ନିମନ୍ତେ ଟଙ୍କା ନେଉଥିବା ନେଇ କିଛି ଯାତ୍ରୀ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ମାଗଣାରେ ଡ଼ଙ୍ଗା ଯାତ୍ରା କରିବା ନିମନ୍ତେ ବ୍ୟାନର ମରାଯାଇ କଣ ପାଇଁ ଟଙ୍କା ଆଦାୟ ହେଉଛି ବୋଲି ଯାତ୍ରୀମାନେ ଅଭିଯୋଗ କରିବା ପରେ ଏ ବିଷୟରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଡ଼ିମିରିପାଳ ପଞ୍ଚାୟତ ପକ୍ଷରୁ ଡ଼ଙ୍ଗା ବ୍ୟବସ୍ଥା କରାଯାଇଥିବା ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କୁ ସୂଚନା ଦେଇଛନ୍ତି।ଡ଼ଙ୍ଗା ଚାଳକ ଟଙ୍କା ନେଉଥିବା ବିଷୟରେ ସେ ଜାଣି ନାହାଁନ୍ତି । ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ଖଣ୍ଡାଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଡ଼ଙ୍ଗା ପଡିବା ବିଷୟରେ ସେ ଜାଣିନାହାଁନ୍ତି । ଏଠାରେ ବିଡ଼ିଓ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଙ୍କ କଥାରେ ତାଳମେଳ ରହୁ ନଥିବାରୁ କଣ ପାଇଁ ପ୍ରଶାସନ ପକ୍ଷରୁ ପୋଷ୍ଟର ମାରି ସାଧାରଣ ଲୋକଙ୍କୁ ଲୁଟା ଯାଉଛି ତାହା ଏବେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି । ଅନ୍ୟ ପଟେ ଏହାର ତଦନ୍ତ ସହ ଡଙ୍ଗା ଚାଳଙ୍କ ମନମାନିକୁ ରୋକିବାର ଆବଶ୍ୟକ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକ

**କେନ୍ଦ୍ରାପଡା,୭।୯(ସଂଚାର ବ୍ୟୁରୋ):** ବସନ୍ତ କୁମାର ବିଶ୍ୱାଳ ସ୍ମୃତି ସଂସଦର ସଭାପତି ଫକୀର ଚରଣ ଖଟୁଆଙ୍କ ଅଧକ୍ଷତାରେ ପୁର୍ବତନ ଉପମୁଖ୍ୟ ମନ୍ତ୍ରୀ ତଥା ନବାଉତ୍କଳର ନିର୍ମାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୨ତମ ଶ୍ରାଦ୍ଧବାର୍ଷିକୀ ସଭା



ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବକ୍ତାମାନେ ତାଙ୍କର ବହୁମୁଖୀ ପ୍ରତିଭା ବିଶେଷ କରି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଗୋପାଳ ଚନ୍ଦ୍ର ମହାଳିକ, ପୁର୍ବତନ ନଗରପାଳ ଆକବର ଅଲ୍ଲୀ, ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସୁଶୀଲ କୁମାର ସାମଲ, କାଉନସିଲର ରମେଶ ଚନ୍ଦ୍ର ଦାସ, ମହେନ୍ଦ୍ର କୁମାର ପରିଡ଼ା, ତରୁଣ ରଞ୍ଜନ ପ୍ରଧାନ, ରତ୍ନାକର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ତ୍ରୈଲୋକନାଥ

**କେନ୍ଦ୍ରାପଡ଼ା,୭।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ଉଚ୍ଚବିଦ୍ୟାଳୟର ଶିକ୍ଷକ ତ୍ରୈଲୋକନାଥ ମହାପାତ୍ର ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ସମାରୋହରେ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି।



ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ଶ୍ରୀ ମହାପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସାଧାରଣତଃ ଗଣିତ ଓ ବିଜ୍ଞାନ ପଢ଼ିବାକୁ ଛାତ୍ରଛାତ୍ରୀ ଭୟ କରନ୍ତି । ସେଥିପାଇଁ ଶ୍ରୀ ମହାପାତ୍ର ଏହି ବିଷୟ ପଢ଼ାଇବା ବେଳେ ସହଜ ଓ ସରଳ ଉପାୟ ଅବଲମ୍ବନ କରି ଶିକ୍ଷାର୍ଥୀଙ୍କ ମନରୁ ଭୟ ଦୂର କରନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ କୁହନ୍ତି। ପିଲାଙ୍କ ମଧରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାନ୍ତି। ସେ ଏହି ପୁରସ୍କାରକୁ ପରିବାର, ବିଦ୍ୟାଳୟର ପ୍ରଧାଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରି ଓ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗ କରିଛନ୍ତି ।

## ଅବହେଳିତ ଅବସ୍ଥାରେ ପୁରାଣ ପ୍ରସିଦ୍ଧ 'ବ୍ରହ୍ମାକୁଣ୍ଡ'

**ଯାଜପୁର,୭।୯(ସଂଚାର ବ୍ୟୁରୋ):** ବିରଜା ମନ୍ଦିର ନିକଟରେ ଥିବା ପୌରାଣିକ ବ୍ରହ୍ମାକୁଣ୍ଡ ବର୍ତ୍ତମାନ ପ୍ରଶାସନର ଅବହେଳାର ଶିକାର। ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏହି ପବିତ୍ର କୁଣ୍ଡକୁ ଏବେ ସ୍ଥାନୀୟ ଲୋକ ଆବର୍ଜନା ପକା ସ୍ଥାନରେ ପରିଣତ କରିଦେଇଛନ୍ତି। କୁଣ୍ଡ ଭିତରେ ମଦ ବୋତଲ, ଅଳିଆ, ଶିଉଳି ପଡ଼ି ଥିବା ସହ, ପଚେରୀରେ ଲତା ମାଡ଼ି,ବର ଓ ଅଶ୍ୱତ୍ଥ ଗଛ ବଢିଥିବାରୁ ସାଇଡ ୱାଲିଙ୍ଗ ଭାଙ୍ଗିପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ "ଧାର୍ମିକ ମାନ୍ୟତାପ୍ରାପ୍ତ ବ୍ରହ୍ମକୁଣ୍ଡର ଏହି ଦଶା ଦେଖିବାକୁ ଦୁଃଖଦ ଲାଗୁଛି। ଜିଲ୍ଲା ପ୍ରଶାସନର କୌଣସି ନଜର ନଥିବାରୁ ଆଜି ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ବ୍ରହ୍ମକୁଣ୍ଡକୁ ନେଇ ବହୁ ପୌରାଣିକ କଥା ରହିଛି। ଭକ୍ତମାନେ ବିରଜା ମା'ଙ୍କ ଦର୍ଶନ ପୂର୍ବରୁ ଏଠାରେ ସ୍ନାନ କରିବାକୁ ପବିତ୍ର ମନେ କରୁଥିଲେ। ବ୍ରହ୍ମାକୁଣ୍ଡର ପାଣି ମା ବିରଜାଙ୍କ ନିକଟରେ ଦୁର୍ଗାପୂଜା ସମୟରେ ପୁଜାକର୍ମରେ ଲାଗେ।



ବ୍ରହ୍ମକୁଣ୍ଡର ପରିତ୍ୟକ୍ତ ଅବସ୍ଥାକୁ ପ୍ରଶାସନ କେମିତି ଦେଖୁଛି,ଏହା ପାଇଁ କୌଣସି ମାଷ୍ଟର ପ୍ଲାନ୍ ପ୍ରଶାସନ ପାଖରେ ଅଛି କି ? ବୋଲି ଏକ ପ୍ରଶ୍ନର ଉତ୍ତରରେ ନୂଆକରି ଆସିଥିବା ଜିଲ୍ଲାପାଳ ଅମ୍ବର୍ କୁମାର କର କହିଥିଲେ ଆମେ ଏକ ବଡ ପ୍ରୋଜେକ୍ଟ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛୁ ତାହା ସ୍ୱୀକୃତ ହେଇକି ଆସିଲେ କାମ ହେବ। ଆଗକୁ ମା ବିରଜାଙ୍କ ପୂଜା ଥିବାରୁ ବ୍ରହ୍ମା କୁଣ୍ଡର ପାଣିକୁ ପରିଷ୍କାର କରାଯିବ।

ପୁରାତନସ୍ଥଳୀକୁ ରକ୍ଷା କରିବାକୁ ଜିଲ୍ଲା ପ୍ରଶାସନ କାହିଁକି ନିରବ ? ପ୍ରଶାସନ ଯଦି ବ୍ରହ୍ମାକୁଣ୍ଡର ଉନ୍ନତି ପାଇଁ ତତ୍ପରତା ପ୍ରକାଶ ନ କରେ, ଆଗାମୀ କିଛି ବର୍ଷରେ ବ୍ରହ୍ମକୁଣ୍ଡ କେବଳ ଇତିହାସ ପୁସ୍ତକର ପୃଷ୍ଠାରେ ଅଟକି ଯିବ ବୋଲି ସ୍ଥାନୀୟ ଲୋକେ କହିବାକୁ ଲାଗିଲେଣି। ବ୍ରହ୍ମକୁଣ୍ଡର ପବିତ୍ରତା ରକ୍ଷା କରିବା କେବଳ ପ୍ରଶାସନର କର୍ତ୍ତବ୍ୟ ନୁହେଁ, ଏହା ସମଗ୍ର ସମାଜର ଦାୟିତ୍ୱ। କିନ୍ତୁ ପ୍ରଥମ ପଦକ୍ଷେପ ନେବାକୁ ପଡ଼ିବ ପ୍ରଶାସନଙ୍କୁ।

## ଭାଗବତ ଟୁଙ୍ଗୀର ପ୍ରସାର ପାଇଁ ନିଆରା ପ୍ରୟାସ

**କେନ୍ଦ୍ରାପଡ଼ା,୭।୯(ସଂଚାର ବ୍ୟୁରୋ):** ପବିତ୍ର ଇନ୍ଦ୍ରପୂର୍ଣ୍ଣିମା ଭାଗବତ ଜନ୍ମ ଅବସରରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବିଭିନ୍ନ ଗାଁ ଗଣ୍ଡାରେ ଥିବା ଭାଗବତ ଟୁଙ୍ଗୀ ପରିକ୍ରମା କରାଯାଇ ନିୟମିତ ଭାଗବତ ପାଠ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଓ ଫୁଲମାଳ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଶ୍ରୋତା ମାନଙ୍କୁ ରସାବଳି ଉପହାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ଗୁଣ୍ଡପୁର ପଟଣାସ୍ଥିତ ଦାରୁବ୍ରହ୍ମ ଙ୍କ ଭାଗବତ ଟୁଙ୍ଗୀ ମହନ୍ତ ପ୍ରଭାକର ତରାଇ, ଗଙ୍ଗାରାମପୁର ସିଦ୍ଧ ପରମହଂସ ଭାଗବତ ଗାଦି ର ମହନ୍ତ ତ୍ରିଲୋଚନ ରଣାଙ୍କ ସମେତ କୃତିବାସ ତରାଇ, ବଙ୍ଗାଳୀ ତରାଇ ଓ ନଗେନ୍ଦ୍ର ତରାଇ , ମାନ ପାଟଣା ଭାଗବତ ଗାଦି ମହନ୍ତ ପ୍ରଫୁଲ୍ଲ ଦାସ, କଦଳୀ ପାଟଣା ଭାଗବତ ଗାଦି ମହନ୍ତ



ମହେଶ୍ୱର ନାୟକ ଓ ନିର୍ମଳ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

କୋମଳ ବୟସରେ ଆଧାତ୍ମିକ ଚିନ୍ତାଧାରା କୁ ଆପଣେଇ ପ୍ରତ୍ୟହ ଭାଗବତ ଓ ଗୀତା ପାଠ କରୁଥିବା ଗୁଣୁପୁର ପାଟଣାର ବାର ବର୍ଷୀୟ ସଂସ୍କାରି ଛାତ୍ର ଦୂର୍ଗା ପ୍ରସାଦ ପାତ୍ରଙ୍କୁ ସ୍ୱତନ୍ତ୍ର ଶୁଭେଚ୍ଛା ସମ୍ମାନ ପ୍ରଦାନ କରାଯାଇ ଥିବା ବେଳେ ମୟୂରଭଞ୍ଜ ବାଙ୍ଗିରି ପୋଷିର ଦୃଷ୍ଟିହୀନ ଭାଗବତ ପ୍ରଚାରକ ଜୟରାମ ଦାସଙ୍କୁ ମଧ ସମ୍ବର୍ଦ୍ଧନା କରାଯାଇଥିଲା। ଭାଗବତ ଟୁଙ୍ଗୀକୁ ବଞ୍ଚାଇ ରଖି ଆଧାତ୍ମିକ ଜ୍ଞାନ ଜରିଆରେ ପଥଭ୍ରଷ୍ଟ ଯୁବ ପିଢ଼ିକୁ ସଂସ୍କାର ପଥକୁ ଆଣିବା ନିମନ୍ତେ ଓ ନବାଗତ ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବୃଦ୍ଧି କରିବା ନିମନ୍ତେ ଗାଁ ଗାଁ ବୁଲି ପ୍ରଚାର କରାଯାଇଥିଲା।

■ ନିମାପଡ଼ା ଗସ୍ତରେ ଉପମୁଖ୍ୟମନ୍ତ୍ରୀ

# ପଡ଼ିଲା ନିମାପଡ଼ା-ବଳଙ୍ଗା ରାସ୍ତାର ଉନ୍ନତିକରଣ ଭିତ୍ତି




■ ୧୪ କିମି ପାଇଁ ଖର୍ଚ୍ଚ ହେବ ୩୬ କୋଟି
■ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କଲେ

**ନିମାପଡ଼ା,୭ା୯(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଗସ୍ତରେ ବ୍ଲକ୍ ଛକଠାରେ ନିମାପଡ଼ାଠାରୁ ବଳଙ୍ଗା ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉନ୍ନତିକରଣ ପ୍ରକଳ୍ପ ପାଇଁ ୩୬ କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପ ଦ୍ୱାରା ନିମାପଡ଼ାରୁ ବଳଙ୍ଗା ପ୍ରାୟ ୧୪ କିମି ରାସ୍ତାରେ ଜନସାଧାରଣଙ୍କ ଗମନାଗମନ ସୁଗମ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

ଏଥିସହ ଶ୍ରୀମତୀ ପରିଡ଼ା ନିମାପଡ଼ା ବ୍ଲକ୍‌ର ସମ୍ମିଳନୀ କକ୍ଷରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୬୫ ଉଚ୍ଚ ବିଦ୍ୟାଳୟ ଓ ୨ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବୈଠକରେ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଉକ୍ତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ସହପାଠ୍ୟ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ବିକାଶ ଓ ଶିକ୍ଷାର ମାନ ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅତିରିକ୍ତ ଶିକ୍ଷାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ପୂଜ୍ୟପୂଜା ପରମ୍ପରାରେ ଗୁରୁମାନଙ୍କ ଭୂମିକାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ପୂଜ୍ୟପୂଜା ସମାରୋହରେ ଶ୍ରୀମତୀ ପରିଡ଼ା ଯୋଗଦେଇଥିଲେ। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ନିମାପଡ଼ା ଶିକ୍ଷା ମଣ୍ଡଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଅବଦାନ ପ୍ରତି କୃତଜ୍ଞତା ଜଣାଇବା ସହ ଉପମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବିଜେପି ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ମୟୂରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା 'ଓଡ଼ିଶା କୁଡୁମୀ ସେନା'ର ସଦସ୍ୟମାନଙ୍କୁ ଭେଟିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ସାପ କାମୁଡ଼ାରେ ସରପଞ୍ଚଙ୍କ ମୃତ୍ୟୁ

**ରାୟଗଡ଼ା,୭ା୯(ସଂଚାର ବ୍ୟୁରୋ):** ବିଷାକ୍ତ ସାପ କାମୁଡାରେ ମହିଳା ସରପଞ୍ଚ ମାଙ୍ଗି କାଡ୍ରାକାଙ୍କ ମୃତ୍ୟୁ ହୋଇଛି। ରାତି ଘରେ ଶୋଇଥିବା ବେଳେ ତାଙ୍କ ଗୋଡ଼କୁ ଏକ ବିଷାକ୍ତ ସାପ କାମୁଡ଼ିଦେଇଥିଲା।

## ଅଟୋ ଉପରେ ହାତୀପଲଙ୍କ ଆକ୍ରମଣ, ମହିଳା ମୃତ

**ବାରିପଦା,୭ା୯(ସଂଚାର ବ୍ୟୁରୋ):** ଏକ ଯାତ୍ରୀବାହୀ ଅଟୋ ଉପରେ ହାତୀପଲ ଆକ୍ରମଣ କରିବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ଚିତ୍ରଡା ମୋରଡ଼ା ରାସ୍ତାରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଅଟୋରେ ୮ ଜଣ ଯାତ୍ରୀ ଆସୁଥିବା ସମୟରେ ହଠାତ ହାତୀପଲ ରାସ୍ତା ଉପରକୁ ଆସି ଆକ୍ରମଣ କରିଥିଲେ। ଅଟୋରେ ବସିଥିବା ଅନ୍ୟ ୭ ଜଣ ଯାତ୍ରୀ ଦୌଡ଼ି ପଳାଇଥିଲେ ହେଁ ଜଣେ ମହିଳା ସେମାନଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ମଧ୍ୟରୁ ଗୋଟିଏ ହାତୀ ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କିସାନତାଣ୍ଡି ହସ୍ପିଟାଲ ଓ ପରେ ବାରିପଦା ହସ୍ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣଙ୍କ ହେଲେ ବାରିପଦା ଉପକଣ୍ଠ ଚିପଟଅସ୍ତିଆ ଅଞ୍ଚଳର ରୀନା ନାୟକ। ଖବର ପାଇ ମୋରଡ଼ା ପୁଲିସ ହସ୍ପିଟାଲ୍‌ରେ ପହଞ୍ଚି ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଏହି ଘଟଣାରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ମହିଳାଙ୍କ ପରିବାର ପାଇଁ କ୍ଷତିପୂରଣ ଦାବି କରିଛନ୍ତି।

## ଭୁଶୁଡ଼ିଲା ପ୍ଲାନେଟୋରିୟମ ପାଚେରି




**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ଆଜି ଭୁଶୁଡ଼ି ପଡ଼ିଛି ରାଜଧାନୀର ଅନ୍ୟତମ ପ୍ରମୁଖ ପ୍ରତିଷ୍ଠାନ ପଠାଣି ସାମନ୍ତ ପ୍ଲାନେଟୋରିୟମ ପାଚେରି। ଏହାର ଆଗ ପାଖରେ ଥିବା ପାଚେରିଟି ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟା ବେଳେ ଭୁଶୁଡ଼ି ପଡ଼ିଛି। କାନ୍ଥ ଭୁଶୁଡ଼ିବା ଯୋଗୁ ଛାରଖାର ହୋଇଛି ଆଚାର୍ଯ୍ୟ ବିହାର ଛକରେ ଥିବା 'ଆମ ବସ' ଷ୍ଟପ। ତେବେ ଏହି ସମୟରେ ସେଠାରେ ୪ ଜଣ ଯାତ୍ରୀ ବସ୍‌କୁ ଅପେକ୍ଷା କରିଥିଲେ ହେଁ ସେମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। କିନ୍ତୁ ଆଜି ପ୍ଲାନେଟୋରିୟମକୁ ଚନ୍ଦ୍ରଗ୍ରହଣ ଦେଖିବା ପାଇଁ ଆସିଥିବା ଯାତ୍ରୀଙ୍କ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେବେ ପୂର୍ବରୁ କାନ୍ଥଟି ଗୋଟିଏ ପଟକୁ ନଇଁକରି ରହିଥିଲା। ଏବେ ପ୍ରବଳ ବର୍ଷା ପ୍ରଭାବରେ ଏହା ଅଧିକ ଦୁର୍ବଳ ହୋଇ ଶେଷରେ ଭୁଶୁଡ଼ି ପଡ଼ିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ପଥରଖଣିରେ ଡ୍ରିଲିଂ ବେଳେ ଶ୍ରମିକ ମୃତ

**ଢେଙ୍କାନାଳ,୭ା୯(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ନିହାଲପ୍ରସାଦ ଥାନା କାଶିପୁର ଲହଡ଼ାପିତ ଏକ ପଥର ଖଣିରେ ଆଜି ସକାଳେ ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶ୍ରମିକ ଜଣଙ୍କ ହେଲେ ପାଣ୍ଡୁ ଟିରିଆ (୨୦) ଓ ତାଙ୍କ ଘର ନିକଟସ୍ଥ ବାଲି କିଆରି ଗ୍ରାମରେ ବୋଲି ଜଣାପଡ଼ିଛି। ତେବେ ପଥର ଖଣିରେ ଡ୍ରିଲିଂ ଚାଲିଥିବା ସମୟରେ ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ନିହାଲପ୍ରସାଦ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି।କରିଛନ୍ତି। ତେବେ ଏନେଇ ପୁଲିସ କୌଣସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଶିକ୍ଷକ ଓ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଛି। ସଂଘର ରାଜ୍ୟସଭାପତି ମାନସ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟସଦସ୍ୟା ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ଦୀର୍ଘ ୭ ଦଶନ୍ଧିର କାଳଖଣ୍ଡରେ ଓଡ଼ିଶାର ୪୮୮ଟି ଅଗ୍ରଣୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ପୁରାତନ ଓ ସର୍ବପୁରାତନ ମହାବିଦ୍ୟାଳୟଗୁଡିକ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଆସିଛନ୍ତି।୧୯୬୯ ଓ ୧୯୭୪ ଶିକ୍ଷା ଆଇନ ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନଗୁଡ଼ିକ ପୂର୍ଣ୍ଣ ଅନୁଦାନ ନିୟମ ଅଧୀନରେ ସୁରକ୍ଷିତ ଚାକିରି ସହ ୧୯୮୧ ପେନସନ ବ୍ୟବସ୍ଥା ପରିସରଭୁକ୍ତ ହୋଇଆସିଛି। ୨୦୦୯ରେ ତତ୍କାଳୀନ ସରକାର ଆର୍ଥିକ ସଙ୍କଟର ଆଳ ଦର୍ଶାଇ ତଥା ଆଇନ ବିଭାଗର ବାଧ୍ୟତାମୂଳକ ଅନୁମୋଦନ ନ ନେଇ ୧୯୮୯ ପରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ବ୍ଲକଗ୍ରାଣ୍ଟ ପରି ଏକ କୁତ୍ସିତ ବ୍ୟବସ୍ଥାକୁ ଲଦିଦେଇଥିଲେ। ଏହି ପ୍ରକ୍ରିୟାରେ ଦୀର୍ଘ ୩୫ ବର୍ଷ ଧରି ବିଭିନ୍ନ ନ୍ୟାୟାଳୟରେ ରାଜ୍ୟ ସରକାର ଅନୁଦାନ ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବିତ କରିଚାଲିଛନ୍ତି। ଫଳତଃ କାର୍ଯ୍ୟରତ ଶିକ୍ଷକ କର୍ମଚାରୀ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇ ଶାରୀରିକ, ମାନସିକ ଓ ଆର୍ଥିକ ଚାପର ଶିକାର ହୋଇଆସୁଛନ୍ତି। ତେଣୁ ଏହି ବର୍ଗ ମହାବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଥିବା ସମସ୍ତ ପ୍ରକାରର ଅଧ୍ୟାପକ ଓ କର୍ମଚାରୀଙ୍କୁ ଗୋଟିଏ ଅନୁଦାନ ଆଇନ (ପୂର୍ଣ୍ଣ ଅନୁଦାନ) ପରିସରଭୁକ୍ତ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସଂଘର ସଭାପତି ପୁରୋହିତ ଦୃଢ଼ ଦାବି କରିଛନ୍ତି। ଏଥିସହ ସରକାର ଏ କ୍ଷେତ୍ରରେ କାଳକ୍ଷେପଣ ନୀତି ଅବଲମ୍ବନ ନ କରି ତତକ୍ଷଣାତ ଠୋସ ପଦକ୍ଷେପ ନ ନେଲେ, ରାଜ୍ୟବ୍ୟାପୀ କାର୍ଯ୍ୟବିରତି ଆରମ୍ଭ ସହ ଆଗାମୀ ଦିନରେ ଶିକ୍ଷକ ସମାଜ ଦୁର୍ବାର ଆନ୍ଦୋଳନ କରିବେ ବୋଲି ସାଧାରଣ ସମ୍ପାଦକ ସୁଶୀଲ ପ୍ରଧାନ ସରକାରଙ୍କୁ ଚେତାଇ ଦେଇଛନ୍ତି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀର ଉପସଭାପତି ସଞ୍ଜିତ ଭୂୟାଁ ଓ ମାଷ୍ଟର ଆପୋଲୋ, ସଂଗଠନ ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ର, ପ୍ରଦୀପ ସାହୁ, ଉଦିତ ପଟେଲ, ସାଇ ମାଧବ, ଦିଲୀପ ମଲ୍ଲିକ, ସୁବାସ ସାହୁ, ବୈଷ୍ଣବ ଦାଶ, ହିମାଂଶୁ ପରିଡା, ପ୍ରମୋଦ ସ୍ୱାଇଁ, ମଧୁସ୍ମିତା ଦାଶ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଆଲୋକ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ ଅନୁଷ୍ଠିତ



**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ତମ ପ୍ରତିଷ୍ଠା ଦିବସ ପରିଷଦ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ ଶିକ୍ଷା ହିଁ ସମଗ୍ର ଭାରତର ମାନବସମ୍ବଳ ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବାରୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହାର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ସ୍ମରଣିକା 'ପ୍ରଜ୍ଞା', ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରିଥିଲେ। ପରେ ପରେ ଏସଜିଏଫଆଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ 'ଗୁରୁଦକ୍ଷିଣା' ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ, ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନରୁ ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଚିବ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିଷଦର କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେଇଥିଲେ।

## କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର୍




**ଦାରିଙ୍ଗବାଡ଼ି,୭ା୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ କାର୍ ଭିତରେ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଦାରିଙ୍ଗବାଡ଼ି ପୁଲିସ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣଙ୍କ ବିବାହିତ ହୋଇଥିବା ବେଳେ ଘଟଣା ପରେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ପୀଡ଼ିତା ଜଣଙ୍କ ଗତ ୩୧ ତାରିଖରେ ତାଙ୍କ ବଡ଼ ଭଉଣୀ ଘରକୁ ଗଣେଶ ପୂଜା ଦେଖିବାକୁ ସକାଶେ ଆସିଥିଲେ। ତେବେ ଗତ ଶୁକ୍ରବାର ସନ୍ଧ୍ୟାରେ ସେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ଭସାଣି ପାଇଁ ହୋଇଥିବା ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ଭସାଣି ଦେଖିବାକୁ ଯିବା ପୂର୍ବରୁ ସେ ତାଙ୍କର ଜ୍ୟାକେଟ୍‌ଟି ଜଣଙ୍କ ଘରେ ରଖିଥିଲେ। ସେ ଭସାଣି ପରେ ପ୍ରସାଦ ଖାଇ ସେଠାକୁ ଯାଇ ଜ୍ୟାକେଟ୍ ନେଇ ଫେରୁଥିବା ସମୟରେ ତାଙ୍କୁ ଅଭିଯୁକ୍ତ ଜଣଙ୍କ କାର୍‌ରେ ଜୋର ଜବରଦସ୍ତି ଉଠାଇ ନେଇ ଦାରିଙ୍ଗବାଡ଼ି ସହର ବାହାରକୁ ଚାଲିଯାଇଥିଲା। ଏକ ନିକାଞ୍ଚନ ସ୍ଥାନରେ ସେ ଗାଡ଼ି ରଖି ତା' ଭିତରେ ପୀଡ଼ିତାଙ୍କ ପ୍ରତି ବଳାତ୍କାର କରିଥିଲା। ତେବେ ଅଭିଯୁକ୍ତ ଜଣଙ୍କ ତାଙ୍କ କାରର ଡୋର୍ ଖୋଲିବା ମାତ୍ରେ ନାବାଳିକା ଖୁବ୍ ଜୋର୍‌ରେ ଚିତ୍କାର କରି ସେଠାରୁ ଖସିଆସିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଅଭିଯୁକ୍ତ ଜଣଙ୍କ ତାଙ୍କ ଚୁଟିକୁ ଧରି ଘୋଷାଡ଼ି ଘୋଷାଡ଼ି ପୁଣି କାର୍ ଭିତରେ ନେବା ସହ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଦାଖଲ ଏତଲାରେ ଉଲ୍ଲେଖ କରାଯାଇଛି। ପୀଡ଼ିତା ଗୁରୁତର ଥିବା ବେଳେ ପୁଲିସ୍ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ବି ଗିରଫ କରିନାହିଁ। ତେବେ ଏହି ଘଟଣା ଦାରିଙ୍ଗବାଡ଼ି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ରାଜଧାନୀରେ ଚାଞ୍ଚଲ୍ୟ, ୪ ଦିନ ହେଲା ଛାତ୍ର ନିଖୋଜ

**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** କରାଟେ କ୍ଲାସ୍‌କୁ ନିଖୋଜ ହୋଇଯାଇଛନ୍ତି ୧୬ ବର୍ଷୀୟ ଓମ୍ ମୁଖିଆ। ୪ ଦିନ ହେଲା ସେ ନିଖୋଜ ହୋଇଯାଇଥିଲେ ହେଁ ଅଦ୍ୟାବଧି ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରୁ ସେ ନିଖୋଜ ହୋଇଯାଇଛନ୍ତି। ଗତ ୪ ତାରିଖରେ ଓମ୍ କରାଟେ କ୍ଲାସ୍ ଯାଇଥିଲେ। ସେବେଠୁ ଆଉ ଘରକୁ ନ ଫେରିବାରୁ ମା' ଥାନାରେ ଏତଲା ଦେଇଥିଲେ। ଓମ୍ ରାସ୍ତାରେ ଚାଲି ଚାଲି ଯାଉଥିବାର ଭିଡିଓ ସିସିଟିଭିରେ କଏଦ ହୋଇଛି। କେବେ ସେ ଏବେ କେଉଁଠି ସେନେଇ କୌଣସି ଖୋଜଖବର ନାହିଁ। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତରେ ଅବହେଳା କରାଯାଉଥିଲା ନିଖୋଜ ଛାତ୍ରଙ୍କ ମା' ଅଭିଯୋଗ କରିଛନ୍ତି।

## ବସନ୍ତ ବିଶ୍ୱାଳଙ୍କ ଜୟନ୍ତୀ ପାଳିତ




**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ପୂର୍ବତନ କଂଗ୍ରେସ ନେତା ତଥା ଏକାଧିକ ଥର ମନ୍ତ୍ରୀ ରହିଥିବା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ୨୨ତମ ଜୟନ୍ତୀ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ପାଳିତ ହୋଇଛି। ବରିଷ୍ଠ ସାମାଜିକ କର୍ମୀ, ଲେଖକ ତଥା ସଂସ୍କୃତି ପୁରୁଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସ୍କୃତି ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱାଳଙ୍କର ଓଡ଼ିଶା ପ୍ରତି ଥିବା ଅବଦାନର ସ୍ମୃତିଚାରଣ କରିଥିଲେ। ବାରମ୍ବାର ବନ୍ୟା ଓ ବାତ୍ୟା ପରିସ୍ଥିତିରେ ରାଜ୍ୟର ଆର୍ଥିକ ପରିସ୍ଥିତି ଶୋଚନୀୟ ହେବା ପରିପ୍ରେକ୍ଷୀରେ ଶ୍ରୀ ବିଶ୍ୱାଳ କିପରି ଓଡ଼ିଶାର ଆର୍ଥିକ ଉନ୍ନତି ସକାଶେ ସ୍ୱତନ୍ତ୍ର ଯୋଜନାମାନ କରିଥିଲେ, ସେନେଇ ଶ୍ରୀ ଶତପଥୀ ସୂଚନା ଦେଇଥିଲେ। ସେହିପରି ଶ୍ରୀ ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବୁଦ୍ଧ ସଙ୍ଗରେ ୪୦ ବର୍ଷ' ଉନ୍ମୋଚିତ ହୋଇଥିଲା। ନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିବା ବେଳେ ବିଜେଡିର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥି ଓ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। 'ସମୟ' ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ପ୍ରତିଭାବାନ ଛାତ୍ରଛାତ୍ରୀ ତଥା ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଚନ୍ଦନ କୁମାର ମହନ୍ତ, ଦେବେନ୍ଦ୍ର ଖମାରୀ,ସୁଶୀଲ କୁମାର ନାୟକ,ବିନୀତ ମହାନ୍ତି, ସ୍ୱର୍ଣ୍ଣରେଖା ମନ୍ତ୍ରୀ,ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ ୱରିଷ୍ଠ ପ୍ରଶାସକ ତଥା ଲେଖକ ପ୍ରସନ୍ନ ମିଶ୍ର, ଶିକ୍ଷାବିତ୍ ମନୋରମା ବିଶ୍ୱାଳ ମହାପାତ୍ର, ଅମୀୟ କୁମାର ମଲ୍ଲିକ ପ୍ରମୁଖ।

## ସହରାଞ୍ଚଳରେ ପାର୍କିଂ ନୀତି ସଂକ୍ରାନ୍ତ ପରାମର୍ଶଦାତା କର୍ମଶାଳା




**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ସହରାଞ୍ଚଳ ଓଡ଼ିଶାରେ ପାର୍କିଂ ନୀତି ସଂକ୍ରାନ୍ତରେ ଏକ ପରାମର୍ଶଦାତା କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ରାଜ୍ୟର ପ୍ରମୁଖ ଅଂଶୀଦାରମାନେ ସହରାଞ୍ଚଳ ପାର୍କିଂର ବର୍ଦ୍ଧିତ ଚ୍ୟାଲେଞ୍ଜର ସ୍ଥାୟୀ ଓ ବ୍ୟାବହାରିକ ସମାଧାନ ଉପରେ ବିଚାରବିମର୍ଶ କରିଥିଲେ। ଗତ ଗୁରୁବାର ଅନୁଷ୍ଠିତ ଏହି କର୍ମଶାଳାରେ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ମ୍ୟୁନିସିପାଲ କମିଶନର, ଟ୍ରାଫିକ୍ ଓ ପରିବହନ ବିଶେଷଜ୍ଞ, ନଗର ଯୋଜନାକାରୀ, ସ୍ଥପତି, ନାଗରିକ ସମାଜ ପ୍ରତିନିଧି ଓ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ପାର୍କିଂର ଉତ୍ତମ ପରିଚାଳନା, ଭିଡ଼ ହ୍ରାସ ଓ ନିରାପଦ ଏବଂ ବାସଯୋଗ୍ୟ ସହରଗୁଡ଼ିକୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ ନୀତି ଢାଞ୍ଚା ସୃଷ୍ଟି କରିବା ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିଶୀଳ ସହରାଞ୍ଚଳରେ ଅନିୟନ୍ତ୍ରିତ ପାର୍କିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଭାବରେ ଉଭା ହୋଇଛି। ଏହାକୁ ସମାଧାନ କରି ଡ୍ରାଫ୍ଟ ନୀତିକୁ ଏଥିପାଇଁ ଡିଜାଇନ୍ କରାଯାଇଛି। ଏକ ସଂରଚିତ ବ୍ୟବସ୍ଥା ମାଧ୍ୟମରେ ଅନ୍-ଷ୍ଟ୍ରିଟ୍ ଓ ଅଫ୍-ଷ୍ଟ୍ରିଟ୍ ପାର୍କିଂକୁ ନିୟନ୍ତ୍ରଣ କରିବା, ଅବାଧ ପାର୍କିଂକୁ ନିରୁତ୍ସାହିତ କରିବା ପାଇଁ ଚାହିଦାଭିତ୍ତିକ ପାର୍କିଂ ଶୁଳ୍କ ପ୍ରଚଳନ କରାଯିବା, ଚାଲିବା, ସାଇକେଲିଂ ଓ ସାର୍ବଜନୀନ ପରିବହନ ସମନ୍ୱୟ ଭଳି ସ୍ଥାୟୀ ଗତିଶୀଳତା ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏଥିସହ ସହରାଞ୍ଚଳ ଜମି ଓ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ନିଶ୍ଚିତ କରିବା, ଦକ୍ଷ ପାର୍କିଂ ପରିଚାଳନା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବା ଦିଗରେ ଅଂଶଗ୍ରହଣକାରୀମାନେ ଆଧୁନିକ ଗତିଶୀଳତା ଧାରାଗୁଡ଼ିକୁ ସମନ୍ୱିତ କରିବା, ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଓ ପରିବେଶଗତ ସ୍ଥିରତା ଲକ୍ଷ୍ୟ ସହ ଢାଞ୍ଚାକୁ ସମନ୍ୱିତ କରିବା ଉପରେ ସମସ୍ତେ ପରାମର୍ଶ ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଆସ୍ଥା ମାଲହୋତ୍ରାଙ୍କ ଦ୍ୱାରା ପରିଚାଳିତ ଏକ ପ୍ୟାନେଲ ଆଲୋଚନାରେ ମୃଗାଙ୍କା ସକ୍ସେନା, ଜୋହରା ମୁତାବନ୍ନା, ବଙ୍କିମ କାଲରା, ଅଶ୍ୱତୀ ଦିଲୀପ ଏବଂ ପ୍ରଫେସର ଶାଲିନୀ ସିହ୍ନା ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ଏହି ପଦକ୍ଷେପ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିକୋଣ ସହ ସମନ୍ୱିତ, ଲୋକାଭିମୁଖୀ ଓ ସ୍ଥାୟୀ ସହର ବିକାଶ ପାଇଁ ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ କରାଯିବା ଦିଗରେ ସହାୟକ ହେବ ବୋଲି ଆଶା ରହିଛି।

## 'ଏସ୍‌ସିଏସ୍‌ଟି ଅତ୍ୟାଚାର ନିରାକରଣ ଆଇନ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର'



**ଭୁବନେଶ୍ୱର,୭ା୯(ସଂଚାର ବ୍ୟୁରୋ):** ୧୯୮୯ରୁ ଦେଶରେ ବାସ କରୁଥିବା ହଜାର ହଜାର ବର୍ଷରୁ ସାମାଜିକ ଅଧିକାରରୁ ବଞ୍ଚିତ ଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ତତ୍କାଳୀନ କଂଗ୍ରେସ ସରକାର ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସିଏସ୍‌ଟି) ଅତ୍ୟାଚାର ନିରାକରଣ ଆଇନ ଲାଗୁ କରିଥିଲେ। ସମ୍ବିଧାନର ଧାରା ୧୭ ଅନୁସାରେ ଏହି ବର୍ଗର ଲୋକମାନଙ୍କ ଉପରେ ଜାତିଗତ ବିଦ୍ୱେଷ ଯୋଗୁଁ କେହି ଅପରାଧିକ କାର୍ଯ୍ୟ କଲେ ଏହି ଆଇନ ଅନୁସାରେ ସମ୍ପୃକ୍ତ ଆସାମୀକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ଏହା ଏକ କେନ୍ଦ୍ରୀୟ ଆଇନ ହୋଇଥିବା ବେଳେ ଏହାର ସଂଶୋଧନ/ପରିବର୍ତ୍ତନ ଅଧିକାର କେବଳ ସଂସଦର ରହିଛି। ଏସ୍‌ସିଏସ୍‌ଟି ଅତ୍ୟାଚାର ନିରାକରଣ ଆଇନ ଅଧିନରେ ପଞ୍ଜିକୃତ ହେଲେ ନିୟମ ୭ ଅନୁସାରେ ଜଣେ ଡିଏସ୍‌ପି କିମ୍ବା ତଦୁର୍ଦ୍ଧ୍ୱ ପାହ୍ୟା ପୁଲିସ ପଦାଧିକାରୀଙ୍କୁ ମାମଲାର ଅନୁସନ୍ଧାନ ଦାୟିତ୍ୱ ଦିଆଯିବ। ତାଙ୍କୁ ୬୦ ଦିନ ଭିତରେ ଅନୁସନ୍ଧାନ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। କିନ୍ତୁ ଗତ ୩୦ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ବେଆଇନ ଭାବେ ଏହି ନିୟମ ୭ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଫଳରେ ନିୟମ ୭ରେ ଥିବା ଅନୁସନ୍ଧାନକାରୀ ଅଧିକାରୀ ଡିଏସପି ପରିବର୍ତ୍ତେ ଥାନାର ନିରୀକ୍ଷକ ଓ ଉପନିରୀକ୍ଷକଙ୍କୁ ଅନୁସନ୍ଧାନ ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏହାଦ୍ୱାରା ଥାନାରେ ରହୁଥିବା ନିରୀକ୍ଷକ ଓ ଉପନିରୀକ୍ଷକ କ୍ଷତିଗ୍ରସ୍ତ ଏତଲାକାରୀଙ୍କୁ ନ୍ୟାୟ ଦେବାରେ ବିଫଳ ହେବାର ଆଶଙ୍କା ରହିଛି। ଅତ୍ୟାଚାର କରୁଥିବା ଆସାମୀମାନେ ପରୋକ୍ଷରେ ପ୍ରୋତ୍ସାହନ ପାଇବେ ବୋଲି କଂଗ୍ରେସର ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ତେଣୁ ରାଜ୍ୟ ସରକାର ଗତ ୩୦ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି। ଏପରି ନ ହେଲେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପୂର୍ବତନ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବୀ ପ୍ରକୋଷ୍ଠର ଅଧ୍ୟକ୍ଷ ହଳଧର ସେଠୀ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅନିମା ମିଞ୍ଜ ଓ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ, ରାଜ୍ୟ ଅନୁସୂଚିତ ଜାତି ବିଭାଗ ସାଧାରଣ ସମ୍ପାଦକ ଶ୍ରୀବତ୍ସ ମଲ୍ଲିକ, ବିଭାଗର ସମ୍ପାଦକ ସଞ୍ଜୟ କୁମାର ମଲ୍ଲିକ, ବିକାଶ ଦାସ, ପ୍ରମୋଦ ମଲ୍ଲିକ, ଉଦକର ଜେନା, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପରମ୍ପରା ବନାମ ଆଧୁନିକତା

ଆଧୁନିକ ଯୁଗରେ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଏକ ଅନନ୍ତ ବିବାଦ ଚାଲିଛି। ଏହି ବିବାଦ କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ, ସମାଜ, ସଂସ୍କୃତି ଏବଂ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ପ୍ରଭାବ ପକାଇଛି। ପରମ୍ପରା ଆମର ମୂଳଧାର, ଯାହା ଆମକୁ ଅତୀତର ଜ୍ଞାନ, ମୂଲ୍ୟବୋଧ ଏବଂ ସଂସ୍କୃତିର ସମ୍ପର୍କରେ ରଖିଥାଏ। ଅନ୍ୟପକ୍ଷରେ, ଆଧୁନିକତା ବିଜ୍ଞାନ, ପ୍ରଯୁକ୍ତି ଏବଂ ନୂତନ ଚିନ୍ତାଧାରାର ପ୍ରତୀକ, ଯାହା ଜୀବନକୁ ସରଳ ଏବଂ ଉନ୍ନତ କରିଥାଏ। କିନ୍ତୁ ଏହି ଦୁଇଟିର ମଧ୍ୟରେ ସନ୍ତୁଳନ ରକ୍ଷା ନକରିବା ଦ୍ୱାରା ସମାଜରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଏହି ସମ୍ପାଦକୀୟରେ ଆମେ ଏହି ବିଷୟର ବିଭିନ୍ନ ପାର୍ଶ୍ୱକୁ ଆଲୋଚନା କରିବୁ।



ପରମ୍ପରା ଆମର ସଂସ୍କୃତିର ମୂଳସ୍ତମ୍ଭ। ଓଡ଼ିଆ ସଂସ୍କୃତିରେ ପରମ୍ପରା ଯେପରିକି ରଥଯାତ୍ରା, ଦୀପାବଳି, ଗଣେଶ ପୂଜା ଆଦି ଉତ୍ସବଗୁଡ଼ିକ ଆମକୁ ଏକତା, ଭକ୍ତି ଏବଂ ସମ୍ପର୍କର ମହତ୍ତ୍ୱ ଶିଖାଇଥାଏ। ଏହି ପରମ୍ପରାଗୁଡ଼ିକ ଆମର ପରିଚୟର ଅଂଶ, ଯାହା ବିଦେଶୀ ପ୍ରଭାବରୁ ଆମକୁ ରକ୍ଷା କରିଥାଏ। ପରମ୍ପରା ସାମାଜିକ ସ୍ଥିରତା ପ୍ରଦାନ କରିଥାଏ ଏବଂ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିଥାଏ। ଉଦାହରଣ ସ୍ୱରୂପ, ପରିବାରରେ ବୟସ୍କଙ୍କୁ ସମ୍ମାନ ଦେବାର ପରମ୍ପରା ସମାଜକୁ ଏକ ନିର୍ଭରଶୀଳ ରୂପ ଦେଇଥାଏ। କିନ୍ତୁ ଅନ୍ଧବିଶ୍ୱାସ ଏବଂ ପୁରାତନ ରୀତିନୀତି ଯେପରିକି ଜାତିବାଦ ବା ମହିଳା ଅଧିକାରର ହନନ ପରମ୍ପରାର ନାମରେ ଚାଲିଥାଏ, ତାହା ବିକାଶର ବାଧକ ହୋଇପାରେ। ଅନ୍ୟଦିଗରେ, ଆଧୁନିକତା ବିଜ୍ଞାନ ଏବଂ ପ୍ରଯୁକ୍ତିର ଉପହାର। ଇଣ୍ଟରନେଟ୍, ସ୍ମାର୍ଟଫୋନ୍ ଏବଂ ଆର୍ଟିଫିସିୟାଲ୍ ଇଣ୍ଟେଲିଜେନ୍ସ ଯୁଗରେ ଆମର ଜୀବନ ସରଳ ହୋଇଛି। ଓଡ଼ିଶାରେ ଆଧୁନିକ ଶିକ୍ଷା ବ୍ୟବସ୍ଥା, ଚିକିତ୍ସା ସୁବିଧା ଏବଂ ଉଦ୍ୟୋଗର ବିକାଶ ଆଧୁନିକତାର ଫଳ। ଏହା ମହିଳାଙ୍କୁ ସ୍ୱାଧୀନତା ଦେଇଛି, ବେରୋଜଗାରୀ ହ୍ରାସ କରିଛି ଏବଂ ଅର୍ଥନୀତିକୁ ବଳିଷ୍ଠ କରିଛି। କିନ୍ତୁ ଆଧୁନିକତାର ଅତ୍ୟଧିକ ପ୍ରଭାବ ପରିବାର ବିଚ୍ଛିନ୍ନତା, ସାଂସ୍କୃତିକ ହ୍ରାସ ଏବଂ ପରିବେଶ ପ୍ରଦୂଷଣ ସୃଷ୍ଟି କରିପାରେ। ଉଦାହରଣ ସ୍ୱରୂପ, ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ଯୁବକଙ୍କୁ ନିଜ ସଂସ୍କୃତିରୁ ଦୂର କରିଦେଇଛି।

ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ସଂଘର୍ଷ ଅନେକ ସମୟରେ ଦେଖାଯାଏ। ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳରେ ପରମ୍ପରାଗତ କୃଷି ବ୍ୟବସ୍ଥା ଆଧୁନିକ ଯନ୍ତ୍ରପାତିର ସହାୟତାରେ ଉନ୍ନତ ହୋଇପାରେ, କିନ୍ତୁ ଅତ୍ୟଧିକ ରାସାୟନିକ ବ୍ୟବହାର ପରିବେଶକୁ କ୍ଷତିଗ୍ରସ୍ତ କରିଥାଏ। ସମାନ ଭାବରେ, ବିବାହ ଏବଂ ପରିବାର ବ୍ୟବସ୍ଥାରେ ପରମ୍ପରାଗତ ମୂଲ୍ୟବୋଧ ଆଧୁନିକ ଚିନ୍ତାଧାରା ସହିତ ମିଶିବା ଆବଶ୍ୟକ। ଏହି ସଂଘର୍ଷର ସମାଧାନ ହେଉଛି ସମତୋଳନ। ଆମେ ପରମ୍ପରାର ଉତ୍ତମ ଅଂଶକୁ ଗ୍ରହଣ କରି ଆଧୁନିକତାର ଲାଭକୁ ଉପଭୋଗ କରିବା ଉଚିତ୍।

ଓଡ଼ିଶା ପରି ଏକ ରାଜ୍ୟରେ, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତାର ମିଳନ ଦେଖାଯାଏ, ସରକାର ଏବଂ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାରେ ପରମ୍ପରାଗତ ଜ୍ଞାନକୁ ଆଧୁନିକ ପାଠ୍ୟକ୍ରମ ସହିତ ଯୋଡ଼ିବା ଦ୍ୱାରା ଯୁବକମାନଙ୍କୁ ପ୍ରସ୍ତୁତ କରାଯାଇପାରିବ। ସଂସ୍କୃତିକ ଉତ୍ସବଗୁଡ଼ିକୁ ଆଧୁନିକ ପ୍ରଯୁକ୍ତି ସହାୟତାରେ ପ୍ରଚାର କରିବା ଦ୍ୱାରା ସଂସ୍କୃତିର ସଂରକ୍ଷଣ ହୋଇପାରିବ। ଅନ୍ତର୍ଜାତୀୟ ଉଦାହରଣ ଯେପରିକି ଜାପାନ୍, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତାର ସମନ୍ୱୟ ଦେଖାଯାଏ, ଆମକୁ ପ୍ରେରଣା ଦେଇଥାଏ।

ଶେଷରେ, ପରମ୍ପରା ଏବଂ ଆଧୁନିକତା ପରସ୍ପରର ଶତ୍ରୁ ନୁହେଁ, ବରଂ ପରିପୂରକ। ଆମେ ଅତୀତରୁ ଶିଖି ଭବିଷ୍ୟତକୁ ଗଢ଼ିବା ଉଚିତ୍। ଏକ ସମତୁଲ୍ୟ ଦୃଷ୍ଟିକୋଣ ସହିତ ଆମେ ଏକ ଉନ୍ନତ ଏବଂ ସଂସ୍କୃତିକ ସମୃଦ୍ଧ ସମାଜ ଗଠନ କରିପାରିବୁ। ଏହା କେବଳ ବ୍ୟକ୍ତିଗତ ବିକାଶ ନୁହେଁ, ରାଷ୍ଟ୍ରର ଅଗ୍ରଗତିର ଚାବିକାଠି।

# ଯାତ୍ରାକାଳୀନ ସୁଖଦ ଅନୁଭୂତି



ଅନୀତା ପଟ୍ଟନାୟକ

ମୋର ବାନ୍ଧବୀ ଭାଗ୍ୟଲକ୍ଷ୍ମୀ ତାର ସ୍ୱାମୀ ଅରୁଣଙ୍କ ସହିତ 'ବ୍ଲୁ ଫ୍ଲାଗବିଚ୍' ବୁଲିବାକୁ ଯାଇଥିଲେ। ରାସ୍ତାରେ ସେ ଅରୁଣଙ୍କୁ ପଚାରି ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କାହିଁକି କରାଯାଇଥିଲା? ଏହାର ଅର୍ଥ କ'ଣ?ସେ କହିଥିଲେ କରୁଣାର ଫାଶୀ କାଠରେ ଆମେ ଆମର ଅହଂକାରକୁ ଝୁଲାଇ ଦେବା ଉଚିତ। ଭାଗ୍ୟଲକ୍ଷ୍ମୀ ଗାଡ଼ି ଚାଲୁଥିବା ସମୟରେ ଅରୁଣ ବାବୁଙ୍କୁ କହିଲ ମୁଁ ଚିଡ଼ି ଯାଉଚି ବୋଲି ତୁମେ ବ୍ୟସ୍ତ ହେଉଛ। ଜାଣିଚ କାଲି ଓଜନ ଯନ୍ତ୍ରରେ ଠିଆ ହେଲା ବେଳେ ଜାଣିଲି ମୋର ଦଶ କେଜି ଓଜନ ବଢ଼ିଯାଇଛି। ଅରୁଣ ବାବୁ ଥଟ୍ଟାରେ କହିଲେ ତୁମର ମୃତ୍ୟୁପରେ ତୁମକୁ ବୋହି ନେଉଥିବା ଲୋକଙ୍କ ପାଇଁ ତୁମେ ଦଶ କେଜିର ଅଧିକ ଓଜନ ହେବ। ଆମେ ଶ୍ରୀକ୍ଷେତ୍ରକୁ ଯାଉଥିବାବେଳେ ସବୁ ଦୃଷ୍ଟିରୁ ହାଲୁକା ହେବା ଉଚିତ ଓ ଧର୍ମ ପରାୟଣତାର ଓଜନ ବଢ଼ାଇବା ଉଚିତ। ଭାଗ୍ୟଲକ୍ଷ୍ମୀ ଏ ଉତ୍ତର ଶୁଣି ଲାଜେଇ ଗଲା।

ଏଥର ଭାଗ୍ୟଲକ୍ଷ୍ମୀ ଅରୁଣ ବାବୁଙ୍କୁ ପଚାରିଲା କହିଲ ଦେଖି ରାବଣ, ହିରଣ୍ୟକଶିପୁ, ହିରାଣାକ୍ଷ୍ୟ, ଦୁର୍ଯ୍ୟୋଧନ ଏମାନଙ୍କର ଚରିତ୍ର ରାମାୟଣ ଓ ମହାଭାରତରେ କାହିଁକି ବର୍ଣ୍ଣିତ ହୋଇଛି? ସେମାନେ ସୁରକ୍ଷିତ, ଶକ୍ତିଶାଳୀ, ଶାରିରୀକ ଦୃଷ୍ଟିକୋଣରୁ ବଳବାନ ଓ ବୀର ଥିଲେ। ଅରୁଣ ବାବୁ କହିଲେ ନାଁ। ସେମାନଙ୍କ ନିକଟରେ ସଦଗୁଣ, ସଦାଚାରୀ ହେବାର ଆକାଂକ୍ଷା। ଓ ଧର୍ମ ଅନୁଶୀଳନ କରିବାର ଆଶା ଅନୁପସ୍ଥିତ ଥିଲା। ତେଣୁ ଏହି ଦୋଷଗୁଡ଼ିକ ଯୋଗୁଁ ସେମାନେ ବିଧ୍ୱଂସ ହୋଇଥିଲେ। ଅରୁଣ ବାବୁ ଗାଡ଼ି ଚଳାଉଥିବା ସମସ୍ତରେ ତାଙ୍କ ପାଖରେ କୌଣସି ବ୍ୟକ୍ତି ଶୋଇପଡ଼ିଲେ ବିରକ୍ତ ହୁଅନ୍ତି। ସେ ତାଙ୍କ ପତ୍ନୀଙ୍କୁ ପଚାରିଲେ, ଶୋଇପଡ଼ିଲ କି? ଭାଗ୍ୟଲକ୍ଷ୍ମୀ ଉଠିପଡ଼ି କହିଲା ନା ମୁଁ ଭାବୁଥିଲି ଭଗବାନଙ୍କୁ ନୀରବଦ୍ରଷ୍ଟା, ନୀରବସାକ୍ଷୀ ଭାବେ କାହିଁକି ବର୍ଣ୍ଣନା କରାଯାଇଛି?

ଅରୁଣବାବୁ କହିଲେ, ଆଖି ଦେଖେ। କିନ୍ତୁ ଆଖିକୁ କିଏ ଦେଖେ? ଆଖି ଦ୍ୱାରା ଉପଲବ୍ଧ ଅନୁଭୂତିକୁ କିଏ ଅନୁଭବ କରେ? ତାହା ହେଉଛି ମନ। ବସ୍ତୁ ଜଗତ ହେଉଛି ଦୃଶ୍ୟ। ଆଖି ହେଉଛି ଦ୍ରଷ୍ଟା ଏବେ ବୁଦ୍ଧି ଦ୍ରଷ୍ଟା ହେବା ବେଳେ ମନ ହେଉଛି ଦୃଶ୍ୟ। ଶେଷରେ ବୁଦ୍ଧି ମଧ୍ୟ ଦୃଶ୍ୟ କାରଣ ଆତ୍ମା ହେଉଛି ପରମ ଦ୍ରଷ୍ଟା। ସେ ସାକ୍ଷୀ ଭାବରେ ମନତତ୍ତ୍ୱର ନାଟକକୁ ଲକ୍ଷ୍ୟ କରେ।

ପୁରୀ ପାଖାପାଖି ହୋଇଯିବାରୁ ଭାଗ୍ୟଲକ୍ଷ୍ମୀ ଚାରିଟି ଆଳୟ ଦେଖିଲା। ଯଥା ଭୋଜନାଳୟ, ଆରୋଗ୍ୟାଳୟ, ବିଦ୍ୟାଳୟ ଓ ଦେବାଳୟ। ସେ ଅରୁଣ ବାବୁଙ୍କୁ ପଚାରିଲା। ଏ ଆଳୟ ସବୁ କିପରି ହେବା ଉଚିତ। ଅରୁଣ ବାବୁ ମଜାଳିଆ ସ୍ୱରରେ କହିଲେ, ଭୋଜନାଳୟ ମିତବ୍ୟୟୀରେ ଶୁଦ୍ଧ ଓ ପୁଷ୍ଟିକର ଖାଦ୍ୟ ଦେବା ଉଚିତ। ଅରୋଗ୍ୟାଳୟକୁ ଯାଇ ତୁମେ ଜାଣ ଯେ ତୁମର ସୁସ୍ଥ ଖାଦ୍ୟାଭ୍ୟାସ ନାହିଁ କି ତୁମେ ତାକୁ ଗ୍ରହଣ କରିବାକୁ ଆଗ୍ରହୀ ନୁହେଁ। ବିଦ୍ୟାଳୟ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକକୁ ଭରି ଦେଉ। ମୂଳ ସଂସ୍କୃତି ଶିକ୍ଷା ଦେଉ ଓ ପିଲାଙ୍କ ଗଢ଼ିବାରେ ସାହାଯ୍ୟ କରୁ। ସେହିପରି ଦେବାଳୟ ଏକତ୍ୱ ବିଶ୍ୱାସ ଓ ପ୍ରେମରେ ସମସ୍ତଙ୍କୁ ଭରି ଦେବା ଉଚିତ। ବାଟ ମଙ୍ଗଳା ନିକଟରେ ଭାଗ୍ୟଲକ୍ଷ୍ମୀ ଦେଖିଲା ଯଜ୍ଞ ହେଉଛି ସେଠାରେ ଏକ ହୋଟେଲରେ ଭଲ ଚା ମିଳୁଥିଲା ଉଭୟେ ଓହ୍ଲାଇ ଚା ପିଇଲେ। ଭାଗ୍ୟଲକ୍ଷ୍ମୀ ପଚାରିଲା ଯଜ୍ଞ କ'ଣ? ଅରୁଣ ବାବୁ ଚିରାଚରିତ ଢ଼ଙ୍ଗରେ କହିଲେ ଭଗବାନଙ୍କ ଯଶ ପାଇଁ ଉତ୍ସର୍ଗୀକୃତ ଯେ କୌଣସି କାର୍ଯ୍ୟକୁ ଯଜ୍ଞ କୁହାଯାଏ? ଭାଗ୍ୟଲକ୍ଷ୍ମୀ ପୁଣି ପଚାରିଲା, ଯଜ୍ଞ ପାଇଁ କ'ଣ ତପ ଆବଶ୍ୟକ? ଅରୁଣ ବାବୁ କହିଲେ ମନରେ ଶାନ୍ତି ଓ ବିଶ୍ୱାସ ସୁନିଶ୍ଚିତ କରି ନାହିଁ ତପ। ଏଥର ଉଭୟେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଗଲେ।

ଭାଗ୍ୟଲକ୍ଷ୍ମୀ ପଚାରିଲା ପୁରୁଷ ଅର୍ଥ କ'ଣ? ଅରୁଣ ବାବୁ କହିଲେ ଯେ ପୁରରେ ବାସରେ। ଭଗବାନ ପୁରର ନିବାସୀ ଏଥର ଭାଗ୍ୟଲକ୍ଷ୍ମୀ ପଚାରିଲା ତାଙ୍କର ନାମ ପୁରୁଷୋତ୍ତମ କାହିଁକି ହୋଇଛି। ଅରୁଣ ବାବୁ କହିଲେ ସେ ପୁରୁଷୋତ୍ତମଙ୍କ ମଧ୍ୟରେ ଉତ୍ତମ ଓ ସବୁ ପୁରର ପରମ ନିବାସୀ। ଭାଗ୍ୟଲକ୍ଷ୍ମୀ ପଚାରିଲା ମୁଁ ପୁରୁଷୋତ୍ତମଙ୍କୁ କିପରି ଜାଣିବି? ଚିରାଚରିତ ଢ଼ଙ୍ଗରେ ହସି ଦେଇ ଅରୁଣ କହିଲେ ନିଜକୁ ଠିକ ଭାବେ ଶିକ୍ଷିତ କଲେ। ଦୁହେଁ ପୁରୁଷୋତ୍ତମଙ୍କୁ ଦର୍ଶନ କରି ମହାପ୍ରସାଦ ଖାଇ ସମୁଦ୍ର କୂଳ ଆଡ଼େ ଆଗେଇ ଚାଲିଲେ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ମୋବାଇଲ୍: ୯୬୯୨୯୮୦୦୨୬**

# ଭାବର ବାଣୀ ଭାଗବତ



ପୁଷ୍ପମିତ୍ର ମହାପାତ୍ର

ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ରଚନା ନବାକ୍ଷରୀ ଭାଗବତ। ଭାଦ୍ରବ ମାସ ଇନ୍ଦୁ ପୂର୍ଣ୍ଣିମା ହୋଇଥିଲା ପବିତ୍ର ଭାଗବତ ପୁରାଣର ଜନ୍ମ ଦିନ। ତେଣୁ ଓଡ଼ିଶାର ଘରେ ଘରେ ଆଜି ପାଳିତ ହେଉଛି ଭାଗବତ ଜନ୍ମ ମହୋତ୍ସବ। ଭକ୍ତ ଜଗନ୍ନାଥ ଦାସଙ୍କ ଏହି ନବାକ୍ଷରୀ ଭାଗବତ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ। ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ଭକ୍ତିଭାବର ପ୍ରତୀକ। ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣିମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲି ଜୟନ୍ତୀ ଭାବେ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ। ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ। ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ। ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା। ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଳ୍ପାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି। ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି। ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର। ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ। ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ। ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍। ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ।




ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ। ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ। ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି। ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ। ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ। ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି। ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ। ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି। ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି। ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ।

ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି। ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ। ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି। ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ। ଓଡ଼ିଆ ଭାଷାର ଦୁର୍ଲ୍ଲଭ ଉପଦେଶ ଭଣ୍ଡାର ଭାଗବତ ଗ୍ରନ୍ଥରେ ଭରି ରହିଛି। ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍ଥାନର ଏକମାତ୍ର ସମ୍ପତ୍ତି ହେଉଛି ପରମ ଶାସ୍ତ୍ର ଭାଗବତ। ସ୍ୱୟଂ ଭଗବାନ ଏହି ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତରେ ରହିଛନ୍ତି। ସମ୍ପୂର୍ଣ୍ଣ ଭାଗବତ ପଢ଼ିଲେ ଆମେ ଭଗବାନଙ୍କ ଲୀଳା ଅନୁଭବ କରିପାରିବା।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# ସୋମନାଥ ବ୍ରତର ମାହାତ୍ମ୍ୟ



ପ୍ରଶାନ୍ତ କୁମାର ନାୟକ

ଭଗବାନ ଶିବଙ୍କର ମାହାତ୍ମ୍ୟ ପ୍ରତିପାଦନ ଉଦ୍ଦେଶ୍ୟରେ ଓଡ଼ିଶାରେ କେତେକ ବ୍ରତ ଉପାସନା ଇତ୍ୟାଦି ପାଳିତ ହୋଇଥାଏ। ସେହି ବ୍ରତଗୁଡିକ ମଧ୍ୟରୁ ସୋମନାଥ ବ୍ରତ ଅନ୍ୟତମ। ସାମାଜିକ ପ୍ରାଣୀ ମଣିଷ ହୃଦୟରେ ଆଧ୍ୟାତ୍ମିକ ଭାବର ଉଦ୍ରେକ କରିବାପାଇଁ ପ୍ରାଚୀନକାଳର ଲେଖକ ଓ କବିଗଣ ସର୍ବଜନବୋଧ ଭାଷାରେ ସୁନ୍ଦର ତଥା ଉପଦେଶାତ୍ମକ କାହାଣୀ ପରିବେଷଣ କରିଯାଇଛନ୍ତି ଏହି ଓଷା ବ୍ରତ କଥାଗୁଡିକ ମାଧ୍ୟମରେ।

ସୋମ ଅର୍ଥାତ୍ ଚନ୍ଦ୍ର, ସୋମନାଥ ଅର୍ଥାତ ଚନ୍ଦ୍ରଙ୍କର ଯିଏ ନାଥ ସିଏ ସୋମନାଥ। ସଂକ୍ଷେପରେ ବୁଝିବାକୁ ହେଲେ ସୋମନାଥ କହିଲେ ଭଗବାନ ଶିବଶଙ୍କରଙ୍କୁ ବୁଝାଏ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ସୋମନାଥ ହେଉଛନ୍ତି ପ୍ରଥମ ଜ୍ୟୋତିର୍ଲିଙ୍ଗ ଯାହା ବର୍ତ୍ତମାନ ଗୁଜରାଟର ବେରାବଲ ନିକଟସ୍ଥ ପ୍ରଭାସପାଟଣା ଠାରେ ଅବସ୍ଥିତ। ସ୍ୱୟଂ ସୋମ ଅର୍ଥାତ୍ ଚନ୍ଦ୍ର ନିଜ ଆରାଧ ବା ନାଥ ଅର୍ଥାତ୍ ସୋମନାଥ କିମ୍ବା ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରିଥିଲେ। ୧୫୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ପୂର୍ବେ ଅତ୍ୟନ୍ତ ବିତ୍ତଶାଳୀଥିବାରୁ ୧୦୨୬ ଖ୍ରୀଷ୍ଟାବ୍ଦରେ ମହମ୍ମଦ ସୁଲତାନ୍ ଗଜନୀ ୧୭ ଥର ଏହି ମନ୍ଦିରକୁ ଆକ୍ରମଣ କରି ଲୁଣ୍ଠନ କରିଥିଲେ।

ଏହି ମହାନ ବ୍ରତ ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଆରମ୍ଭ କରାଯାଇ ଆଶ୍ୱିନ ମାସ ଦଶମୀତିଥି ବା ଦଶହରାଦିନ ବ୍ରତର ଉଦଯାପନ କରାଯାଇଥାଏ। ଶାକ୍ତ ଏବଂ ଶୈବ ପରମ୍ପରାର ଏକ ଅନନ୍ୟ ଓଷାବ୍ରତ ହେଲା ସୋମନାଥ ବ୍ରତ। ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନକଲେ ଜଣାଯାଏଯେ, ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ରୁଦ୍ର ସୁଧାନିଧି, ନାଥ ସାହିତ୍ୟ ଓ ମାଦଳାପାଞ୍ଜି ଭଳି ସୋମନାଥ ବ୍ରତର ମଧ୍ୟ ଏକ ଅନନ୍ୟ ପରମ୍ପରା ରହିଛି ଯାହାକି ଭଗବାନ ଶିବଙ୍କର ଅଲୌକିକତା ବର୍ଣ୍ଣନା ଦିଗରେ ବିଶେଷ ସହାୟକ ହୋଇଥାଏ ଏବଂ ଏହି ଶୈବଧର୍ମପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିଥାଏ।

ଶୈବ ସାହିତ୍ୟର ବିକାଶଧାରାରେ ସୋମନାଥ ବ୍ରତକଥା ହେଉଛି ଏକ ଅନନ୍ୟ ଉଦାହରଣ। ଶିବ ଉପାସନାର ମହତ୍ତ୍ୱ ପ୍ରତିପାଦନ ହେଉଛି ଏହାର ସୃଷ୍ଟିଜନିତ ମୌଳିକ ଆବେଦନ। ବୈଦିକ, ଧର୍ମୀୟ କର୍ମକାଣ୍ଡରୁ ବଞ୍ଚିତ ହୋଇ ବ୍ରାହ୍ମଣବାଦର ଉପେକ୍ଷା ଏବଂ ଆଧିପତ୍ୟର କବଳରୁ ଦୂରେଇ ରହିଥିବା ସାଧାରଣ ଓଡ଼ିଆର ଆଧ୍ୟାତ୍ମିକ ତୃଷ୍ଣା ନିବାରଣ କରିବାକୁ ଜନ୍ମ ନେଇଥିଲା ଅନେକ ପ୍ରକାରର ଲୌକିକ ଧର୍ମ ଏବଂ ଓଷାବ୍ରତର ପରଂପରା। ଏସବୁ ଦିଗରେ ଶୈବଧର୍ମ ପ୍ରଦାନ କରିଥିଲା ଏକ ବଳିଷ୍ଠ ଭିତ୍ତିଭୂମି ଯାହାର ପ୍ରଭାବରେ ଉତ୍କଳର ପ୍ରତି ଗ୍ରାମରେ ଗଣ ଉଦ୍ୟମ ଓ ପୃଷ୍ଠପୋଷକତାରେ ଗଢି ଉଠିଥିଲା ଅସଂଖ୍ୟ ଶୈବପୀଠ। ନାଥଧର୍ମ ପରେ ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏଯେ, ଓଡ଼ିଆ ସାହିତ୍ୟର ବିକାଶ ପର୍ଯ୍ୟାୟରେ ଯେତେବେଳ ନାଥଧର୍ମର ପରଂପରା ଚାଲିଥିଲା ଏବଂ ପରେପରେ ରୁଦ୍ରସୁଧାନିଧି ରଚିତ ହୋଇଥିଲା ଯାହା ଶୈବଧର୍ମ ପରଂପରା ଆନୁଗତ୍ୟ ଏବଂ କଳସା ଚଉତିଶା ମଧ୍ୟ ଏହି ପରିପ୍ରେକ୍ଷୀରେ ରଚିତ ହୋଇଥିଲା। ଏହି ପରମ୍ପରାରେ ସୋମନାଥ ବ୍ରତକଥା ମଧ୍ୟ ସେହି ଗଣଧର୍ମରେ ପରିଣତ ହୋଇଥିବା ଶୈବଧର୍ମର ଆଧ୍ୟାତ୍ମିକ ଆବେଦନକୁ ଗଣଚେତନା ଜରିଆରେ ସର୍ବସମ୍ମୁଖରେ ଉପସ୍ଥାପିତକରେ। ବ୍ରତ ପାଳନର ପରଂପରାଟିଏ ସମ୍ଭବତଃ ଗଜପତି ଶାସନର ଅନ୍ତିମ କାଳରେ ଓଡ଼ିଶାର ଜନଜୀବନରେ ଗଢିଉଠିଛି। ଶୈବଧର୍ମର ମହିମା ପ୍ରତିପାଦନ ପୂର୍ବକ ଜୀବନର ଅଭିଷ୍ଟ ପ୍ରାପ୍ତି ଦିଗରେ ବ୍ରତକୁ ଏକ ଧାର୍ମିକ ତପସ୍ୟାର ରୂପ ପ୍ରଦାନ କରାଯାଇଛି। ଆପଣାର ଉପାସକଙ୍କୁ ପ୍ରଖ୍ୟାପିତ ଉପାସ୍ୟଙ୍କ ନିକଟରେ ବାନ୍ଧିରଖିବା କଥା ବ୍ରତରେ ଲକ୍ଷ୍ୟକରାଯାଏ। ଉପାସ୍ୟଙ୍କ ମହିମା ପ୍ରଚାରକୁ ବ୍ରତର ଗୋଟିଏ ଭାଗରେ ପ୍ରତିପାଦନ କରାଯାଏ। ଆରାଧଙ୍କ ମହିମା ବର୍ଣ୍ଣନା କରିବାକୁଯାଇ ଏଥିରେ କେତେକ ଅଲୌକିକ କାହାଣୀର ଅବତାରଣା କରାଯାଏ। ଅପର ଦିଗରେ ବ୍ରତପ୍ରତି ଅବହେଳା ବା ଅବଜ୍ଞା କଲେ ତାହାର ପରିଣତି କେମିତି ଭୋଗିବାକୁ ହୁଏ ସେ ସଂପର୍କିତ ଚେତାବନୀର ମଧ୍ୟ ଅବତାରଣା କରାଯାଇଥାଏ। ସୋମନାଥ ବ୍ରତ କଥା ମଧ୍ୟ ସେହି ଐତିହାସିକ ପୃଷ୍ଠଭୂମିର ଏକ ପ୍ରାମାଣିକ ଗ୍ରନ୍ଥ ଅଟେ। ଗଣ ଜୀବନ ଭିତରେ ଶୈବ ଜୀବନକୁ ସୁରକ୍ଷିତ ଭାବରେ ରଖିବାର ଆକୁଳ ପ୍ରୟାସରୁ ହିଁ ଏହାର ଜନ୍ମ। ସମ୍ଭବତଃ ଗଜପତି ପୁରୁଷୋତ୍ତମ ଦେବଙ୍କ ଶାସନକାଳ ଖ୍ରୀ:ପୂ : ୧୪୬୭ ରୁ ୧୪୯୭ ମଧ୍ୟରେ ଅର୍ଥାତ୍ ଖ୍ରୀ:ପୂ: ପଞ୍ଚଦଶ ଶତାବ୍ଦୀର ଶେଷଭାଗ ସୁଦ୍ଧା ସୋମନାଥ ବ୍ରତକଥା ରଚିତ ହୋଇଥିବାର ଜଣାଯାଏ। ଓଡ଼ିଶାର ବହୁଜନାଦୃତ ବ୍ରତଗୁଡିକ ମଧ୍ୟରେ ସୋମନାଥ ବ୍ରତ ଅନ୍ୟତମ। ଶିବ ହେଉଛନ୍ତି ଏହି ବ୍ରତର ଉପାସ୍ୟ ଦେବତା। ଏହାକୁ ନାରୀମାନେ ଶୁଦ୍ଧପୂତ ଭାବରେ ପାଳନ କରିଥା'ନ୍ତି। ବିଶିଷ୍ଟ ଗବେଷକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ୧୯୩୨ ଖ୍ରୀଷ୍ଟାବ୍ଦରେ ନିଜ ସଂପାଦିତ ଗ୍ରନ୍ଥ ' ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ ' ରେ ସୋମନାଥ ବ୍ରତର କିଛିଅଂଶ ଆଲୋଚନା କରିଥିଲେ ଏବଂ ସର୍ବ ପ୍ରଥମେ ଏହାକୁ ଲୋକଲୋଚନକୁ ଆଣିଥିଲେ। ପରବର୍ତ୍ତି ସମୟରେ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ୧୯୬୮ ମସିହାରେ ଏହାକୁ ସଂପୂର୍ଣ୍ଣ ସଂକଳନ କରିଥିଲେ। ଏହି ଉଭୟ ସଂକଳନରେ ଭାଷା ଓ ଶୈଳୀଗତ ପ୍ରଭେଦ ରହିଛି।

ବ୍ରତର ବର୍ଣ୍ଣନାରୁ ଜଣାଯାଏ ଯେ, ଏକଦା କୈଳାସ ପର୍ବତରେ ଭଗବାନ ଶିବ ଦେବୀ ପାର୍ବତୀଙ୍କୁ ସାଙ୍ଗରେନେଇ ଆନନ୍ଦରେ ପରିଭ୍ରମଣ କରୁଥାଆନ୍ତି। ସେଠାରେ ତେତିଶ କୋଟି ଦେବଦେବୀ ମଧ୍ୟ ଉପସ୍ଥିତ ଥା'ନ୍ତି। ଏହି ସମୟରେ ମାତା ପାର୍ବତୀ ଶିବଶଙ୍କରଙ୍କୁ ପ୍ରଶ୍ନକଲେଯେ, ହେ ପ୍ରଭୁ ଏମିତି କେଉଁ ବ୍ରତ ଅଛି ଯେଉଁଥିରେ ଆପଣ ଅଧିକ ସନ୍ତୋଷ ହୋଇଥାଆନ୍ତି ମୋତେ ତାହା କୁହନ୍ତୁ। ମୁଁ ସେହି ବ୍ରତ ପାଳନ କରିବି। ଏହାଶୁଣି ଭୋଳାନାଥ ହସିହସି କହିଲେ ହେ ଦେବୀ, ' ସୋମନାଥ ବ୍ରତ' ନାମକ ମୋର ଏକ ପ୍ରମୁଖ ବ୍ରତ ଅଛି। ମୁଁ ଏହି ବ୍ରତଦ୍ୱାରା ଅଧିକ ପ୍ରସନ୍ନ ହୋଇଥାଏ। ତୁମେ ଏହି ବ୍ରତ କର। ପାର୍ବତୀ ପୁଣି ପଚାରିଲେ ଏହି ବ୍ରତ କଲେ କି ଫଳ ମିଳେ ଓ ଏହାର ମହିମା ଏବଂ ପୁଣ୍ୟ ବିଷୟରେ ଦୟାକରି କୁହନ୍ତୁ। ଏହାଦ୍ୱାରା ଶିବଶଙ୍କର ଦେବୀ ପାର୍ବତୀଙ୍କୁ ସୋମନାଥ ବ୍ରତ ବିଷୟରେ ଏହିପରି କହିଲେ ;

ପୂର୍ବ କାଳରେ ମାଳବ ଦେଶରେ ଜଣେ ରାଜା ଥିଲେ ଯାହାଙ୍କର ନାମ ବୀରବିକ୍ରମ ପାଟଳି ଥିଲା। ସେହି ରାଜା ମହା ପ୍ରତାପୀ ଥିଲେ। ତାଙ୍କ ରାଜ୍ୟକୁ ଆମ୍ଭର ଷାଠିଏ ଜଣ କପୋତି ଭ୍ରମଣରେ ଗଲେ। ସେହି କପୋତିମାନେ ସେ ନଗରୀର ପ୍ରାଚୁର୍ଯ୍ୟ ଦେଖି ଅତ୍ୟନ୍ତ ସନ୍ତୋଷ ହେଲେ। କପୋତିମାନେ ରାଜାଙ୍କ ସିଂହଦ୍ୱାରରେ ଯାଇ ଉପସ୍ଥିତ ହେଲେ ଓ ଦ୍ୱାରପାଳଙ୍କୁ କହିଲେ ଆମ୍ଭେମାନେ ରାଜାଙ୍କୁ ସାକ୍ଷାତକରି ତାଙ୍କୁ ସୋମନାଥଙ୍କ ପ୍ରସାଦ ଦେବାକୁ ଆସିଛୁ। ତୁମେ ଆମ୍ଭମାନଙ୍କୁ ଭିତରକୁ ପ୍ରବେଶ କରିବାପାଇଁ ଅନୁମତି ଦିଅ। ଦ୍ୱାରପାଳ ଏକଥା ରାଜାଙ୍କୁ ଜଣାଇବାରୁ ଏହାଶୁଣି ରାଜା ଅତ୍ୟନ୍ତ ଖୁସୀହେଲେ ଓ ସେମାନଙ୍କୁ ସସମ୍ମାନେ ନଅର ମଧ୍ୟକୁ ପାଛୋଟି ଆଣିବାପାଇଁ ଦ୍ୱାରପାଳଙ୍କୁ ଆଦେଶକଲେ। ଦ୍ୱାରପାଳ କପୋତିମାନଙ୍କୁ ଭିତରକୁ ନେଇଯିବାରୁ ରାଜା ସେମାନଙ୍କୁ ଅର୍ଘ୍ୟ ଦେଇ ପୂଜାକଲେ। ରାଜାଙ୍କର ଏଭଳି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଖି କପୋତିମାନେ ବହୁତ ଖୁସିହୋଇ ଆଣିଥିବା ପ୍ରସାଦ ତାଙ୍କୁ ଦେଲେ। ରାଜା ମଧ୍ୟ ଆନନ୍ଦ ଚିତ୍ତରେ କହିଲେ ହେ ଆଦରଣୀୟ କପୋତିମାନେ ଆପଣମାନଙ୍କର ଏଠାରେ ଉପସ୍ଥିତି ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ହେଲେ ଆପଣମାନେ ଏଠାକୁ ଆସିବାର ଅଭିପ୍ରାୟ ଦୟାକରି ମୋତେ କୁହନ୍ତୁ। କପୋତିମାନେ କହିଲେ ଆମ୍ଭେ ପଶ୍ଚିମ ସୋମନାଥଙ୍କର କପୋତିଗଣ। ଆପଣଙ୍କର ପ୍ରଜାବତ୍ସଳତା, ଯଶ, କୀର୍ତ୍ତି କଥାଶୁଣି ଏଠାକୁ ଆସିଛୁ। ନିଜର ଏଭଳି ଗୁଣଗାନ ଶୁଣି ରାଜା ଆହୁରି ଖୁସି ହୋଇଗଲେ ଓ କହିଲେ ହେ ମୋର ଶ୍ରଦ୍ଧେୟ କପୋତିଗଣ ମୋର ବଡ ସୌଭାଗ୍ୟଯେ, ଆପଣମାନେ ମୋ ନଅରରେ ପଦାର୍ପଣ କରିଛନ୍ତି। ଆପଣମାନେ ଆମ୍ଭର ଆତିଥ୍ୟତା ଗ୍ରହଣ ପୂର୍ବକ ଏଠାରେ ଆଜି ରହି ଭୋଜନ କରିବେ। ଏହାପରେ ରାଜା ନିଜ ସୁପକାରମାନଙ୍କୁ ଡକାଇ ଆଦେଶ କଲେ ଯେ, ପଶ୍ଚିମ ସୋମନାଥଙ୍କର ଷାଠିଏ ଜଣ କପୋତି ଆସିଛନ୍ତି। ସେମାନେ ଆଜି ଏଠାରେ ଭୋଜନ କରିବେ। ସେମାନଙ୍କ ଲାଗି ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉ। ରାଜାଙ୍କ ଆଦେଶ ପାଇ ସୁପକାରମାନେ ଷଡରସ ପାକ ରାନ୍ଧିଲେ ଓ ରାଜାଙ୍କୁ ସୂଚନା ଦେଲେଯେ, ବ୍ୟଞ୍ଜନ ପ୍ରସ୍ତୁତ। ଫଳରେ ରାଜା କପୋତିମାନଙ୍କୁ କହିଲେ ଆପଣମାନେ ସଅଳ ସଅଳ ସ୍ନାନ କର୍ମ ସମ୍ପନ୍ନ କରିଆସନ୍ତୁ। ବେଳ ଉଛୁର ହେଲାଣି। ଭୋଜନ ମଧ୍ୟ ପ୍ରସ୍ତୁତ ହୋଇସାରିଛି। କପୋତିଗଣ ସ୍ନାନ ସାରି ଭୋଜନ କକ୍ଷରେ ଯାଇ ପ୍ରବେଶିଲେ। ରାଜା କପୋତିଗଣଙ୍କୁ ଆସନରେ ବସାଇଲେ ଓ ନିଜେ ମଧ୍ୟ ସେମାନଙ୍କ ସହିତ ଏକାଠି ବସିଲେ। ସୁବର୍ଣ୍ଣ ଥାଳିରେ ଅନ୍ନ, ନାନାଦି ବ୍ୟଞ୍ଜନ, ଘୃତ, ଖିରୀ, ପିଠା, ଲଡୁ ଓ ଛେନା ପ୍ରଭୃତି କ୍ରମେ ପରଷାଗଲା। ଭୋଜନପରେ କପୋତିମାନେ କହିଲେ ହେ ରାଜା, ଆପଣଙ୍କ ଆତିଥେୟତାରେ ଆମ୍ଭେମାନେ ଅତ୍ୟନ୍ତ ସନ୍ତୋଷ ହୋଇଛୁ। ଆମକୁ କି ବର ମାଗୁଛ ମାଗ। ରାଜା କହିଲେ ମୁଁ ଅବା କି ବର ମାଗିବି। ଆପଣମାନେ ଯଦି ମୋ ଉପରେ ସନ୍ତୁଷ୍ଟ ହୋଇଛନ୍ତି ତେବେ ଆପଣମାନେ ଯାହା ଉଚିତ ଭାବୁଛନ୍ତି ମୋତେ ସେହି ବର ଦିଅନ୍ତୁ। କପୋତିଗଣ କହିଲେ ଆମ୍ଭର ସୋମନାଥ ବ୍ରତ ପାଳନ କର। ଏହାଦ୍ୱାରା ତୁମେ ସୁଖି, ଶାନ୍ତି, ଧନ, ଜନ, ଗୋପ, ଲକ୍ଷ୍ମୀ ପ୍ରାପ୍ତ ହେବ। ରାଜା ହରଷ ଚିତ୍ତରେ କହିଲେ ତେବେ ସେହି ବ୍ରତର ବିଧାନ ବିଷୟରେ ମଧ୍ୟ କୁହନ୍ତୁ। ଏହାପରେ କପୋତିଗଣ ବ୍ରତର କଥା ଶୁଣାଇଲେ।

ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ବ୍ରତ ଆରମ୍ଭ କରାଯାଇ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହି ବ୍ରତ ଉଦଯାପନର ବିଧି ରହିଛି। ପ୍ରାତଃ କାଳରୁ ସ୍ନାନ ଶୌଚାଦି କର୍ମ ସାରି ଦଶମେଞ୍ଚା ହଳଦି କରିବ, ଦଶମେଞ୍ଚା ଗନ୍ଧ କରିବ, ଦଶଖଣ୍ଡ ଦାନ୍ତକାଠି ଥୋଇବ, ଦଶଥର ଦାନ୍ତ ଘଷିବ, ଗନ୍ଧ ହଳଦି ଲଗାଇ ଦଶଥର ସ୍ନାନ କରିବ, ଶୁକ୍ଳବସ୍ତ୍ର ପରିଧାନ କରିବ, ଦଶ ବର୍ଣ୍ଣର ପୁଷ୍ପ ଫଳ ମଧ୍ୟ ଆଣିବ। ଦଶଗୋଟି ଶୁକ୍ଳ ଉଆ (ଅରୁଆ ଚାଉଳ) ଚାଉଳ ରଖିବ, ଦଶଖିଅ ସୂତା, ବ୍ରତରେ ଦଶଟି ଗଣ୍ଠି ପକାଇବ, ସ୍ଫଟିକ ଲିଙ୍ଗ କିମ୍ବା ମୃତ୍ତିକାରେ ଲିଙ୍ଗ ତିଆରି କରିବ। ସେଥିରେ ରୁଦ୍ର ମଣ୍ଡଳକାଟି ଲିଙ୍ଗକୁ ସ୍ଥାପନ କରିବ। ଦଶଗୋଟି କଖାରୁ ଫୁଲରେ ସୋମନାଥଙ୍କୁ ପୂଜିବ। ଦଶ ବର୍ଣ୍ଣର ପୁରଦେଇ ଦଶଗୋଟି ପିଠା ପ୍ରସ୍ତୁତକରି ଭୋଗରୂପେ ସମର୍ପଣ କରିବ। ବ୍ରାହ୍ମଣଙ୍କଠାରୁ ବ୍ରତକଥା ଶୁଣିସାରି ଦୁବାକ୍ଷର ଚଢ଼ାଇବ ଓ ଚନ୍ଦ୍ରଙ୍କୁ ଅର୍ଘ୍ୟ ଦେବ। ଏହି ବିଧି ଅନୁସାରେ ପୂଜାକଲେ ମନୋବାଞ୍ଛିତ ଫଳ ପାଇବ। ପୂଜାବିଧି ଶୁଣିବାପରେ ରାଜା କହିଲେ ଶ୍ରଦ୍ଧେୟ କପୋତିଗଣ ଏହି ବ୍ରତକଥା ମୋ ମନକୁ ପାଇଲାନାହିଁ। ଆମ୍ଭେ ରାଜାହୋଇ ଯଦି ଏଭଳି ବ୍ରତ କରିବୁ ତେବେ ସମସ୍ତେ ଉପହାସ କରିବେ। ରାଜାଙ୍କ ଠାରୁ ଏଭଳି ନୈରାଶ୍ୟଜନକ କଥାଶୁଣି କପୋତିମାନେ ଅତ୍ୟନ୍ତ କୋପକଲେ। କହିଲେ ରାଜା, ସୋମନାଥ ଭଗବାନଙ୍କ ବ୍ରତକୁ ତୁମେ ନିନ୍ଦାକଲ, ତେଣୁ ତୁମକୁ କୁଷ୍ଠ ରୋଗ ହୋଇଯାଉ। ଏଭଳି ଅଭିଶାପ ଦେଇ କପୋତିଗଣ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ। ସେହିକ୍ଷଣି ରାଜାଙ୍କ ଶରୀରରେ କୁଷ୍ଠ ରୋଗ ହୋଇଗଲା। ହଠାତ୍ ଶରୀରରେ ଏଭଳି ପରିବର୍ତ୍ତନ ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ ଓ କପୋତିଗଣଙ୍କ ଅଭିଶାପ କଥା ମନେମନେ ଭାଳିହେଲେ ଓ ନିଜକୁ ଧିକ୍କାର କଲେ। ରାଜାଙ୍କ ନିକଟରୁ ସବୁକଥା ଶୁଣି ରାଣୀ କହିଲେ ସ୍ୱାମୀ ଭଗବାନ ସୋମନାଥଙ୍କୁ ଆପଣ ନିନ୍ଦାକରି ଏଭଳି ଦଶା ଭୋଗିଲେ। ଏଥିରୁ ମୁକ୍ତିପାଇବା ପାଇଁ ଶୀଘ୍ର ସୋମନାଥଙ୍କର ଦର୍ଶନ କରନ୍ତୁ। ଏହାପରେ ରାଜା ସୋମନାଥଙ୍କର ଦର୍ଶନ ନିମନ୍ତେ ବାହାରିଲେ। ଏହାଶୁଣି ରାଣୀ କହିଲେ ମୁଁ ଜଣେ ପତିବ୍ରତା ନାରୀ। ଆପଣ ଚାଲିଗଲେ ମୁଁ କାହାର ସେବା କରିବି। ରାଜା କହିଲେ ତେବେ ମୋ ଅନୁପସ୍ଥିତିରେ ତୁମେ ମୋ କଉଡକୁ ପୂଜାକରିବ। ଏହାଶୁଣି ରାଜାଙ୍କ କଉଡ ପୂଜାକରି ରାଣୀ ରହିଲେ ଓ ରାଜା ସୋମନାଥଙ୍କର ଦର୍ଶନରେ ବାହାରିଗଲେ। ସୋମନାଥଙ୍କର ମନ୍ଦିର ସମ୍ମୁଖ ଭାଗରେ ରହି ଶ୍ରୀ ସୋମନାଥଙ୍କୁ ସ୍ତୁତିକଲେ, ସ୍ତବ ପାଠକଲେ। ରାଜାଙ୍କର ଆତୁରତା ଦେଖି କପୋତିମାନେ ଆଉ ଧୈର୍ଯ୍ୟଧରି ରହିପାରିଲେ ନାହିଁ। ସେମାନେ ସୋମନାଥଙ୍କୁ କହିଲେ ହେ ପ୍ରଭୁ ରାଜା ବୀର ବିକ୍ରମ ଆପଣଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ସେ ବାହାରେ ଅତି ଆକୁଳତା ସହକାରେ ଆପଣଙ୍କୁ ପ୍ରାର୍ଥନା କରୁଛନ୍ତି।ତାଙ୍କୁ ଆପଣ ଦର୍ଶନ ଦିଅନ୍ତୁ ପ୍ରଭୁ। ଏହାପରେ ସୋମନାଥ କହିଲେ ତାଙ୍କୁ ଭିତରକୁ ଆସିବାକୁ ଦିଅନାହିଁ। ବାହାରେ ସେମିତି ରହିବାକୁ ଦିଅ। କପୋତିମାନେ ରାଜାଙ୍କୁ କହିଲେ ରାଜା ସୋମନାଥଙ୍କର ଏବେ ଆଜ୍ଞାନାହିଁ। ଆଜ୍ଞାହେଲେ ତୁମେ ଭିତରକୁ ଯାଇପାରିବ। ବର୍ତ୍ତମାନ ଏହି ମଣ୍ଡପରେ ରହି ଅପେକ୍ଷା କର। ସେପଟେ ତାଙ୍କ ରାଜ୍ୟ ପୂରା ହତଲକ୍ଷ୍ମୀ ହୋଇଗଲାଣି, ରାଜାଙ୍କ ପୁତ୍ର ଭିକ୍ଷାବୃତ୍ତିକରି ଯାହା ଆଣନ୍ତି ସେଥିରେ ରାଣୀ ରନ୍ଧାରନ୍ଧି କରି ଖାଇ ଚଳିଯା'ନ୍ତି। ଦିନେ ରଜାପୁଅ ସବୁଦିନଭଳି ଭିକ୍ଷାବୃତ୍ତି କରିବାକୁ ଗୋଟିଏ ଗ୍ରାମକୁ ଯାଇଥିଲେ। ସେହି ଗ୍ରାମରେ ପାତ୍ରମନ୍ତ୍ରୀ ମଧ୍ୟ ରହୁଥିଲେ। ସେମାନେ ରଜାପୁଅକୁ ଚିହ୍ନିପାରି କହିଲେ ଆରେ ତୁମେତ ରାଜା ବୀରବିକ୍ରମଙ୍କ ପୁତ୍ର। ଏତେବଡ ପ୍ରତାପୀ ରାଜାଙ୍କ ପୁଅହୋଇ ତୁମେ ଏଭଳି ଭିକ୍ଷା ମାଗୁଛ କାହିଁକି। ଉତ୍ତରରେ କପୋତିଗଣଙ୍କ ଅଭିଶାପ କଥାପରେ ରାଜ୍ୟ ହତଲକ୍ଷ୍ମୀ ହେବାକଥା ଏବଂ ରାଜା ସୋମନାଥଙ୍କର ଦର୍ଶନପାଇଁ ଯାଇ ଆଉ ଫେରିନଥିବା ଇତ୍ୟାଦି ସମସ୍ତ କଥାଶୁଣି ସେହି ପାତ୍ର ମନ୍ତ୍ରୀମାନେ ସଂପୃକ୍ତ ରାଜ୍ୟକୁଯାଇ ରାଣୀ ଓ ତାଙ୍କ ପୁତ୍ରପୁତ୍ରୀଙ୍କୁ ସେଠାରୁ ତଡିଦେଇ ନିଜକୁ ରାଜ୍ୟର ରାଜା ଘୋଷଣା କରିଦେଲେ। ଫଳରେ ରାଣୀ ଅନ୍ୟ ଉପାୟ ନପାଇ ପିଲାଛୁଆଙ୍କୁ ନେଇ ଦୁଇଟି ପୁଟୁଳି ଧରି ସେଠାରୁ ବାହିରିଗଲେ ଓ ବ୍ରାହ୍ମଣ ଶାସନ ଗ୍ରାମରେ ଯାଇ ରହିଲେ। କିଛିଦିନପରେ ସୋମନାଥଙ୍କର କପୋତିମାନେ ସେହି ବ୍ରାହ୍ମଣ ଶାସନକୁ ଯାଇଥିବାରୁ ବ୍ରାହ୍ମଣମାନେ ସେମାନଙ୍କୁ ପୂଜାକଲେ। ସୋମନାଥଙ୍କର ବ୍ରତ ପାଳନ କରିବାପାଇଁ କପୋତିଗଣ ବ୍ରାହ୍ମଣମାନଙ୍କୁ କହିଲେ ଓ ପୂଜାବିଧି କଥା ମଧ୍ୟ ଶୁଣାଇଲେ। ଫଳରେ ବ୍ରାହ୍ମଣୀମାନେ ଶୁଦ୍ଧପୂତ ଭାବରେ ଏହି ବ୍ରତ କଲେ। ଏକଥା ଶୁଣି ରାଣୀଙ୍କ ସହିତ ରହୁଥିବା ପୋଇଲି ଏକଥାଶୁଣି ରାଣୀଙ୍କୁ ଜଣାଇଲେ ଓ ସେହି ବ୍ରତ ପାଳନ କରିବାପାଇଁ କହିଲେ। ସବୁଶୁଣି ରାଣୀ କହିଲେ ମୁଁ ତ ବର୍ତ୍ତମାନ ଦରିଦ୍ର ଭାବରେ ଜୀବନଯାପନ କରୁଛି। ଏଭଳି ଦୟନୀୟ ଅବସ୍ଥାରେ କିଭଳି ସେହି ମହାନ ବ୍ରତ ପାଳନ କରିପାରିବି। ପୋଇଲି ଜଣକ କହିଲା - ରାଣୀ ମା' ଆପଣ ବ୍ୟସ୍ତ ହୁଅନ୍ତୁନି ମୁଁ ବ୍ରାହ୍ମଣୀମାନଙ୍କଠାରୁ ବ୍ରତ ମାଗି ଆଣିବି। ଏହାପରେ ରାଣୀ ବିଧିମୁତାବକ ବ୍ରତ ପାଳନକଲେ। ରାଣୀଙ୍କର ନିଷ୍ଠା ଓ ଆତୁରତା ଦେଖି ସୋମନାଥଙ୍କର ଦୟାହେଲା। ସେ ରାଣୀଙ୍କୁ ଶୁଭାଶୀର୍ବାଦ ପ୍ରଦାନ କଲେ। ଏହି ଆଶୀର୍ବାଦ ଫଳରେ ରାଜାଙ୍କ ଶରୀର କ୍ରମେ ସୁସ୍ଥ ହେବାକୁ ଲାଗିଲା। ରାଜା ସୋମନାଥଙ୍କୁ ଦର୍ଶନ କରିବାକୁ ମଧ୍ୟ ସୌଭାଗ୍ୟ ପାଇଲେ। କପୋତିମାନେ କହିଲେ ରାଜା, ତୁମେ ସୋମନାଥଙ୍କର ନିନ୍ଦାକରି ଏତେ ଦଶା ଭୋଗିଲ, ତୁମ ରାଜ୍ୟ ହତଲକ୍ଷ୍ମୀ ହୋଇଗଲା, ତୁମ ପରିବାର ଚଳିବାପାଇଁ ଭିକ୍ଷାବୃତ୍ତି କଲେ ଓ ଅନ୍ୟମାନେ ତୁମ ରାଜ୍ୟକୁ ଶାସନ କରୁଥିଲେ। କିନ୍ତୁ ତୁମରାଣୀ ଯଥାବିଧି ସୋମନାଥଙ୍କର ବ୍ରତ ପାଳନ କରିବାରୁ ତୁମେ ଆରୋଗ୍ୟଲାଭ କଲ। ଏବେ ରାଣୀଙ୍କର ସୁକର୍ମ କାରଣରୁ ତୁମେ ଶାପମୁକ୍ତ ହୋଇଛ। ନିଜ ରାଜ୍ୟକୁ ଯାଇ ଆନନ୍ଦରେ ରୁହ। ପରେ ରାଜାଙ୍କ ଫେରିଆସିବା କଥା ଶୁଣି ପାତ୍ରମନ୍ତ୍ରୀମାନେ ରାଜଗାଦି ଛାଡି ପଳାୟନ କଲେ। ରାଜା ସୈନ୍ୟ ସାମନ୍ତଙ୍କୁ ପଠାଇ ନିଜ ରାଣୀ ଓ ପିଲାମାନଙ୍କୁ ଆଣିଲେ। ରାଣୀଙ୍କଠାରୁ ସୋମନାଥ ବ୍ରତକଥା ଶୁଣି ରାଜା କହିଲେ ରାଣୀ, ମୁଁ ସୋମନାଥଙ୍କର ମହିମା ଜାଣିପାରିଛି। ଏଣିକି ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଆମ୍ଭେ ଏହି ବ୍ରତ ପାଳନ କରିବା। ପ୍ରଭୁ ସୋମନାଥଙ୍କର ଆରାଧନା କରିବା। ଏହାପରେ ରାଜାଙ୍କର ପୂର୍ବ ଅବସ୍ଥା ଫେରିଆସିଲା ଓ ଯଥାପୂର୍ବ ଶାନ୍ତିରେ ରାଜ୍ୟ ଶାସନ କଲେ ଏବଂ ପରିବାରଙ୍କୁ ନେଇ ଖୁସିରେ ଜୀବନ ଅତିବାହିତ କଲେ।

**ୟୁନିଟ୍-୫; ଭୁବନେଶ୍ୱର, ମୋବାଇଲ୍: ୮୨୪୯୬୫୦୪୧୪**

# ମାଡ଼ିଆସୁଛି ଶକ୍ତିଶାଳୀ 'କିକୋ'

## ହ୍ୱାଇରେ ଜରୁରୀକାଳୀନ ସ୍ଥିତି ଘୋଷଣା



**ହ୍ୱାଇ,୭।୯** : ହ୍ୱାଇକୁ ହିଟ୍ କରିବ ହରିକେନ୍ 'କିକୋ । କ୍ୟାଟାଗୋରୀ-୪ରେ ମାଡ଼ି ଆସୁଛି 'କିକୋ। ଆମେରିକାର ହ୍ୱାଇରେ ମାଡ଼ ହେବା ଆଶଙ୍କା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ହ୍ୱାଇରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି । ଆଜି ସନ୍ଧ୍ୟା ସୁଦ୍ଧା ଝଡ଼ଟି ବିଗ୍ ଆଇଲ୍ୟାଣ୍ଡ ଓ ମାଉଇରେ ପହଂଚିବା ସମ୍ଭାବନା ରହିଛି । ମଙ୍ଗଳବାର ରାତିରେ ହ୍ୱାଇରେ ମାଡ ହେବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କ୍ୟାଟୋଗୋରୀ-୪ ହରିକେନରେ ପବନର ବେଗ ଘଣ୍ଟାପ୍ରତି ୧୩୦ରୁ ୧୫୭ ମାଇଲ ରହିଥାଏ। ହରିକେନ 'କିକୋ' ଏବେ ଶକ୍ତିଶାଳୀ ରହିଛି । କିନ୍ତୁ ସ୍ଥଳଭାଗ ଛୁଇଁବା ପୂର୍ବରୁ ଦୁର୍ବଳ ହେବାର ଆଶା କରାଯାଉଛି । ତେବେ ବର୍ତ୍ତମାନ ତୋଫାନ ବହୁତ ଶକ୍ତିଶାଳୀ ରହିଛି। ବିଗ୍ ଆଇଲ୍ୟାଣ୍ଡରେ ଲ୍ୟାଣ୍ଡଫଲ କରିବା ସମୟରେ କ୍ୟାଟଗୋରୀ-୨ କିମ୍ବା କ୍ୟାଟାଗୋରୀ-୧ରେ ପରିଣତ ହୋଇପାରେ। କିନ୍ତୁ ହରିକେନ ପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ହ୍ୱାଇ ଏମରଜେନ୍ସୀ ମ୍ୟାନେଜମେଣ୍ଟ ଏଜେନ୍ସୀ ସୋସିଆଲ ମିଡିଆରେ ପୋଷ୍ଟ କରିଛି କି, ଯଦି ଏହି ତୋଫାନ ନିଜର ଶକ୍ତି ଏମିତି ରଖିଥାଏ, ତେବେ ହ୍ୱାଇରେ ୩ ଦଶକରେ ସବୁଠାରୁ ବଡ଼ ଝଡ଼ ତୋଫାନ ସାମ୍ନା କରିବାକୁ ପଡିବ । ଏହାପୂର୍ବରୁ ୧୯୯୨ରେ ଏଭଳି ଶକ୍ତିଶାଳୀ ତୋଫାନ ଆସିଥିଲା, ଯାହା ହ୍ୱାଇ ଇତିହାସରେ ସବୁଠାରୁ ଶକ୍ତିଶାଳୀ ଏବଂ ବିନାଶକାରୀ ତୋଫାନ ରହିଥିଲା ।

# ଜାନୁଆରୀ ୧ରୁ ସାରା ଦେଶରେ ଏସ୍ଆଇଆର୍

**ନୂଆଦିଲ୍ଲୀ,୭।୯:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍ଆଇଆର୍ ଆରମ୍ଭ କରିପାରନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି।

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ। ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍ଆଇଆର୍ ଆରମ୍ଭ କରିଥିଲେ। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି। ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ସିଇଓମାନଙ୍କୁ ଭେଟିବେ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍ଆଇଆର୍‌ର ଉଦ୍ଦେଶ୍ୟ। ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା। ଏସ୍ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ। ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ। ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ। ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଇସିଙ୍କ ଏହି ଏସ୍ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି।



# ମ୍ୟାଚ୍ ମଝିରେ ଷ୍ଟାଡିୟମରେ ବିସ୍ଫୋରଣ : ଜଣେ ମୃତ



**ପାକିସ୍ତାନ,୭।୯:** ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱା ପ୍ରଦେଶରେ କ୍ରିକେଟ୍ ମ୍ୟାଚ୍ ଚାଲିଥିଲାବେଳେ ଷ୍ଟାଡିୟମରେ ବିସ୍ଫୋରଣ ଘଟିଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣ ଆଇଇଡି ଦ୍ୱାରା କରାଯାଇଛି ବୋଲି ବାଜୌର ଜିଲ୍ଲା ପୋଲିସ ଅଧିକାରୀ ସ୍ପଷ୍ଟ କରିଛନ୍ତି । ବିସ୍ଫୋରଣ ପରେ ପୁରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ଲୋକମାନେ ଆତଙ୍କିତ ହୋଇ ଦୌଡିବା ଆରମ୍ଭ କରିଥିଲେ । ଗତ ମାସରେ ସୁରକ୍ଷା ବାହିନୀଙ୍କ ଦ୍ୱାରା ଅପରେସନ୍ ସର୍ବକାଫ ଆରମ୍ଭ ହୋଇଥିଲା । ସେହି କାରଣରୁ ପୋଲିସ ଅଧିକାରୀମାନେ ଆତଙ୍କବାଦୀଙ୍କୁ ଦାୟୀ କରିଛନ୍ତି।

# ସ୍ୱିଗି-ଜୋମାଟୋକୁ ନେଇ ସରକାରଙ୍କ ବଡ଼ ଘୋଷଣା

**ନୂଆଦିଲ୍ଲୀ,୭।୯:** ପାର୍ବଣ ଋତୁରେ ଅନଲାଇନ୍ ଫୁଡ୍ ଡିମାଣ୍ଡ ବଢ଼ିଯିବ। ତା ଛଡା ନିକଟରେ ଦରକାର ଜିଏସ୍‌ଟି କାଉନସିଲ ବୈଠକରେ ଇ-କମର୍ସ ଓ କ୍ୱିକ୍ କମର୍ସ ପ୍ଲାଟଫର୍ମର ଡେଲିଭରି ସର୍ଭିସ ଉପରେ ୧୮% ଜିଏସ୍‌ଟି ଘୋଷଣା କରିଥିଲେ। ଏହାପରେ କ୍ଷତି ଭରଣା କରିବାକୁ ସବୁ କମ୍ପାନୀ ଟ୍ୟାକ୍ସ ଲାଗୁ ପୂର୍ବରୁ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛନ୍ତି। ଗତ ୩ ସେପ୍ଟେମ୍ବରରେ ହୋଇଥିବା




ଜିଏସ୍‌ଟି କାଉନସିଲର ୫୬ ତମ ବୈଠକରେ ଜିଏସ୍‌ଟି ରିଫର୍ମ ସମ୍ପର୍କିତ ବଡ଼ ଘୋଷଣା କରାଯାଇଛି। ଏଥିରେ ଆରମ୍ଭରୁ ଲାଗୁ ହୋଇଥିବା ୪ଟି ଟ୍ୟାକ୍ସ ସ୍ଲାଗ ସ୍ଥାନରେ ୫% ରୁ ୧୮% କେବଳ ଦୁଇଟି ଟ୍ୟାକ୍ସ ରହିଯାଇଛି। ଏହା ଭିତରେ ଜିଏସ୍‌ଟି କାଉନସିଲ୍ ପକ୍ଷରୁ ଇ-କମର୍ସ ଓ କ୍ୱିକ୍ କମର୍ସ ପ୍ଲାଟଫର୍ମକୁ ଡେଲିଭରି ସର୍ଭିସରେ ୧୮% ଟ୍ୟାକ୍ସ ଲଗାଯାଇଛି, ଯାହାକୁ ୨୨ ସେପ୍ଟେମ୍ବରରୁ ଲାଗୁ ହେବ।

# ଗୁଜରାଟରେ ପ୍ରବଳ ବର୍ଷା,କେଜ୍ରିୱାଲଙ୍କ ର୍ୟାଲି ବାତିଲ

**ଗୁଜରାଟ,୭।୯:** ଗୁଜରାଟର ଚୋଟିଲାରେ ଆପ୍ ନେତା ଅରବିନ୍ଦ କେଜରିୱାଲଙ୍କ ରାଲି ବାତିଲ କରାଯାଇଛି । ଗୁଜରାଟରେ ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପାଣି ଜମା ହୋଇଛି ଏବଂ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ବହୁତ ପ୍ରଭାବିତ ହୋଇଛି । ତେଣୁ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ପଡ଼ିଛି । ଗୁଜରାଟର ଭଲସାଡର କପାରଡାରେ ସର୍ବାଧିକ ବର୍ଷା ହୋଇଛି । କପାରଡାରେ ୧୦.୫ ଇଞ୍ଚରୁ ଅଧିକ ବର୍ଷା ହୋଇଛି। ପୋଶିନା, ରାଧନପୁର, ଉମରଗାମରେ ଅଧିକ ବର୍ଷା ହୋଇଛି । ସେହିପରି ଗୁଜରାଟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଫଳରେ ଯାତାୟତରେ ବାଧା ଉପୁଜିଛି । ବିଭିନ୍ନ ସ୍ଥାନରେ ପାଣି ଜମିଛି । ଦେଶର ଅନେକ



ରାଜ୍ୟରେ ପ୍ରବଳ ବର୍ଷା ହେଉଛି । ଅନେକ ସ୍ଥାନରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ଘର ପାଣିରେ ବୁଡ଼ି ଯାଇଛି ଏବଂ ସେମାନଙ୍କୁ ଜୀବନ ବଞ୍ଚାଇବା ପାଇଁ ସ୍ଥାନାନ୍ତର କରିବାକୁ ପଡିଛି । ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ଯମୁନା ନଦୀର ସ୍ତର ବିପଦ ସଙ୍କେତରେ ପହଞ୍ଚିଛି, ଯାହା ଫଳରେ ଦିଲ୍ଲୀର ରାସ୍ତାଗୁଡ଼ିକ ମଧ୍ୟ ପାଣିରେ ବୁଡ଼ି ରହିଛି ।

# ଜନ୍ମଦିନ ପାଳିବାକୁ ଡାକି ଗଣବଳାତ୍କାର: ଦୁଇ ଅଭିଯୁକ୍ତ ଫେରାର



**କୋଲକାତା,୭।୯:** କୋଲକାତାର ରିଜେଣ୍ଟ ପାର୍କ ଅଞ୍ଚଳରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ତାଙ୍କ ଜନ୍ମଦିନ ଉତ୍ସବ ନାଁରେ ଦୁଇ ଜଣ ପରିଚିତ ବ୍ୟକ୍ତି ଦ୍ୱାରା ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ଚନ୍ଦନ ମଲ୍ଲିକ ଓ ଦୀପ। ଦୀପ ଜଣେ ସରକାରୀ କର୍ମଚାରୀ ବୋଲି ଜଣାପଡ଼ିଛି। ଅପରାଧ ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ହରିଦେବପୁରର ଏହି ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଚନ୍ଦନ ତାଙ୍କୁ ଜନ୍ମଦିନ ଉତ୍ସବ ପାଇଁ ଦୀପଙ୍କ ଘରକୁ ନେଇଥିଲେ। ପୋଲିସ ସୂତ୍ରରୁ ଜଣାପଡ଼ିଛି, "ଶୁକ୍ରବାର ଥିଲା ଯୁବତୀଙ୍କ ଜନ୍ମଦିନ। ଏହି ଅବସରରେ ଚନ୍ଦନ ଓ ଦୀପ ତାଙ୍କୁ ଦୀପଙ୍କ ଫ୍ଲାଟକୁ ନେଇଥିଲେ। ସେଠାରେ ସେମାନେ ଏକାଠି ଖାଇବା ଖାଇଥିଲେ। ଯୁବତୀ ଘରକୁ ଫେରିବାକୁ ଚାହିଁବାରୁ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ କବାଟ ବନ୍ଦ କରି ବଳାତ୍କାର କରିଥିଲେ।" ଶନିବାର ସକାଳ ପ୍ରାୟ ୧୦:୩୦ରେ ଯୁବତୀ କୌଣସି ପ୍ରକାରେ ଖସି ପଳାଇବାରେ ସଫଳ ହୋଇଥିଲେ। ଘରକୁ ଫେରି ସେ ପରିବାରକୁ ଘଟଣା ବିଷୟରେ ଜଣାଇଥିଲେ, ପରେ ଶନିବାର ଏକ ଏଫଆଇଆର ରୁଜୁ ହୋଇଥିଲା। ପୋଲିସ ଅଧିକାରୀ କହିଛନ୍ତି, "ଆମେ ଫେରାର ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛୁ।" ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, କିଛି ମାସ ପୂର୍ବେ ତାଙ୍କର ଚନ୍ଦନଙ୍କ ସହ ପରିଚୟ ହୋଇଥିଲା, ଯିଏ ନିଜକୁ ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗା ପୂଜା କମିଟିର ମୁଖ୍ୟ ବୋଲି ପରିଚୟ ଦେଇଥିଲେ। ଚନ୍ଦନଙ୍କ ମାଧ୍ୟମରେ ସେ ଦୀପଙ୍କୁ ଭେଟିଥିଲେ ଓ ତିନିଜଣ ପରସ୍ପର ସହ ଯୋଗାଯୋଗରେ ଥିଲେ। ଅଭିଯୁକ୍ତମାନେ ତାଙ୍କୁ ପୂଜା କମିଟିରେ ସାମିଲ କରାଇବାର ପ୍ରତିଶ୍ରୁତି ଦେଇଥିଲେ। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, କିଛି ମାସ ପୂର୍ବେ ତାଙ୍କର ଚନ୍ଦନଙ୍କ ସହ ପରିଚୟ ହୋଇଥିଲା, ଯିଏ ନିଜକୁ ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗା ପୂଜା କମିଟିର ମୁଖ୍ୟ ବୋଲି ପରିଚୟ ଦେଇଥିଲେ। ଚନ୍ଦନଙ୍କ ମାଧ୍ୟମରେ ସେ ଦୀପଙ୍କୁ ଭେଟିଥିଲେ ଓ ତିନିଜଣ ପରସ୍ପର ସହ ଯୋଗାଯୋଗରେ ଥିଲେ।

# ଭାରତ କ୍ଷେତ୍ରରେ ଭୁଲ କରିଥିବା ଅନୁଭବ କଲେ ଟ୍ରମ୍ପ୍



**ୱାଶିଂଟନ,୭।୯** : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ତାଙ୍କର ମନୋଭାବକୁ ନରମ କରିବା ଆରମ୍ଭ କରିଛନ୍ତି । ପୂର୍ବରୁ ଟ୍ରମ୍ପ ଭାରତ ଉପରେ ଭାରୀ ବାଣିଜ୍ୟ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ଏବେ ଏହା ଦେଖାଯାଉଛି ଯେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ । ପୂର୍ବତନ ଭାରତୀୟ କୂଟନୀତିଜ୍ଞ କେପି ଫାବିଆନଙ୍କ ଅନୁସାରେ ଟ୍ରମ୍ପ ବୁଝିବା ଆରମ୍ଭ କରିଛନ୍ତି ଯେ ଏହି ଆଭିମୁଖ୍ୟ ଠିକ୍ ନୁହେଁ । ଟ୍ରମ୍ପ ଭାରତରୁ ରୁଷୀୟ ତୈଳ କିଣିବା ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଥିଲେ । ଯାହା ମୋଟ ଶୁଳ୍କକୁ ୫୦%କୁ ବୃଦ୍ଧି କରିଥିଲା, କିନ୍ତୁ ଏହା ଆମେରିକାକୁ ଇଚ୍ଛିତ ଫଳାଫଳ ଦେଇନଥିଲା। ଫାବିଆନ କହିଥିଲେ ଯେ ଏହି ରଣନୀତି ଭାରତକୁ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିପାରିବ ନାହିଁ । ସେ ଏହାକୁ "ଟ୍ରମ୍ପଡ୍-ଅପ୍ ଟ୍ରମ୍ପ୍ ଟାରିଫ୍" ବୋଲି କହିଥିଲେ, ଯାହାର ଅର୍ଥ କୌଣସି ଆଧାର ବିନା ଶୁଳ୍କ ଲାଗୁ କରାଯାଇଥିଲା। ପୂର୍ବତନ କୂଟନୀତିଜ୍ଞ କେପି ଫାବିଆନ କହିଛନ୍ତି, 'ଏହା ସ୍ପଷ୍ଟ ଯେ ରାଷ୍ଟ୍ରପତି ଟ୍ରମ୍ପ ଏବେ ବୁଝିବା ଆରମ୍ଭ କରିଛନ୍ତି ଯେ ଭାରତ ୨୫% ଶୁଳ୍କର ଧମକ ଆଗରେ ମୁଣ୍ଡ ନୁଆଁଇବ ବୋଲି ତାଙ୍କର ପ୍ରାରମ୍ଭିକ ଆକଳନ ଭୁଲ ଥିଲା । ଏବେ ସେ ଅନୁଭବ କରୁଛନ୍ତି ଯେ ସେ ଭୁଲ ଥିଲେ... ଆମେ ସମସ୍ତଙ୍କ ସହିତ ବନ୍ଧୁ ହେବାକୁ ଏବଂ ବ୍ୟବସାୟ କରିବାକୁ ଚାହୁଁଛୁ, କିନ୍ତୁ ଭାରତ କାହାର ଶାସନ ଗ୍ରହଣ କରିବ ନାହିଁ । ଟ୍ରମ୍ପ କହିଥିଲେ ଯେ ଭାରତ ଏବଂ ଆମେରିକା ମଧ୍ୟରେ ଏକ "ଅତି ବିଶେଷ ସମ୍ପର୍କ" ରହିଛି । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବ୍ୟକ୍ତିଗତ ବନ୍ଧୁତାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ ।

# ଲସ୍କର ଭାଙ୍ଗିଲା ନିଜ ମୁଖ୍ୟାଳୟ



**ନୂଆଦିଲ୍ଲୀ,୭।୯:** ପହଲଗାମ୍ ନରସଂହାର ପରେ ଭାରତର ଏୟାର ଷ୍ଟ୍ରାଇକ୍ 'ଅପରେସନ୍ ସିନ୍ଦୂର' ପରେ ପାକିସ୍ତାନର ମୁରିଦକେ ସ୍ଥିତ ଲସ୍କର-ଇ-ତୈଇବାର କୁଖ୍ୟାତ ହେଡକ୍ୱାଟର ମରକଜ ତୋଏବା ସମ୍ପୂର୍ଣ୍ଣ ଭାବରେ ଭଗ୍ନାଂବଶେଷ ପାଲଟିଛି। ୭ ମଇ ରାତିରେ ଭାରତୀୟ ଏୟାରଫୋର୍ସ ଏହି ପରିସରକୁ ଟାର୍ଗେଟ କରିଥିଲା। ଏବେ ଷ୍ଟ୍ରାଇକରେ ଧ୍ୱଂସ ହୋଇଥିବା ବିଲ୍ଡିଂକୁ ଲସ୍କର ନିଜେ ଜେସିବି ମେସିନ ଲଗାଇ ଭାଙ୍ଗି ଦେଛି। ଏବେ ସଂଗଠନର ନଜର ପୁନଃ ନିର୍ମାଣ ଉପରେ ରହିଛି ଓ ଏହାର ଯୋଜନା ଯେ. ଆଗାମୀ ବର୍ଷ ୫ ଫେବୃଆରୀ ପର୍ଯ୍ୟନ୍ତ ଏହି ସ୍ଥାନରେ ଏକ ନୂଆ ବିଲ୍ଡିଂ ତିଆରି ହୋଇଯିବ।

ପାକିସ୍ତାନ ସମୟ ଅନୁସାରେ, ୭ ମଇ ରାତି ୧୨ଟା ୩୫ ମିନିଟ୍‌ରେ ଭାରତୀୟ ଏୟାରଫୋର୍ସ ମୁରିଦକେ ସ୍ଥିତ ମରକଜ ତଏବା ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଏହା ହେଉଛି ସେହି ସ୍ଥାନ ଯେଉଁଠି ୨୫ ବର୍ଷ ହେବ ଆତଙ୍କବାଦୀଙ୍କୁ ଟ୍ରେନିଂ ଦିଆଯାଉଥିଲା।ରହିବା ଓ ହତିଆର ରଖିବାର ମଧ୍ୟ ବ୍ୟବସ୍ଥା ଥିଲା। ଷ୍ଟ୍ରାଇକ୍‌ରେ ଲାଲ୍ ରଙ୍ଗର ଦୁଇ ମହଲା ବିଲ୍ଡିଂ ଓ ହଳଦିଆ ବିଲ୍ଡିଂ ଇମାରତ 'ଉମ୍-ଉଲ-କୁରା' ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଏହି ବିଲ୍ଡିଂରେ ଲସ୍କରର ଟପ୍ କମାଣ୍ଡରଙ୍କ ଅଫିସ ଓ ଆତଙ୍କୀ ରହିବା ପାଇଁ ରୁମ୍ ଥିଲା। ଭାରତର ଏୟାରଷ୍ଟ୍ରାଇକ୍ ପରେ ମରକଜର ତଇବାର ପ୍ରାୟ ୭୦ ପ୍ରତିଶତ ଅଂଶ ଥିଲା। ପାକିସ୍ତାନ ସରକାର ଘୋଷଣା କରିଥିଲେ କ୍ଷତିଗ୍ରସ୍ତ ବିଲ୍ଡିଂର ପୁନଃ ନିର୍ମାଣ ଲସ୍କର ନିଜ ଖର୍ଚ୍ଚରେ କରିବ। ଏହି କାରଣରୁ ୧୮ ଅଗଷ୍ଟରେ ଲସ୍କର ନିଜେ ଜେସିବି ଦ୍ୱାରା ଭାଙ୍ଗିବା ଆରମ୍ଭ କରିଥିଲା। ଏହାର ଭିଡିଓ ଏବେ ଦେଖିବାକୁ ମିଳିଛି। ଭିଡିଓରେ ସ୍ପଷ୍ଟ ଦେଖା ଯାଉଛି ଯେ, ୧.୦୯ ଏକରର ମରକଜ ଏବେ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶି ସାରିଛି।

# ଆମେରିକାରେ ହେଲିକପ୍ଟର କ୍ରାସ୍, ସମସ୍ତ ଯାତ୍ରୀ ମୃତ




**ୱାଶିଂଟନ,୭।୯:** ଆମେରିକାର ମିନେସୋଟାର ଟ୍ୱିନ୍ ସିଟିଜ୍ ଅଞ୍ଚଳରେ ବିମାନବନ୍ଦର ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ହେଲିକପ୍ଟରରେ ନିଆଁ ଲାଗିଥିବା ଯୋଗୁଁ ସମସ୍ତ ଲୋକ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ରବିନସନ୍ ଆର ୬୬ ଭାବରେ ଚିହ୍ନଟ ହୋଇଛି। ଏୟାରଲେକ୍ ବିମାନବନ୍ଦରର ପଶ୍ଚିମରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ରିପୋର୍ଟ ଅନୁଯାୟୀ, ଘଟଣାସ୍ଥଳରେ ହେଲିକପ୍ଟରଟି ସମ୍ପୂର୍ଣ୍ଣ ଜଳିଯାଇଥିବାର ଦେଖିଛନ୍ତି ଜରୁରୀକାଳୀନ କର୍ମଚାରୀ । ଦୁର୍ଘଟଣାରୁ କୌଣସି ଯାତ୍ରୀ ବଞ୍ଚି ପାରିନାହାଁନ୍ତି। ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଅଧିକାରୀମାନେ ହେଲିକପ୍ଟର ଦୁର୍ଘଟଣାର କାରଣ ଖୋଜୁଛନ୍ତି । ହେଲିକପ୍ଟରରେ କେତେ ଲୋକ ଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଅଚାନକ ଇସ୍ତଫା ଘୋଷଣା



**ଟୋକିଓ,୭।୯** : ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଅଚାନକ ପଦବୀରୁ ଇସ୍ତଫା ଦେବା ପାଇଁ ଘୋଷଣା କରିଛନ୍ତି। ସେ ନିଜ ପାର୍ଟି ଭିତରେ ଲଗାତାର ଚର୍ଚ୍ଚା ଏବଂ ଜୁଲାଇରେ ହୋଇଥିବା ସଂସଦୀୟ ନିର୍ବାଚନରେ ବଡ଼ ପରାଜୟ ପରେ ନେଇଛନ୍ତି । ଜାପାନୀ ଟିଭି ରିପୋର୍ଟସ ମୁତାବକ, ଦଳୀୟ ନେତାମାନେ ତାଙ୍କୁ ରାଜନୈତିକ ଦାୟିତ୍ୱ ନେବାକୁ ଦାବି କରିଥିଲେ । ଜାପାନର କୃଷି ମନ୍ତ୍ରୀ ଏବଂ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଶନିବାର ରାତିରେ ଇଶିବାଙ୍କୁ ଭେଟି ନିଜେ ଇସ୍ତଫା ଦେବାକୁ ଅନୁରୋଧ କରିଥିଲେ । ଖବର ମୁତାବକ, ଇଶିବା ଗତ ବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ଗତ ଗୋଟିଏ ମାସ ଧରି ସେ ଇସ୍ତଫା ଦେବା ପାଇଁ ଦଳର ଦକ୍ଷିଣ ପକ୍ଷରୁ ଚାପର ସମ୍ମୁଖୀନ ହେଉଥିଲେ। ଜୁଲାଇରେ, ଇଶିବାଙ୍କ ଶାସକ ମେଣ୍ଟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ବହୁମତ ହାସଲ କରିବାରେ ବିଫଳ ହୋଇଥିଲା, ଯାହା ତାଙ୍କ ସରକାରଙ୍କ ସ୍ଥିରତାକୁ ଆହୁରି ଆଘାତ ଦେଇଥିଲା ।

# ମୁମ୍ବାଇ ନାୟର ହସପିଟାଲକୁ ବୋମା ଧମକ, ସମସ୍ତେ ଭୟଭୀତ



**ମହାରାଷ୍ଟ୍ର,୭।୯:** ମୁମ୍ବାଇର ନାୟର ହସପିଟାଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଧମକ ମିଳିବା ପରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଘଟଣା ବିଷୟରେ ପୋଲିସକୁ ସୂଚନା ଦିଆଯିବା ପରେ ଯାଞ୍ଚ କରୁଛି । ସୂଚନା ମୁତାବକ, ଧମକଭରା ଇମେଲ ନାୟର ହସପିଟାଲର ଡିନଙ୍କ ଇମେଲକୁ ଆସିଛି । ଧମକ ମିଳିବା ପରେ ହସପିଟାଲ ପକ୍ଷରୁ ତୁରନ୍ତ ପୋଲିସକୁ ସୂଚନା ଦିଆଯାଇଥିଲା । ଏହାପରେ ହସପିଟାଲ ପରିସରରେ ଯାଞ୍ଚ ଚାଲିଛି । ହସପିଟାଲରେ ଥିବା ସମସ୍ତ ରୋଗୀ ଏବଂ ପରିଜନ ଭୟଭୀତ ହୋଇଯାଇଛନ୍ତି ।ତେବେ ଗତ କିଛିଦିନ ପୂର୍ବରୁ ମୁମ୍ବାଇର ଇଣ୍ଟରନ୍ୟାସନାଲ ଏୟାରପୋର୍ଟକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଥିଲା । ଏହାପରେ ଏୟାରପୋର୍ଟ ସୁରକ୍ଷାକର୍ମୀ ସତର୍କତାର ସହିତ ସଂପୂର୍ଣ୍ଣ ବିମାନବନ୍ଦରରେ ସନ୍ଧାନ କରିଥିଲେ । ଏହି ମାମଲା ସାମ୍ନାକୁ ଆସିବା ପରେ ଘଟଣା ସ୍ଥଳରେ ଆତଙ୍କ ଖେଳିଯାଇଥିଲା । ପୋଲିସ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ କିଛି ବି ସନ୍ଦିଗ୍ଧ ଜିନିଷ ମିଳିନଥିଲା।

# ଲୋହିତ ସାଗରରେ କଟିଲା କେବୁଲ, ଏସୀୟ ଦେଶର ଇଣ୍ଟରନେଟ୍ ସ୍ପିଡ୍ ପ୍ରଭାବିତ

**ନୂଆଦିଲ୍ଲୀ,୭।୯:** ସମୁଦ୍ର ତଳେ ଥିବା ଇଣ୍ଟରନେଟ୍ କେବୁଲ କଟି ଯାଇଛି। ଏହି କାରଣରୁ ଭାରତ ସହିତ ଏସିଆର ଅନେକ ଦେଶରେ ଇଣ୍ଟରନେଟ୍ ପ୍ରଭାବିତ ହୋଇଛି। ଏହି କେବଲ ଲୋହିତ ସାଗର ତଳେ ରହିଛି। ଏହାର ସୂଚନା ନେଟବ୍ଲକ୍ସରେ ମଧ୍ୟ ଦିଆଯାଇଛି। ପିଟିଆଇ ପକ୍ଷରୁ ଏକ୍ସ ପ୍ଲାଟଫର୍ମରେ ପୋଷ୍ଟ କରି କୁହାଯାଇଛି ଯେ, ଲୋହିତ ସାଗରରେ ସବମରିନ୍ କେବଲ କଟି ଯିବା କାରଣରୁ ବହୁ ଅଞ୍ଚଳରେ ରବିବାର ଇଣ୍ଟରନେଟ୍ ସ୍ପିଡ୍ ପ୍ରଭାବିତ ହୋଇଛି। ପୋଷ୍ଟରେ ଲେଖାଯାଇଛି, ଚିନ୍ତା ପ୍ରକାଶ କରାଯାଉଛି ଯେ, ୟେମେନର ହୁତି ବିଦ୍ରୋହୀ ଏହି କେବଲକୁ ଟାର୍ଗେଟ କରିଛନ୍ତି। ଏହାକୁ ଇସ୍ରାଏଲ ଉପରେ ଚାପ ପକାଇବାର ଚେଷ୍ଟା ବୋଲି କୁହାଯାଉଛି, ଫଳରେ ଗାଜାରେ ହମାସ ବିରୋଧରେ ଯୁଦ୍ଧକୁ ଶେଷ କରିହେବ। ଉଲ୍ଲେଖନୀୟ ଯେ, ହୁତି ବିଦ୍ରୋହୀ ପୂର୍ବରୁ ମଧ୍ୟ କେବଲ ଉପରେ ଆକ୍ରମଣ କରିଥିବା ନେଇ ମନା କରିସାରିଛି। ରିପୋର୍ଟ ଅନୁଯାୟୀ, ମାଇକ୍ରୋସଫ୍ଟ କହିଛି ଯେ ମଧ୍ୟପ୍ରାଚ୍ୟରେ ଲୋହିତ ସାଗର ତଳେ ଥିବା ଅଣ୍ଡର ସି କେବୁଲ କାଟିବା ଦ୍ୱାରା ଲାଟେନ୍ସୀ ବୃଦ୍ଧି ପାଇପାରେ, ଯାହାର ଅର୍ଥ ହେଉଛି ଇଣ୍ଟରନେଟ୍ ସ୍ପିଡ୍ ହ୍ରାସ ପାଇପାରେ। କମ୍ପାନୀ ଏହା ମଧ୍ୟ କହିଛି ଯେ କେବୁଲ ଗୁଡ଼ିକ ମଧ୍ୟପ୍ରାଚ୍ୟ ଦେଇ ଯାଉନାହିଁ, ତେଣୁ ସେ ଗୁଡ଼ିକ ପ୍ରଭାବିତ ହୋଇନାହିଁ।



## ■ ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲା

# ଚାର୍ଜସିଟ୍‌ରେ ପତ୍ନୀ ସୋନମଙ୍କ ସମେତ ୮ ଜଣଙ୍କ ନାଁ

**ନୂଆଦିଲ୍ଲୀ,୭।୯:** ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ଘଟଣାର ୯୭ ଦିନ ପରେ ମେଘାଳୟ ପୁଲିସ ୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ପୁଲିସ ଏସ୍ଆଇଟି ପକ୍ଷରୁ ସିଲଂର ସୋହରା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଦାଖଲ କରାଯାଇଥିବା ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ଅନ୍ୟ ୭ ଜଣଙ୍କ ନାମ ସ୍ଥାନ ପାଇଛି । ମେଘାଳୟ ପୁଲିସ ଶୁକ୍ରବାର ରାତିରେ ଏହି ସୂଚନା ଦେଇଛି । ଚାର୍ଜସିଟ୍‌ରେ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କ ସମେତ ୫ ଜଣଙ୍କ ନାମରେ ହତ୍ୟା, ଅପରାଧ ଷଡଯନ୍ତ୍ର ଓ ପ୍ରମାଣ ନଷ୍ଟ ଆଦି ମାମଲା ରହିଛି । ସେମାନେ ଏବେ ଜେଲ୍‌ରେ ଅଛନ୍ତି । ଅନ୍ୟ



୩ ଅଭିଯୁକ୍ତ ହେଲେ ଆକାଶ ରାଜପୁତ, ବିଶାଳ ଚୌହାନ ଓ ଆନନ୍ଦ କୁର୍ମୀ । ଏହି ୩ ଜଣ ହେଉଛନ୍ତି କଣ୍ଟ୍ରାକ୍ଟର କିଲର । ସୋନମ ଓ ରାଜ୍‌ଙ୍କ ପରାମର୍ଶରେ ସେମାନେ ରାଜା ରଘୁବଂଶୀଙ୍କ ପିଛା କରି ମେଘାଳୟ ଯାଇଥିଲେ ଏବଂ ସେଠାରେ ହତ୍ୟା କରିଥିଲେ । ସେହିଭଳି ଅନ୍ୟ ୩ ଜଣ ଯଥା ପ୍ରପର୍ଟି ଡିଲର ସିଲୋମ ଜେମ୍ସ, ଲୋକେନ୍ଦ୍ର ତୋମାର ଓ ସିକ୍ୟୁରିଟି ଗାର୍ଡ ବଲବୀରଙ୍କ ନାମରେ ପ୍ରମାଣ ନଷ୍ଟ ଓ ତାକୁ ଲୁଚାଇବା ଅଭିଯୋଗ ରହିଛି । ଏହି ୩ ଜଣଙ୍କୁ ଜାମିନ ମିଳିସାରିଛି।

# ଜେଲରେ ଲାଇବ୍ରେରୀଆନ୍ ହେଲେ ପ୍ରଜ୍ୱଳ



**ବେଙ୍ଗାଲୁରୁ ୭।୯:** ଦୁଷ୍କର୍ମ ମାମଲାରେ ଆଜୀବନ ଜେଲ ଦଣ୍ଡ ଭୋଗୁଥିବା ହାସନର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ବେଙ୍ଗାଲୁରୁର ପରପ୍ପନା ଅଗ୍ରହାରା ଜେଲରେ ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଜେଲ ଲାଇବ୍ରେରୀରେ କ୍ଲର୍କ ନିଯୁକ୍ତ କରାଯାଇଛି।ଜେଲ ଅଧିକାରୀଙ୍କ ଅନୁସାରେ ସେ ଜେଲର କୈଦୀମାନଙ୍କୁ ପୁସ୍ତକ ଜାରି କରିବେ ଓ ନିଆଯାଇଥିବା ପୁସ୍ତକର ରେକର୍ଡ ରଖିବେ। ଏଥି ପାଇଁ ତାଙ୍କୁ ଦୈନିକ ପାରିଶ୍ରମିକ ମଧ୍ୟ ମିଳିବ। ଜେଲ ନିୟମ ଅନୁସାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା କୈଦୀଙ୍କୁ କିଛି ନା କିଛି କାମ କରିବାକୁ ପଡିଥାଏ। ଏହି କାମ ସେମାନଙ୍କ ରୁଚି ଓ କ୍ଷମତା ଅନୁସାରେ ଦିଆଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ ଏହି କାମ ପାଇଁ ପ୍ରତି ଦିନ ୫୨୨ ଟଙ୍କା ମଜୁରୀ ମିଳିବ। ତେବେ ଏଥି ପାଇଁ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ସେ ବିଶ୍ୱସ୍ତତାର ସହ ପୁରା କରିବେ। ଅଧିକାରୀମାନେ କହିଛନ୍ତି ଯେ ସେ ପ୍ରଥମେ ପ୍ରଶାସନିକ କାର୍ଯ୍ୟ ପାଇଁ ତାଙ୍କର ରୁଚି ଦେଖାଇଥିଲେ। ତେବେ ଜେଲ ପ୍ରଶାସନ ତାଙ୍କୁ ଲାଇବ୍ରେରୀରେ ନିଯୁକ୍ତ କରିଛନ୍ତି। ପ୍ରଜ୍ୱଳ ତାଙ୍କ ନୂଆ ନିଯୁକ୍ତିକୁ ସ୍ୱୀକାର କରିବା ସହିତ ଡ୍ୟୁଟି ମଧ୍ୟ ଆରମ୍ଭ କରିଦେଇଛନ୍ତି। ସାଧାରଣତଃ ବନ୍ଦୀମାନଙ୍କୁ ମାସକରେ ୧୨ ଦିନ ଅର୍ଥାତ ସପ୍ତାହକୁ ୩ ଦିନ କାମ କରିବାକୁ ପଡିଥାଏ। ତେବେ ପ୍ରଜ୍ୱଳ ରେଭନ୍ନାଙ୍କୁ କୋର୍ଟରେ ହାଜିର ହେବା ଏବଂ ଓକିଲଙ୍କୁ ଭେଟିବାକୁ ପଡୁଥିବାରୁ ଏବେ ତାଙ୍କର କାମ ସିଡ୍ୟୁଲ ସୀମିତ ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଜ୍ୱଳ ରେଭନ୍ନା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି ଦେବେ ଗୋଡାଙ୍କ ନାତୀ ଓ ଜେଡିଏସ୍ ନେତା ତଥା ହେଲେ ନରସିପୁରା ବିଧାୟକ ଏଚ.ଡି. ରେଭନ୍ନାଙ୍କ ପୁଅ। ନିକଟରେ ଏକ ଦୁଷ୍କର୍ମ ମାମଲାରେ ଟ୍ରାୟଲ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ କରିଛନ୍ତି।

# ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୯ (ସଂଚାର ବ୍ୟୁରୋ) :** ସୋମବାର ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଉପରାଷ୍ଟ୍ରପତି ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଉଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ପୂର୍ବରୁ ବିଜେପି ରାଜ୍ୟ ସଭାପତି ମଧ୍ୟ ରବିବାର ଦିଲ୍ଲୀ ଯାଇଛନ୍ତି। ଏହିଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଏହି ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ କିଛି ସରକାରୀ କାର୍ଯ୍ୟକ୍ରମ ସହ ଦଳୀୟ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସାଙ୍ଗକୁ ନିଗମ ଓ ବୋର୍ଡ ନିଯୁକ୍ତି ନେଇ ଗତ କିଛି ମାସ ଧରି ଆଲୋଚନା ଲାଗିରହିଥିବା ବେଳେ ଉଭୟ ରାଜ୍ୟ ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଦଳୀୟ ମହଲରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ୮୨ ଲକ୍ଷ ଇପିଏଫ୍ ପେନ୍ସନ୍ଧାରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ

● ସଂଘ ବୈଠକରେ ଅଭିଯୋଗ




**ଭଞ୍ଜନଗର,୭।୯(ସଂଚାର ବ୍ୟୁରୋ):** ଏକ ଜନମଙ୍ଗଳ ରାଷ୍ଟ୍ରରେ ସରକାର ସମସ୍ତ ନାଗରିକଙ୍କ ସାମାଜିକ ସୁରକ୍ଷା ଚିନ୍ତା କରିବା କଥା। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନିଗମରୁ ଅବସର ନେଇଥିବା କର୍ମଚାରୀଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ବର୍ତ୍ତମାନ ଦେଶରେ ୮୨ ଲକ୍ଷ ଇପିଏଫ୍ ପେନ୍ସନ୍ଧାରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏନେଇ ରବିବାର ଗଞ୍ଜାମ ଜିଲା ଭଞ୍ଜନଗର ବେଲେଶ୍ୱର ପୀଠରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସାଧାରଣ ବୈଠକରେ ତାହା ଅଭିଯୋଗ ହୋଇଛି। ଏଥିସହ ବୈଠକରେ କର୍ମଚାରୀମାନେ ସେମାନଙ୍କ ଅନେକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦେଶରେ ୮୨ ଲକ୍ଷ ଇପିଏଫ୍ ପେନ୍ସନ୍ଧାରୀ ଅଛନ୍ତି। ସେଥିମଧ୍ୟରୁ ୩୭ ଲକ୍ଷ ପେନ୍ସନ୍ଧାରୀଙ୍କୁ ମାସକୁ ହଜାରେ ଟଙ୍କା ଲେଖାଏଁ ପେନସନ ସରକାର ଦେଉଛନ୍ତି। ମହଙ୍ଗା ଯୁଗରେ ମାସକୁ ୧୦୦୦ ଟଙ୍କା ସମୁଦ୍ରକୁ ଶଙ୍ଖେ। ଜଣେ ବୃଦ୍ଧ ବ୍ୟକ୍ତି ନିଜ ପରିବାରକୁ କିଭଳି ଚଳାଇବେ ? କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଆମ ଦାବିକୁ ଶୁଣନ୍ତୁ। ନଚେତ୍ ଆଗାମୀ ଦିନରେ ଦାବି ହାସଲ ପାଇଁ ଇପିଏଫ୍ କାର୍ଯ୍ୟାଳୟକୁ ଧସେଇ ପଶିବୁ ବୋଲି ଅଲ ଓଡ଼ିଶା ଇପିଏଫ୍ ପେନ୍ସନର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ତଥା କେନ୍ଦ୍ର ଉପସଭାପତି ଭାଗ୍ୟଧର ବ୍ରହ୍ମା ତାହା କହିଛନ୍ତି। ସଂଘର ତିନୋଟି ମୁଖ୍ୟ ଦାବି ହେଲା ସର୍ବନିମ୍ନ ପେନ୍ସନ୍ ୯ ହଜାର ଟଙ୍କା କରିବା, ମହଙ୍ଗା ଭତ୍ତା ପ୍ରଦାନ ସହ ସ୍ୱାସ୍ଥ୍ୟବୀମା ପ୍ରଦାନ, ଇପିଏଫ ଆକାଉଣ୍ଟରେ ୬୭ ଲକ୍ଷ କୋଟି ଟଙ୍କା ଗଚ୍ଛିତ ଅଛି। ଉକ୍ତ ଟଙ୍କାକୁ ଫିକ୍ସଡ ଡିପୋଜିଟ୍ କରି ଯଦି ପେନ୍ସନ୍ ମଧ୍ୟ ଦିଆଯିବ ତେବେ ପେନ୍ସନଧାରୀମାନେ ବହୁତ ଟଙ୍କା ପାଇବେ। କିନ୍ତୁ ସରକାର ତାହା କରାଇ ଦେଉନାହାନ୍ତି ବୋଲି ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ଉପଦେଷ୍ଟା ନଟବର ଆଚାର୍ଯ୍ୟ ସଭାରେ ଅଭିଯୋଗ କରିଥିଲେ।

# ଧାମନଗର କଲେଜରେ ଗଛ କାଟିବାକୁ ନେଇ ଅସନ୍ତୋଷ

**ଭଦ୍ରକ,୭।୯ (ସଂଚାର ବ୍ୟୁରୋ) :** ଧାମନଗର ମହାବିଦ୍ୟାଳୟ ଉକ୍ତ ଅଞ୍ଚଳ ରେ ଏକ ପୁରାତନ ମହାବିଦ୍ୟାଳୟ ପ୍ରଥମେ ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକ ଙ୍କ ଉଦ୍ୟମ ଓ ଅଞ୍ଚଳ ର ଲୋକଙ୍କ ସହାୟତା ରେ ମହାବିଦ୍ୟାଳୟ ଟି ସ୍ଥାପନା ହୋଇ ଥିଲା। ପାଖା ପାଖି ୨୭ ଏକର ଜାଗାରେ ଉକ୍ତ ମହାବିଦ୍ୟାଳୟ ରହିଛି ହେଲେ। ମହାବିଦ୍ୟାଳୟ ର ନିଜସ୍ୱ ଜାଗା ୧୫ ଏକର ଜମି ଉପରେ କଲେଜ ର ଘର ପୋଖରୀ, ଖେଳ ପଡ଼ିଆ ଇତ୍ୟାଦି ରହିଛି।ଅବଶିଷ୍ଟ ୧୦ ଏକର ଜମି ରେ ଏବେ କାଗଜ ପତ୍ର ପାଇଁ ତହସିଲ ରେ ରହିଛି।ତେବେ ଉକ୍ତ ମହାବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ନୂତନ ଗୃହ ଓ ଉନ୍ନତି ପାଇଁ ୨୦ କୋଟି ଟଙ୍କା ଅନୁମୋଦନ ହୋଇଚି। ହେଲେ ବୃହତ୍ ପ୍ରକଳ୍ପ ରେ ଜାଗା ଅଭାବ ରହିଥିବାରୁ ମହାବିଦ୍ୟାଳୟ ପରିସର ରେ ଥିବା କିଛି ଗଛ କାଟିବାକୁ ନିଷ୍ପତି ହୋଇଥିଲା। ତେବେ ସରକାରି ନିୟମ ରେ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ଆଣି ଗଛ କଟା ଯାଇଥିଲା। ତେବେ ଏହି ଗଛକଟା ନେଇ ସ୍ଥାନୀୟ ଅଞ୍ଚଳ ରେ ବିରୋଧ ହୋଇ ଥିଲା। ନିହାତି ଗଛ କଟାଯିବା ଏକ ଦୁଃଖ ଦାୟକ ଘଟଣା ହେଲେ ବୃହତ୍ କାର୍ଯ ପାଇଁ ଜାଗା ନଥିବାରୁ ବାଧ୍ୟ ହୋଇ କିଛି ଗଛ କଟା ଯାଇଚି ସେହି ଭରଣା ପାଇଁ ମଧ୍ୟ ଗଛ ଲଗାଇବା ଅଭିଯାନ ରେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରା ଯିବ ବୋଲି ମହାବିଦ୍ୟାଳୟ ର ଅଧକ୍ଷ ଅଜୟ କୁମାର ବେଜ ତାଙ୍କ ପ୍ରତିକ୍ରିୟାରେ ରେ କହିଛନ୍ତି।। ତେବେ ଉକ୍ତ ମହାବିଦ୍ୟାଳୟ ରେ ଏମ ବି ସି ସି ଏହି କାମ କରିବ ସେ ନେଇ ବାରମ୍ବାର ମହା ବିଦ୍ୟାଳୟ ଉପରେ ଚାପ ପକାଇ ସ୍ଥାନ ଯୋଗାଇ ଦେବାକୁ କହିଥିଲେ। ଏହି କାର୍ଯ୍ୟ ପରେ ମହାବିଦ୍ୟାଳୟ ରେ ଏକ ନୂଆ ରୂପରେ ଝଲସିବ ବୋଲି ଅଧ୍ୟକ୍ଷ ଶ୍ରୀ ବେଜ କହିଛନ୍ତି।

# ଏମ୍ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

## ଆବଶ୍ୟକ ପଡ଼ିଲେ ଦିଲ୍ଲୀ ସ୍ଥାନାନ୍ତର କରାଯିବ



**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏମ୍ସରେ ଚିକିତ୍ସାଧୀନ ବିଶିଷ୍ଟ ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ଏବଂ ଗାୟକ ଅଭିଜିତ ମଜୁମଦାରଙ୍କୁ ଆବଶ୍ୟକ ପଡ଼ିଲେ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯିବ ବୋଲି ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିବା ପାଇଁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରର ଏମ୍ସ ହସ୍ପିଟାଲ ଗସ୍ତ କରିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସମର୍ଥନର ପ୍ରତିଶ୍ରୁତି ଦେଇଥିଲେ ଏବଂ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଶ୍ରୀ ମଜୁମଦାରଙ୍କୁ ଚିକିତ୍ସା ଯୋଗାଉଥିବା ଡାକ୍ତରଙ୍କ ଦଳକୁ ସ୍ୱାସ୍ଥ୍ୟମନ୍ତ୍ରୀ ଭେଟି ବର୍ତ୍ତମାନର ସ୍ୱାସ୍ଥ୍ୟ ଅବସ୍ଥା ଏବଂ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ।

ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ମୁଁ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲି। ମୁଁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ସହିତ କଥା ହୋଇଥିଲି। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଛି ଏବଂ ଅନ୍ତରୀଣ ଅଙ୍ଗ ସବୁ ଠିକ ଅଛି। କଥାବାର୍ତ୍ତା ତ ହେଉନାହାନ୍ତି ହେଲେ ଶୀଘ୍ର ସୁସ୍ଥତା ପାଇଁ ସରକାର ଓ ଡାକ୍ତରୀ ଦଳଙ୍କ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ପ୍ରୋଟୋକଲ ଅନୁଯାୟୀ ତାଙ୍କର ଚିକିତ୍ସା ଚାଲିଛି। ଯଦିଓ ସେ ବର୍ତ୍ତମାନ କଥାବାର୍ତ୍ତା ଅବସ୍ଥାରେ ନାହାନ୍ତି, ତଥାପି ସରକାର ଏବଂ ଡାକ୍ତରୀ ଦଳ ଦ୍ୱାରା ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରୟାସ କରାଯାଉଛି।" ଆଗାମୀ ଦିନରେ, ଏକ ସ୍ୱତନ୍ତ୍ର ଦଳ ତାଙ୍କ ସୁସ୍ଥତା ପାଇଁ କାମ କରିବ କିନ୍ତୁ ଆବଶ୍ୟକ ପଡ଼ିଲେ, ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯିବ। ମୁଁ ତାଙ୍କର ସର୍ବୋତ୍ତମ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛି ଯାହା ଦ୍ୱାରା ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିପାରିବେ। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ସମ୍ପର୍କରେ ଡାକ୍ତରୀ ଦଳ ଦେଇଥିବା ପରାମର୍ଶ ବିଷୟରେ ଆମେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବୁ," ସେ ଆହୁରି କହିଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ ରାଜ୍ୟ ସରକାର ସମସ୍ତ ଚିକିତ୍ସା ବ୍ୟବସ୍ଥା ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତାକାଲି, ଆମେ ଏମ୍ସ ନିର୍ଦ୍ଦେଶକ ଏବଂ ଡାକ୍ତରୀ ଦଳ ସହିତ କଥା ହେବୁ ଯାହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ କାରଣ ମଜୁମଦାରଙ୍କୁ ତାଙ୍କର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ସ୍ଥାନାନ୍ତର କରାଯିବ।

"ଅଭିଜିତ ମଜୁମଦାର କେବଳ ତାଙ୍କ ପରିବାରର ନୁହେଁ ବରଂ ଆମ ରାଜ୍ୟର ମଧ୍ୟ ସମ୍ପତ୍ତି। ତାଙ୍କ ଅସୁସ୍ଥତା ପାଇଁ ସରକାର ଚିନ୍ତିତ। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କୁ କିପରି ଭଲ ସ୍ୱାସ୍ଥ୍ୟସେବା ଯୋଗାଇବେ ସେ ବିଷୟରେ ଡାକ୍ତରୀ ଦଳ ସହିତ ଆଲୋଚନା କରିଛନ୍ତି। ଲୋକମାନେ ଗୁଜବରୁ ନିବୃତ୍ତ ରହିବା ଉଚିତ। ଗତ ଦୁଇ ଦିନରେ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି। ଆବଶ୍ୟକ ହେଲେ, ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବା ବିଷୟରେ ବିଚାର କରାଯାଇପାରିବ।"

# ୭ ଗୋରୁ ମୃତ

**କୋରେଇ,୭।୯ (ସଂଚାର ବ୍ୟୁରୋ) :** ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବେଫିକର ଗୋ ମାଲିକ। ପ୍ରଶାସନ ସାଜିଛି ନିଦା ବିଷ୍ଣୁ। ଯାହାର ପରିଣାମ ଏକାଥରକେ ୭ଟି ଗୋମାତାଙ୍କ ଜୀବନ ଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଅଜଣା ଗାଡି ଧକ୍କାରେ ୭ଟି ନିରୀହ ଗୋରୁଙ୍କ ଜୀବନ ଯାଇଛି। ଏବେ ରାଜପଥ ରାସ୍ତା ପାଲଟିଛି ଗୋରୁ ଗୋଠ। ଯାହା ଫଳରେ ସେମାନଙ୍କ ଜୀବନ ଯିବା ସହିତ ଲୋକମାନଙ୍କ ଜୀବନ ହାନୀ ହେଉଛି। ଗତ ଦୁଇନିଦ ତଳେ ଷଣ୍ଢକୁ ଧକ୍କା ଦେଇ କାର ଓଲଟିବାରୁ ଚାଳକର ଜୀବନ ଯାଇଥିଲା। ସବୁପରେ ବି ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନନେବାରୁ ସେମାନଙ୍କ ସହିତ ଅନେକ ଧନଜୀବନ ହାନୀ ହେଉଛି। ଏନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି।

# ନାହାନ୍ତି କର୍ମଚାରୀ, ମୁକୁଳା ଉପକୂଳ

**ଭୁବନେଶ୍ୱର,୭।୯ (ସଂଚାର ବ୍ୟୁରୋ) :** ଉପକୂଳର ସୁରକ୍ଷାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଓଡ଼ିଶା ତଟକୁ ଜଗିବାପାଇଁ ଥିବା ସାମୁଦ୍ରିକ ଥାନାରେ କିନ୍ତୁ ଆବଶ୍ୟକ ସୁରକ୍ଷାକର୍ମୀ ନାହାନ୍ତି। ଏହିସବୁ ଥାନାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ତାହାଠାରୁ ଢେର କର୍ମଚାରୀ ଥିବାବେଳେ ମିଳିଥିବା ଯାନବାହାନ ବି ଅଚଳାବସ୍ଥାରେ।

ରାଜ୍ୟର ୪୮୦ କିଲୋମିଟର ବ୍ୟାପି ସମୁଦ୍ରକୂଳର ସୁରକ୍ଷା ପାଇଁ ଗଠିତ ହୋଇଛି ୧୮ଟି ଉପକୂଳ ଥାନା। ଏହି ଥାନାପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ସାଢେ ୩ କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୧କୋଟି ୭୫ଲକ୍ଷ ଟଙ୍କାର ଦେଇଥିଲେ। ଏହାବାଦ୍ ଥାନାଗୁଡିକ ପାଇଁ ୩୬ଟି ଦୁଇ ଚକିଆ, ୧୮ଟି ଚାରିଚକିଆ ଓ ୧୫ଟି ଛୋଟ ଏବଂ ବଡ ବୋଟ୍ ଯୋଗାଇ ଦେଇଥିଲେ। ଏଥି ସହିତ ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲ୍ଇଡି ସର୍ଚ୍ଚ ଲାଇଟ୍ ସହିତ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ବି ଦେଇଥିଲେ।

ହେଲେ ଏହିସବୁ ଥାନାରେ କର୍ମଚାରୀ ଅଭାବ ଏବେ ସ୍ଥିତିକୁ ଜଟିଳ କରିଛି। ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ଥାନାରେ ଜଣେ କରି ଇନ୍ସପେକ୍ଟର ବି ନଥିଲେ। ୧୮ଟି ଇନ୍ସପେକ୍ଟର ପଦବୀ ମଧ୍ୟରୁ ୩ଟି ଖାଲି ପଡ଼ିଥିବାବେଳେ ୫୪ଟି ସବଇନ୍ସପେକ୍ଟର ପଦବୀରେ ୯ଜଣ କାର୍ଯ୍ୟ କରୁଥିଲେ। ସେହିଭଳି ୫୪ଟି ଏଏସ୍ଆଇ ପଦବୀରେ ୨୬ଜଣ ଥିବାବେଳେ ୧୪୪ ହାବିଲଦାର ପଦବୀରେ କାର୍ଯ୍ୟରତ ଥିଲେ ମାତ୍ର ୧୬ଜଣ। ଥାନାର ବଳ କୁହାଯାଉଥିବା କନେଷ୍ଟବଳଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା। ୧୮ଟି ଥାନା ପାଇଁ ୪୩୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରେ ରହିଛନ୍ତି ମାତ୍ର ୧୧୩ ଜଣ। ଅର୍ଥାତ୍ ୩ଶହରୁ ଅଧିକ କନେଷ୍ଟବଳ ପଦବୀ ଫାଙ୍କା ପଡ଼ିଛି। ୩୬ଟି ଡ୍ରାଇଭ ପଦବୀରେ ମାତ୍ର ୫ଜଣ ରହିଥିବାରୁ ଥାନାକୁ ମିଳିଥିବା ଗାଡି ଚଳାଇବାକୁ ବି ନିୟମିତ ଚାଳକ ନାହାନ୍ତି। ୨୮୦ ବୈଷୟିକ କର୍ମଚାରୀଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୯୦ ଜଣ।

କର୍ମଚାରୀ ସଙ୍କଟ ଯୋଗୁଁ ଥାନାଗୁଡିକ ଏକ ପ୍ରକାର ପଙ୍ଗୁ ପାଲଟିଥିବାବେଳେ ଉପକୂଳରେ ପଇଁତରା ମାରିବା ତ ଦୂରରକଥା ଥାନା ଆଖପାଖକୁ ସୁରକ୍ଷିତ ରଖିବା ଏବେ ବଡ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏଠାକୁ ବଦଳି ହେଉଥିବା ପୁଲିସ୍ କର୍ମଚାରୀମାନେ ସହଜରେ ଯାଉନାହାନ୍ତି। ଫଳରେ ଥାନାଗୁଡିକରେ ଦିନକୁ ଦିନ ସ୍ଥିତି ଜଟିଳ ହେବାରେ ଲାଗିଛି। ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୁର ପରେ ଉପକୂଳ ସୁରକ୍ଷା ଉପରେ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଉଗ୍ରପନ୍ଥୀଙ୍କ ସମେତ ନିଶା ବେପାରୀମାନେ ଜଳପଥକୁ ବାଛୁ ଥିବାରୁ ଓଡ଼ିଶା ଭଳି ଉପକୂଳ ରାଜ୍ୟ ଉପରେ ନଜର ରଖାଯାଇଛି। ଏଭଳି ସ୍ଥିତିରେ ନୂତନ ଉପକୂଳ ଥାନା ଖୋଲିବା ତ ଦୂରରକଥା ଯେତିକି ବି ଥାନା ରହିଛି ସେଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନରହିବା ଏବେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରବାରେ ଲାଗିଛି। ସେହିଭଳି ଓଡ଼ିଶା ଉପକୂଳ ବଙ୍ଗଳାଦେବୀ ଅନୁପ୍ରବେଶକାରୀଙ୍କର ଚରାଭୂଇଁ ପାଲଟିଥିବାବେଳେ ସେମାନେ ଜଳପଥର ଦେଇ ବାଲେଶ୍ୱରରୁ ପାରାଦୀପ୍ ପର୍ଯ୍ୟନ୍ତ ପ୍ରବେଶ କରି ଆସ୍ଥାନ ଜମାଉଛନ୍ତି। (ତଥ୍ୟ)

■ ଗୋପାଳପୁର ଗଣଦୁଷ୍କର୍ମ ମାମଲା

# ଡିସ୍ଚାର୍ଜ ପିଟିସନ୍ ଖାରଜ, ୮ରେ ଚାର୍ଜଫ୍ରେମ୍

**ବ୍ରହ୍ମପୁର,୭।୯:** ଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଚାର୍ଜସିଟ୍‌ରୁ ବାଦ୍ ପଡ଼ିଥିବା ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ମାମଲାରୁ ବାଦ୍ ଦେବାକୁ ହୋଇଥିବା ଡିସ୍ଚାର୍ଜ ପିଟିସନ୍‌କୁ ଶନିବାର ଖାରଜ କରିଛନ୍ତି କୋର୍ଟ । ଏଡିଜେ-୨ କୋର୍ଟରେ ଏହାର ଶୁଣାଣି ପୂର୍ବରୁ ହୋଇଥିବାବେଳେ ଶନିବାର ରାୟରେ ଖାରଜ କରାଯାଇଥିବା କୋର୍ଟ ଦର୍ଶାଇଥିଲେ । ପୂର୍ବରୁ ଓମ୍‌ଙ୍କ ଜାମିନ୍ ଆବେଦନକୁ ଖାରଜ କରିଥିଲେ କୋର୍ଟ । ଶନିବାର ଚାର୍ଜଫ୍ରେମ୍ ପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିଥିଲେ । କିନ୍ତୁ ଚାର୍ଜଫ୍ରେମ୍ ହୋଇପାରି ନାହିଁ । ଆସନ୍ତା ୮ ତାରିଖ (ସୋମବାର) ଚାର୍ଜଫ୍ରେମ୍ କରିବାକୁ କୋର୍ଟ ତାରିଖ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ଇସ୍‌ମାଇଲ୍ ମହମ୍ମଦ କହିଛନ୍ତି ।

କ୍ରାଇମ୍‌ବ୍ରାଞ୍ଚ୍ ଏହି ମାମଲାର ଚାର୍ଜସିଟ୍ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ରେ ଦାଖଲ କରିଥିଲେ । ଚାର୍ଜସିଟ୍ ପରେ ଜେଏମ୍‌ଏଫ୍‌ସି ଓମ୍‌କୁ ଅଭିଯୁକ୍ତ ଭାବେ ଗ୍ରହଣ କରି ଜିଲ୍ଲା କୋର୍ଟକୁ କେସ୍ ଫାଇଲ୍ ସ୍ଥାନାନ୍ତର କରିଥିଲେ । ଜିଲ୍ଲା କୋର୍ଟ ଏହି ମାମଲାର ବିଚାରଣା ପାଇଁ ଏଡିଜେ-୨କୁ ପଠାଇଥିଲେ । ଏହି ମାମଲା ଏଡିଜେ-୨ରେ ଥିବାବେଳେ ପ୍ରଥମେ ଓମ୍‌ଙ୍କ ପାଇଁ ଜାମିନ୍ ଆବେଦନ ହୋଇଥିଲା । ଜାମିନ୍ ଆବେଦନକୁ କୋର୍ଟ ଖାରଜ୍ କରିବା ପରେ ଓମ୍‌ଙ୍କ ଓକିଲ ତାଙ୍କୁ ଏହି ମାମଲାରୁ ବାଦ୍ ଦେବାକୁ ଡିସ୍ଚାର୍ଜ ପିଟିସନ୍ କରିଥିଲେ। ଏହାର ବି ଶୁଣାଣି କରି ଖାରଜ କରିଛନ୍ତି । ୬ ଜଣ ଅଭିଯୁକ୍ତଙ୍କ ମାମଲା ଏବଂ ଅନ୍ୟ ୩ ଜଣ (୧୭-୧୮ ବର୍ଷ ବୟସ)ଙ୍କ କେସ୍ ଜୁନିୟର କୋର୍ଟ ତଥା ଏଡିଜେ-୨ରେ ବିଚାରଣା ପାଇଁ ରହିଛି।

ଅନ୍ୟପକ୍ଷରେ ୧୬ ବର୍ଷର କମ୍ ବୟସର ଜଣେ ନାବାଳକ ଥିବାବେଳେ ତାଙ୍କ ମାମଲାର ବିଚାରଣା ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହେବ । ଜୁନ୍ ୧୫ ତାରିଖ ସନ୍ଧ୍ୟାରେ ଜଣେ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ । ସେମାନେ ପାନ୍ଥ ନିବାସ ପଛରେ ବସିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଦୁଷ୍କର୍ମ କରିଥିଲେ । ଗୋପାଳପୁର ଥାନା ପୁଲିସ ୧୦ ଜଣଙ୍କୁ ଗିରଫ କରିଥିବା ବେଳେ ପରେ ଏହି କେସ୍‌ର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ୍ ନେଇଥିଲା ।

■ ଲୁଟ୍ ଟଙ୍କା ଭାଗବଣ୍ଟା ବିବାଦ ହେଲା କାଳ

# ଧରାପଡ଼ିଲେ ୫ ସାଇବର ଲୁଟେରା

ସାଢ଼େ ୮ କୋଟି ଟଙ୍କାର ଆକାଉଣ୍ଟ ଜବତ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଲୁଟ ଟଙ୍କା ଭାଗବଣ୍ଟା ବିବାଦରୁ ପୁଲିସ ଜାଲରେ ପଡ଼ିଲେ ୫ ଜଣ ସାଇବର୍ ଲୁଟେରା। ଏଥିସହ କମିଶନରେଟ ପୁଲିସ କ୍ଲାସିକ ସାଇବର ଠକ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି। ଜଣେ ସାଇବର ଠକକୁ ବିହାରରୁ ଡାକି ଅପହରଣ କରିବା ସହ ୨୫ ଲକ୍ଷ ଟଙ୍କା ମୁକ୍ତି ଜାମିନ ରଖିଥିବା ଅଭିଯୋଗରେ ଏହି ୫ ଜଣଙ୍କୁ ଗିରଫ କରିଛି ଚନ୍ଦକା ପୁଲିସ। ଏଥିମଧ୍ୟରୁ ୪ ଜଣ ଓଡ଼ିଶାର ହୋଇଥିବା ବେଳେ ଅନ୍ୟ ଜଣଙ୍କ ବିହାରରୁ ଗିରଫ ହୋଇଥିବା ପୁଲିସ ସୂଚନା ଦେଇଛି। ଏଥିସହ ସାଇବର ଠକମାନଙ୍କ ସହ ଜଡ଼ିତ ୩ଟି ବ୍ୟାଙ୍କ ଆକାଉଣ୍ଟକୁ ପୁଲିସ୍ ସିଜ୍ କରିଥିବା ବେଳେ ଉକ୍ତ ଆକାଉଣ୍ଟରେ ସାଢ଼େ ୮ କୋଟି ଟଙ୍କାରୁ ଅଧିକ ଥିବା ଜଣାପଡ଼ିଛି। ଗୋଟିଏ ଆକାଉଣ୍ଟରେ ଦେଢ଼ କୋଟି, ଅନ୍ୟ ଏକ ଆକାଉଣ୍ଟରେ ୩ କୋଟି ଏବଂ ତୃତୀୟ ଆକାଉଣ୍ଟରେ ୫ କୋଟି ଟଙ୍କା ରହିଛି। ଏହି ଗ୍ୟାଙ୍ଗ ଓଡିଶାରୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟର ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪ ପ୍ରତିଶତ କମିଶନରେ ଆକାଉଣ୍ଟ ବିକ୍ରି କରୁଥିଲା। କିଛି ମାସ ପୂର୍ବରୁ ପ୍ରୟାଗରାଜରେ ଏହି ଗ୍ୟାଙ୍ଗର୍ର ସଦସ୍ୟମାନେ ଭେଟାଭେଟି ହେବା ପରେ ଠକେଇ ଅଭିଯାନ ଆରମ୍ଭ କରିଥିଲେ। ଅଧିକ ଲାଭ ଦେବାର ଲୋକ ଦେଖାଇ ଗତକାଲି ବିହାର ଉକ୍ତ ସାଇବର ଲୁଟେରା ଜଣଙ୍କୁ ଓଡ଼ିଶାର ୪ ଜଣ ଅଭିଯୁକ୍ତ ଅପହରଣ କରିନେଇଥିଲେ। ଘଟଣାର ତଦନ୍ତ କରି ସମସ୍ତ ୫ ଜଣଙ୍କୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ନାମରେ ଗୋଟିଏ ମାମଲା ରୁଜୁ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନିଆଯିବା ସକାଶେ ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# ରଶି ଲଗାଇ ଯୁବକ ମୃତ

**କୋରେଇ,୭।୯(ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଫର୍ତିପୁର ଗ୍ରାମରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଯୁବକକୁ ଉଦ୍ଧାର କରାଯାଇଛି। ପ୍ରକାଶଯେ ଫର୍ତିପୁର ଗ୍ରାମର ରବିନ୍ଦ୍ର ମଲିକଙ୍କ ପୁଅ ସୁଦାମ ମଲିକ(୨୮) ସବୁ ଦିନ ପରି ଘରେ ରାତ୍ରିରେ ଖାଇପିଇ ଶୋଇଥିଲା। ଆଜି ସକାଳୁ ଘରଲୋକମାନେ ଦେଖିବା ବେଳେକୁ ସେ ଫାନ୍ୟରେ ରଶି ଲଗାଇ ଝୁଲି ରହିଛି। ପରିବାର ପକ୍ଷରୁ ତାକୁ ଖୋଲାଯାଇ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ମାତ୍ର ଡାକ୍ତର ତାକୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ପାଣିକୋଇଲି ପୁଲିସକୁ ପରିବାର ପକ୍ଷରୁ ଜଣାଇବା ପରେ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ମହାନ୍ତି ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ତାର ମୃତ ଶରୀରକୁ ପଞ୍ଚନାମା କରାଇ ବ୍ୟବଚ୍ଛେଦ ପାଇ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସୁଦାମ ର ମୃତ୍ୟୁ ରହସ୍ୟ ଏବେବି ଅସ୍ପଷ୍ଟ ରହିଛି। କେଉଁ ପରିସ୍ଥିତିରେ ଓ କାହିଁକି ସୁଦାମ ଆତ୍ମହତ୍ୟା ଭଳି ପଦକ୍ଷେପ ନେଲା ସେ ନେଇ ପୁଲିସ ତଦନ୍ତ କରୁଛି। ଏନେଇ ଏକ ଅପମୃତ୍ୟୁ ମାମଲା ୩୧/୨୫ ରୁଜୁ କରାଯାଇଛି।

# କଫସିରଫ ବିକାଳିକୁ ମାଡିବସିଲା ପୋଲିସ

**ପୁରୀ,୭।୯(ସଂଚାର ବ୍ୟୁରୋ):** ସମୁଦ୍ରକୂଳ ରାସ୍ତାରେ ପୋଲିସ ଗତ ରାତି ସାଢେ ୯ଟାରେ ପାଟ୍ରୋଲିଂ କରୁଥିଲା। ଅର୍ବାନହାଟ ନିକଟରେ କଫସିରଫ ବିକ୍ରି କରୁଥିବା ଖବର ପାଇ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚି ହାପି ହୋମ ଛକରେ କଫସିରଫ ବିକ୍ରି କରୁଥିବା ଯୁବକକୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ଦୌଡିଥିଲା। ପୋଲିସ ତାକୁ ମାଡିବସିଥିଲା। ପୋଲିସକୁ ଧମକ ଦେଇ କହିଲା ଜେଲ ଯାଇ ଫେରିଲେ ପୋଲିସକୁ ମାରିଦେବ। ଏ ସମ୍ପର୍କରେ ପାଟ୍ରୋଲିଂ କରୁଥିବା ସବଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ସାହୁ ସମୁଦ୍ରକୂଳ ଥାନାରେ ରିପୋର୍ଟ କରିବା ପରେ ୨୫୨/୨୫ ରେ ମାମଲା ରୁଜୁ ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଧାରା ୨୭୬, ୨୭୭, ୨୭୮, ୧୩୨, ୩୫୧ (୨) ରେ ଅଭିଯୁକ୍ତ କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁରୁ ବେଲପଡ଼ାର କାଳୁ ମହାରଣା ଓରଫ ଓମକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳୀୟ ...

ରହିଥିଲେ। ସେ କର୍ମଶାଳାରେ ଭୋଟିଂ ପ୍ରକ୍ରିୟାକୁ ନେଇ ସାଂସଦମାନଙ୍କୁ କିଛି ପରାମର୍ଶ ମଧ୍ୟ ଦେଇଥିଲେ। ତେବେ ଏହି କର୍ମଶାଳାରେ ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଭୋଟିଂ ପ୍ରକ୍ରିୟା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ବାବଦରେ ମଧ୍ୟ ସାଂସଦମାନଙ୍କୁ ଅବଗତ କରାଯାଇଥିଲା। ଆଉ ଏହି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର ସରକାର ଗ୍ରହଣ କରୁଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଂସଦମାନେ ସୋସିଆଲ ମିଡିଆରେ ପ୍ରଚାର କରିବାକୁ ଅପିଲ କରାଯାଇଥିଲା। ସରକାରଙ୍କ ସଫଳତା ଓ କାର୍ଯ୍ୟକ୍ରମ ବାବଦରେ ସାଧାରଣ ଲୋକଙ୍କୁ ଅବଗତ କରିବାକୁ ସବୁ ଜନପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଥିଲା।

କର୍ମଶାଳାରେ କୃଷି, ପ୍ରତିରକ୍ଷା, ରେଳବାଇ, ଶିକ୍ଷା ଓ ଶକ୍ତି ଆଦି କ୍ଷେତ୍ରରେ ହୋଇଥିବା ଆଖିଦୃଶିଆ ସଫଳତା ସମ୍ପର୍କରେ ସାଂସଦମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ଆସନ୍ତା ସଂସଦ ଅଧିବେଶନରେ ଦଳୀୟ ପ୍ରସଙ୍ଗ ଓ ବିରୋଧୀଙ୍କୁ କିପରି ଜବାବ ଦିଆଯିବ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଥର ଉପରାଷ୍ଟ୍ରପତି ନିର୍ବାଚନ ଦକ୍ଷିଣ ବନାମ ଦକ୍ଷିଣ ହେଉଥିବାରୁ ବିଜେପି ଓ ବିଜେପି ସମର୍ଥିତ ସାଂସଦମାନଙ୍କୁ ନିର୍ଣ୍ଣାୟକ ହେବାକୁ କାର୍ମଶାଳାରେ ପରାମର୍ଶ ଦିଆଯାଇଥିଲା।

## ଭାରତ...

ହୋଇଥିଲା। ସେହିପରି ଫାଇନାଲ୍‌ରେ ଦୁଇଟି ଗୋଲ୍ ଦେଇଥିବା ଦିଲପ୍ରୀତ୍ ସିଂହ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସୁଖଜିତ୍ ମ୍ୟାଚ୍‌ର ପ୍ରଥମ ଗୋଲ୍ ପ୍ରଥମ ମିନିଟ୍‌ରେ ଦେଇଥିବା ବେଳେ ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ୍ ଅନ୍ତିମ ଗୋଲ୍ ଦେଇଥିଲେ। ଭାରତ ଶେଷ ଥର ପାଇଁ ଗତ ୨୦୧୭ରେ ଢାକାଠାରେ ଖେଳାଯାଇଥିବା ଏସିଆ କପ୍‌ରେ ଚାମ୍ପିଅନ୍ ହୋଇଥିଲା। ଅନ୍ୟପକ୍ଷରେ ଚୀନ୍‌କୁ ୪-୧ ଗୋଲରେ ହରାଇ ମାଲେସିଆ ତୃତୀୟ ସ୍ଥାନରେ ରହିଥିବା ବେଳେ ଜାପାନ ୬-୧ରେ ବାଂଲାଦେଶକୁ ହରାଇ ଚତୁର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛନ୍ତି।

ଅପରାଜେୟ ଦଳ ଭାବେ ଫାଇନାଲ୍‌ରେ ପହଞ୍ଚିଥିବା ଭାରତକୁ ପ୍ରଥମ ମିନିଟ୍‌ରେ ସୁଖଜିତ୍ ଅଗ୍ରଣୀ ଦେଇଥିଲେ। ଏଥିସହ ସେ ପ୍ରତିଯୋଗିତାରେ ତାଙ୍କର ଗୋଲ୍ ସଂଖ୍ୟାକୁ ୬ରେ ପହଞ୍ଚାଇଥିଲେ। ପରେ ୨୮ତମ ମିନିଟ୍‌ରେ ଦିଲପ୍ରୀତ୍ ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ତା'ର ଦବ୍‌ଦବା କାଏମ ରଖିଥିଲା। ପରେ ୪୫ତମ ମିନିଟ୍‌ରେ ଦିଲପ୍ରୀତ୍ ତାଙ୍କର ଦ୍ୱିତୀୟ ଗୋଲ୍ ଦେବା ସହ ଭାରତର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। ଅନ୍ତିମ କ୍ୱାର୍ଟର୍‌ରେ ଅମିତ୍ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିଣତ କରି ସ୍ଥିତିକୁ ୪-୦ କରିଥିଲେ। ଏହି ଗୋଲ୍‌ଟି ୫୦ତମ ମିନିଟ୍‌ରେ ହୋଇଥିବା ବେଳେ ପରବର୍ତ୍ତୀ ମିନିଟ୍‌ରେ ଦକ୍ଷିଣ କୋରିଆ ତା'ର ପ୍ରଥମ ଗୋଲ୍ ଦେବାରେ ସକ୍ଷମ ହୋଇଥିଲା। ୫୧ତମ ମିନିଟ୍‌ରେ ଡାଏନ୍ ସୋନ୍ ଗୋଲ୍ ଦେଇ ବ୍ୟବଧାନକୁ ସାମାନ୍ୟ ହ୍ରାସ କରିଥିଲେ। ଖେଳ ଶେଷ ହେବାକୁ ୩ ମିନିଟ୍ ବାକି ଥିବା ସମୟରେ ଦକ୍ଷିଣ କୋରିଆକୁ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଦଳ ଏହାର ଫାଇଦା ଉଠାଇପାରିନଥିଲା। ଶେଷ ପର୍ଯ୍ୟନ୍ତ ଭାରତ ତା'ର ଅଗ୍ରଣୀକୁ ବଳବତ୍ତର ରଖିବା ସହ ଟାଇଟଲ୍ ହାସଲ କରିଥିଲା।

ଭାରତୀୟ ଦଳର ଏହି ସଫଳତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକଟ କରିବା ସହ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ବଧେଇ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ବିଜୟ ଆହୁରି ସ୍ୱତନ୍ତ୍ର କାରଣ ଭାରତ ଡିଫେଣ୍ଡିଂ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ୍ ହୋଇଛି। ଏହା ନିଶ୍ଚିତ ଭାବେ ଭାରତୀୟ ହକି ଓ କ୍ରୀଡ଼ା ଜଗତ ପାଇଁ ଗୌରବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଦର୍ଶାଇଛନ୍ତି।

ଏହାଛଡ଼ା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି ଯେ ପୁରୁଷ ହକି ଏସିଆ କପ୍‌ରେ ଭାରତ ଚାମ୍ପିଅନ୍ ହୋଇ ଐତିହାସିକ ସଫଳତା ଅର୍ଜନ କରିଛି। ଏହାଦ୍ୱାରା ଦଳ ବିଶ୍ୱକପ୍‌ରେ ତ୍ରିରଙ୍ଗା ଉଡ଼ାଇବାରେ ସକ୍ଷମ ହେବ। ଦଳର ପ୍ରତିଟି ଖେଳାଳି ଯେପରି ନିଷ୍ଠା, କ୍ରୀଡ଼ାନୈପୁଣ୍ୟତା ଓ ସମର୍ପଣ ଭାବନା ନେଇ ଖେଳିଛନ୍ତି, ସେଥିପାଇଁ ସେମାନଙ୍କୁ ଅନେକ ଅନେକ ବଧେଇ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ଦୁରାରୋଗ୍ୟ...

ଅଧୀନରେ ଥିବା ରସ୍କଙ୍ଗେସ୍ ଏଜେନ୍ସି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିତ୍ସା ଗବେଷଣା ଓ ବାୟୋଟେକ୍ନୋଲୋଜିରେ ରୁଷିଆର ପ୍ରଗତିକୁ ପ୍ରଦର୍ଶିତ କରାଯାଇଥିଲା। ପରୀକ୍ଷଣ ସଫଳତାର ସହ ସମାପ୍ତ ହେବା ସହ କେବଳ ନିୟାମକ କ୍ଲିୟରାନ୍ସ ପଦକ୍ଷେପ ବାକି ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଗାମୀ ସପ୍ତାହରେ ତଥ୍ୟର ଚୂଡ଼ାନ୍ତ ସମୀକ୍ଷା କରିବ ବୋଲି ଆଶା କରାଯାଉଛି । ତେଣୁ ଆଗାମୀ ଦିନରେ କ୍ୟାନ୍‌ସର୍ ଆଉ ଦୁରାରୋଗ୍ୟ ରହିବ ନାହିଁ ବୋଲି ଆଶା କରାଯାଉଛି।

## ମିଳିଲା ...

ହେଁ ତାଙ୍କୁ ଅନ୍ୟ ଜଣେ ନାବିକ ଉଦ୍ଧାର କରିଥିଲେ। କିନ୍ତୁ ଟାଙ୍ଗଙ୍କର କୌଣସି ପତ୍ତା ମିଳିପାରିନଥିଲା। ଏହାପରେ ବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଓ ପୁଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ତଲାସୀ ଅଭିଯାନ ଜାରି ରହିଥିଲା। ଏଥିରେ ଓଡ୍ରାଫ୍ ଟିମ୍ ମଧ୍ୟ ସହଯୋଗ କରିଥିଲା। ତେବେ ଗତକାଲି ସେମାନଙ୍କୁ ସଫଳତା ମିଳିନଥିବା ବେଳେ ଆଜି ଉକ୍ତ ୨୧ ବର୍ଷୀୟ ନାବିକଙ୍କୁ ମୃତାବସ୍ଥାରେ ଉଦ୍ଧାର କରାଯାଇଛି।

## ବିନାନୁମତିରେ...

ପାଇଁ ଲୋକ ସେବା ଭବନ ମୁହାଁ ହେଉଛନ୍ତି ଅନେକ ଅଧିକାରୀ। ଏମିତି କି ବାରମ୍ବାର ରାଜ୍ୟ ମୁଖ୍ୟାଳୟକୁ ଆସି ଲବି କରୁଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ। ଶାସନ କଳକୁ ସଜାଡିବା ସହ ଠକ ଅଧିକାରୀଙ୍କୁ ସାବାଡ କରିବାକୁ ନୂଆ ସରକାର ଆଭିମୁଖ୍ୟ ପ୍ରଥମରୁ କଡା କରିଛନ୍ତି। ରାଜ୍ୟ ମୁଖ୍ୟାଳୟ ଗୁଡିକରେ ଏଆଇ ବେସ୍ଡ କ୍ୟାମେରା ଲଗାଇବା ସହ ପଞ୍ଚାୟତ, ବ୍ଲକ ଏବଂ ତହସିଲ ଅଫିସରେ ମଧ୍ୟ ବାୟୋମେଟ୍ରିକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ସବୁ ବିଭାଗକୁ ଅଯୋଗ୍ୟ ଅଧିକାରୀଙ୍କ ତାଲିକା ମାଗିବା ସହ ବାଧ୍ୟତାମୂଳକ ଅବସର ଦେବାକୁ ମଧ୍ୟ ଚେତାବନୀ ଦେଇଥିଲେ ମୁଖ୍ୟ ଶାସନ ସଚିବ। କିନ୍ତୁ ବାସ୍ତବରେ ଏସବୁ ନିର୍ଦ୍ଦେଶନାମାର ସଠିକ ଅନୁପାଳନ ହେଉନଥିବା ଦେଖିବାକୁ ମିଳୁଛି।ବିଭିନ୍ନ ଜିଲ୍ଲାରେ ନିଯୁକ୍ତି ପାଇଥିବା ଅଧିକାରୀମାନେ ବିନା କୌଣସି ସୂଚନାରେ ନିଜ ନିଜର ବ୍ୟକ୍ତିଗତ କାମ ସହ ବଦଳି ପାଇଁ ଭୁବନେଶ୍ୱର ଆସୁଥିବା ଦେଖିବାକୁ ମିଳୁଛି। ଏପିରିକି ଲୋକସେବା ଭବନ କରିଡରରେ ଜିଲ୍ଲା ଅଧିକାରୀମାନେ ବିଭିନ୍ନ ସଚିବଙ୍କ ଚ୍ୟାମ୍ବର ଓ ମନ୍ତ୍ରୀ କରିଡରରେ ବୁଲୁଥିବା ଦେଖାଯାଉଛି। ଯେଉଁଥିପାଇଁ ରାଜସ୍ୱ ବିଭାଗ ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛି।

## ନବୀନ...

ଏହି ନିଯୁକ୍ତିକୁ ସିଧାସଳଖ ନ ହେଲେ ବି ପରୋକ୍ଷରେ କିଛି ଯୁବନେତା ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଏମାନେ ପରଦା ପଛରେ ରହି ଅସନ୍ତୁଷ୍ଟମାନଙ୍କୁ ଉସକାଉଛନ୍ତି । ଏହାକୁ ନେଇ କିଛିଦିନ ଧରି ଦଳୀୟ କାର୍ଯ୍ୟାଳୟରେ ଏକପ୍ରକାର ତୁତୁ ମେଁମେଁ ସ୍ଥିତି ଲାଗି ରହିଛି। ଅବସ୍ଥା ଏଭଳି ହୋଇଛି ଯେ ଅସନ୍ତୁଷ୍ଟମାନଙ୍କୁ ଶଙ୍ଖ ଭବନରେ ବୈଠକ କରିବାକୁ ବାରଣ ବି କରାଯାଇଛି ।

ବିଜେଡିର କିଛି ଅସନ୍ତୁଷ୍ଟ ନେତା, ଯେଉଁମାନେକି ଦଳ କ୍ଷମତାରେ ଥିବା ସମୟରେ ସବୁପ୍ରକାର ସୁବିଧାସୁଯୋଗ ନେଇଛନ୍ତି, ସେମାନେ ଏବେ ହାଇକମାଣ୍ଡଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ଉଠାଇବାକୁ ପଛାଉନାହାନ୍ତି। ଏମାନେ ଯଦିଓ ସିଧାସଳଖ କିଛି କହୁନାହାନ୍ତି, ହେଲେ ପରୋକ୍ଷରେ ନବୀନଙ୍କ ନିକଟ ବଳୟରେ ଥିବା ଭିକେ ପାଣ୍ଡିଆନଙ୍କୁ ବିରୋଧ କରୁଛନ୍ତି । ହେଲେ ଡାକ୍ତରଖାନାରୁ ସୁସ୍ଥ ହୋଇ ଫେରିବା ସମୟରେ ପାଣ୍ଡିଆନ୍‌ଙ୍କ ହାତ ଧରି ଖୋଦ ନବୀନ ହସ୍ପିଟାଲ୍ ବାହାରକୁ ଆସିବା ଅସନ୍ତୁଷ୍ଟ ପାଇଁ ଏକପ୍ରକାର ଚେତାବନୀ ହୋଇଛି । ଏହା ସତ୍ତ୍ୱେ ବି କିଛି ଦଳୀୟ ନେତା ବୟାନବାଜିରୁ ନିବୃତ୍ତ ହୋଇନାହାନ୍ତି ।

ଇତି ମଧ୍ୟରେ ଦଳର କିଛି ନେତା ମେଳି ହୋଇ ଡାହାଣୀ-ଗୁଣିଆ ଖେଳ ଖେଳିବା ସହ ଅସନ୍ତୁଷ୍ଟମାନଙ୍କୁ ଉସକାଇବାରେ ଲାଗିଛନ୍ତି। ଏମାନଙ୍କର ଏଭଳି ପରଦା ପଛର ଖେଳ କଥା ବି ହାଇକମାଣ୍ଡଙ୍କ ନିକଟରେ ପହଞ୍ଚିଛି। ତେଣୁ ନବୀନ ଦିଲ୍ଲୀରୁ ଫେରିଲା ପରେ ଏହି ଦୋମୁହାଁ ନେତାମାନଙ୍କର ଚିକିତ୍ସା କରିବେ ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି । ତେବେ ସମସ୍ତଙ୍କ ନଜର ଏବେ ନବୀନଙ୍କ ଦିଲ୍ଲୀ ଗସ୍ତ ଉପରେ ରହିଥିବା ବେଳେ ସେଠାରୁ ଫେରିବାକୁ ବି ଅନେକ ବିଜେଡି ନେତା ଚାହିଁ ବସିଛନ୍ତି।

# ଶବ୍ଦ ପ୍ରଦୂଷଣ ଅଭିଯୋଗରେ ଡିଜେ ଗାଡ଼ି ଅଟକ



**କାକଟପୁର/ଅସ୍ତରଙ୍ଗ,୭।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା ପୂର୍ବରୁ ଡିଜେ ସାଉଣ୍ଡକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ବୈଠକ ପରେ ଲୋକଦେଖାଣିଆ ପାଟ୍ରୋଲିଂ ସହ ଶେଷରେ ଶନିବାର ରାତିରେ ଡିଜେ ଗାଡିକୁ ଥାନାରେ ଅଟକ ରଖି ପରେ ରବିବାର ଛାଡିଦେବା ଅସ୍ତରଙ୍ଗ ପୁଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣେଶ ପୂଜା ପରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଭସାଣି ପାଇଁ ବିଭିନ୍ନ ଗାଁରେ ବିକଟାଳ ଶବ୍ଦରେ ଡିଜେ ବାଜୁଥିଲେ ମଧ ଲୋକ ଦେଖାଣିଆ ଅସ୍ତରଙ୍ଗ ପୁଲିସ ପାଟ୍ରୋଲିଂ ସାଧାରଣରେ ଚକିତ ସୃଷ୍ଟି କରିଛି। କିନ୍ତୁ ଶନିବାର ଦିନ ବିଳମ୍ବିତ ରାତ୍ରରେ ଶବ୍ଦ ପ୍ରଦୂଷଣ ଅଭିଯୋଗରେ ଏକ ଡିଜେ ଗାଡିକୁ ଅସ୍ତରଙ୍ଗ ଥାନାରେ ଅଟକ ରଖିବା ପରେ ରବିବାର ସକାଳୁ ଛାଡି ଦେବା ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

### ଅଧିକ ଚାର୍ଜ ହେଲା ମହଙ୍ଗା

# ଜଳିଗଲା ବ୍ୟାଟେରୀ ସ୍କୁଟି



**କାକଟପୁର/ଅସ୍ତରଙ୍ଗ,୭।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଂଚାୟତ କୁଆଁରପୁର ଗ୍ରାମର ଏକ ବ୍ୟାଟେରୀ ସ୍କୁଟି ଚାର୍ଜ ବେଳେ ଜଳିଯାଇଛି।ରତ୍ନଭୂଷଣ ପଢ଼ିୟାରୀ ନାମକ ଜଣେ ବ୍ୟକ୍ତି ନିଜ କାମକୁ ଯିବାପାଇଁ ରବିବାର ସନ୍ଧ୍ୟା ସମୟରେ ଘର ନିକଟରେ ସ୍କୁଟିକୁ ଚାର୍ଜ କରିଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗିବା ଆରମ୍ଭ କରିଥିଲା। ଏହା ଜାଣି ପରିବାର ସଦସ୍ୟ କୌଶଳ କ୍ରମେ ଗାଡ଼ିରୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରିଦେଇଥିଲେ। ଫଳରେ ଏକ ବଡ଼ ଅଘଟଣରୁ ପରିବାର ଲୋକେ ବର୍ତ୍ତୀଯାଇଥିଲେ। ଏହା ପରେ ଗାଡିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିବା ସହ ଜଳିଯାଇଥିଲା। ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲେ।

# ଜନ୍ମଦିନରେ ମା', ବାପାଙ୍କ ସହ ରକ୍ତଦାନ କଲେ ପୁଅ




**ବାରିପଦା,୭।୯ (ସଂଚାର ବ୍ୟୁରୋ):** ରକ୍ତଦାନ ମହତ ଦାନ। ନିଜ ଜନ୍ମ ଦିନରେ ରକ୍ତଦାନ କରି ସମାଜ ପାଇଁ ଉଦାହରଣ ସାଜିଛନ୍ତି ଆଶୁତୋଷ ତ୍ରିପାଠୀ । ପୁଅ ଏହି ମହତ ଇଛା ତାଙ୍କ ପିତା ।ତା ସମ୍ମାନ ଜଣାଇ ଉଭୟ ପିତା ମାତା ମଧ ରକ୍ତଦାନ କରିଛନ୍ତି । ଆଜି ଓଡିଶା ରକ୍ତ ଭଣ୍ଡାର, ବାରିପଦା ପରିସରରେ ଆଶୁତୋଷ ତ୍ରିପାଠୀ ରକ୍ତଦାନ କରି ନିଜ ଜନ୍ମଦିନକୁ ସ୍ମରଣୀୟ କରିଛନ୍ତି । ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଟ୍ରଷ୍ଟର ସକ୍ରିୟ ସଦସ୍ୟା ଆଶୁତୋଷଙ୍କ ମାତା ରାଜଲକ୍ଷ୍ମୀ ମିଶ୍ର ଓ ପିତା ଶିବ କୁମାର ତ୍ରିପାଠୀଙ୍କ ସମେତ ମୋଟ ୧୩ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜନ୍ମଦିନକୁ ସଫଳ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ଏହି ଶିବିରକୁ ଉଦଘାଟନ କରିବା ସହ ଜନ୍ମଦିନକୁ ରକ୍ତଦାନ କରି ପାଳନ କରିଥିବାରୁ ବେଶ ପ୍ରଶଂସା କରିଥିଲେ ।

# ପୁରାତନ ଛାତ୍ରଙ୍କ ଅନନ୍ୟ ଗୁରୁପୂଜା



**ଖୋର୍ଦ୍ଧା,୭।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ସ୍ଥିତ ଲୋକେଶ୍ୱର ଠାରେ ଗୁରୁ ଦିବସରେ ଏକ ଅନନ୍ୟ ଗୁରୁପୂଜା ଅବସରପ୍ରାପ୍ତ ଗୁଣନିଧି ମହାପାତ୍ରଙ୍କ ବାସଭବନରେ ଦେଖିବାକୁ ମିଳିଥିଲା। ୧୦୭୪ରୁ ୧୯୭୯ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁ ନଗର ୟୁଜି. ମି.ଇ ସ୍କୁଲ ୯ନମ୍ବର ୟୁନିଟରେ ଥିବା ସମୟରେ ବର୍ତ୍ତମାନ ଶାଶୁ, ଶଶୁର, ଅଜା, ଆଈ ବନିଥିବା ଛାତ୍ରଛାତ୍ରୀମାନେ ତାଙ୍କ ପ୍ରିୟ ଶିକ୍ଷକ ଗୁନ ସାରଙ୍କ ଖୋର୍ଦ୍ଧା ଠିକଣା ପାଇ ପବିତ୍ର ଗୁରୁଦିବସରେ ତାଙ୍କ ବାସଭବନକୁ ଆସିଥିଲେ। ସର୍ବଗୁଣ ସମ୍ପନ୍ନ ଛାତ୍ରଛାତ୍ରୀମାନେ ସୁଲଳିତ କଣ୍ଠରେ ସଂଗୀତ ଗାନ କରି, ମାନପତ୍ର ସହ ଫୁଲ ଚନ୍ଦନ ଦେଇ ଗୁରୁବନ୍ଦନା କରିଥିଲେ। ଏହାକୁ ନେଇ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସେମାନେ ବହୁ ପୁରୁଣା ସ୍ମୃତିକୁ ମନେ ପକାଇ ନିଜ ନିଜର ସେହି ସମୟର ଅନୁଭୂତିକୁ ବଖାଣି ଥିଲେ। ଏହି ଛାତ୍ରମାନେ ସର୍ବଶ୍ରୀ ଅଲେଖ, ସୁଧୀର, ରାଜେଶ୍ୱରୀ, ଜ୍ୟୋତିର୍ମୟୀ, ଅଶୋକ, ଅମ୍ଳାନ, କୃଷ୍ଣ, ସୂର୍ଯ୍ୟ, ସଂଘମିତ୍ରା, ଲକ୍ଷ୍ମୀପ୍ରିୟା, ମିନତୀ, ଶର୍ମିଷ୍ଠା, ପବିର, ଚନ୍ଦ୍ରମଣୀ, ଶିବରାମ, ଶିବଚରଣ, ସରୋଜ ଓ ପ୍ରଦୀପ।

### ଜଗତସିଂହପୁର ଜିଲ୍ଲାରେ ବୃଦ୍ଧିପାଉଛି ନକଲି ସାର କାରବାର

# ମୁଣ୍ଡରେ ହାତ ଦେଲେଣି ଚାଷୀ

**ପାରାଦୀପ,୭।୯ (ସଂଚାର ବ୍ୟୁରୋ):** ଚାରିଆଡ଼େ ଏବେ ସାର ସଙ୍କଟ। ଆଉ ପୁଣି କେଉଁଠି ସାରର କଳାବଜାରୀ। କିନ୍ତୁ ଜଗତସିଂହପୁର ଜିଲ୍ଲାରେ ଏବେ ନକଲି ସାରକୁ ନେଇ ଉଠିଛି ପ୍ରଶ୍ନ। ଚାଷୀ ନିଜ ବିଲରେ ସାର ନେଇ ପକାଇଥିବା ବେଳେ ଏହା ଠିକ ଭାବେ କାମ ଦେଉନଥିବା ଅଭିଯୋଗ ଆସିଛି। ବାଲିକୁଦା ଖାଲଗାଁ, ମାଛଗାଁ, ନାଉଗାଁ ଓ ଜଗତସିଂପୁର ଓଡିଶ ଆଦି ଅଞ୍ଚଳରେ ଚାଷୀମାନେ ବିଲରେ ନେଇ ପକାଇଥିବା ସାର ଏବେ ସଠିକ କାର୍ଯ୍ୟ କରୁନଥିବା ଯୋଗୁ ହତାଶ ହୋଇ ପଡ଼ିଛନ୍ତି।

ଜିଲ୍ଲାରେ ମୋଟ ୧୩.୬ ମେଟ୍ରିକ ଟନ ସାରର ଆବଶ୍ୟକତା ଥିବାବେଳେ ୧୩.୨ ମେଟ୍ରିକ ଟନ ସାର ଆସି ସାରିଛି। କିନ୍ତୁ କିଛି ବ୍ୟବସାୟୀ ଏହାକୁ କଳାବଜାରୀ କରି ଚଢ଼ା ଦରରେ ବିକ୍ରି କରୁଥିବା ବେଳେ କିଛି ଡିଏପି ବସ୍ତାରେ ଅଣୁସାରକୁ ମିଶାଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। କାରଣ



ଜୈନିକ ବ୍ୟବସାୟୀ ଡିଏପି ସାର ବସ୍ତାରେ ଅଣୁସାରକୁ ଫେଣ୍ଟି ତାକୁ ରିପ୍ୟାକିଂ କରି ବଜାରକୁ ଛାଡୁଥିବା ଆଲୋଚନା ହେଉଛି। ଏହାର ମୁଖ୍ୟ କାର୍ପଟଦାର ଗତ ପାଞ୍ଚବର୍ଷ ତଳେ ପୁରୀ ଜିଲ୍ଲା ନୂଆହାଟ ହୋଇଥିବା ଏବଂ ସେହି ସମୟରେ ସେ ଧରା ପଡି ଜେଲ ଯାଇଥିବା ବେଳେ ଏବେ ଖୋଦ ଜଗତସିଂହପୁର ଜିଲ୍ଲା ଗଉଡୁଣୀ ପଡିଆ ପାଖରେ ଜୈନିକ ବ୍ୟକ୍ତି ନିଜ ଗୋଦାମରେ ଏଭଳି ରିପ୍ୟାକିଂ କରୁଥିବା ଆଲୋଚନା ହେଉଛି। ସେଠାରୁ ନେଇଥିବା ଖୁଚୁରା ବ୍ୟବସାୟୀ ଓ ଚାଷୀ ଏହି ନକଲି ସାରକୁ ନେଇ ଏବେ ସନ୍ଦିହାନ ଅବସ୍ଥାରେ ଅଛନ୍ତି।

ଜିଲ୍ଲା କୃଷି ଅଧିକାରୀ ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ପହଂଚି ଥିବା ବେଳେ ଏବେ ସେମାନେ ତଦନ୍ତ ନକରି ଚୁପ ହୋଇ ବିସିଥିବା ଅଭିଯୋଗ ହୋଇଛି। ବିନା ଲାଇସେନ୍ସରେ ଅନେକ ଦୋକାନୀ ୟୁରିଆ ସାରକୁ ବସ୍ତା ପ୍ରତି ଅଧିକ ତିନିଶହରୁ ଚାରିଶହ ଟଙ୍କାରେ ବିକ୍ରି କରୁଥିବା ବେଳେ ଜିଲ୍ଲାରେ କୃତ୍ରିମ ସଂକଟ ଦେଖିବାକୁ ମିଳିଛି। ଗୋଟିଏପଟେ ନକଲି ସାର ଓ ଅନ୍ୟପଟେ ଅଧିକ ଦର ଏବେ ଏଠାକାର ଚାଷିଙ୍କ ମୁଣ୍ଡରେ ଚଡକ ପକାଇବାକୁ ଯାଉଥିବା ବେଳେ ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଜଳିଗଲା ୨ ବଖରା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ବାଲିଅନ୍ତା,୭।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା କାକରୁଦ୍ରପୁର ପଞ୍ଚାୟତ ଅଧୀନ ଜଗନ୍ନାଥ ପୁର (ଓତା) ସାହିର ଦାମୋଦର ଭୋଇଙ୍କ ଘରେ ନିଆଁ ଲାଗି ୨ ବଖରା ଜଳି ଯାଇଛି । ଏହି ଅଗ୍ନିକାଣ୍ଡରେ ଦାମୋଦରଙ୍କ ଘରେ ଥିବା ଧାନ, ଚାଉଳ ଏବଂ ମୂଲ୍ୟବାନ ଜିନିଷପତ୍ର ଜଳିଯାଇଛି। କ୍ଷୟକ୍ଷତିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି । ଖବର ପାଇ ବାଲିପାଟଣା ଅଗ୍ନିଶମ ନାହିନୀ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ମିଶି ନିଆଁକୁ ଆୟତ କରିଥିଲେ। ପରେ କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକ ଏବଂ ଜଗନ୍ନାଥପୁର ରାଜସ୍ୱ ନିରୀକ୍ଷକ କୃଷ୍ଣ ଚନ୍ଦ୍ର ଜେନା ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ପଲିଥିନ ପ୍ରଦାନ କରିବା ସହ ସହାୟତା ପାଇଁ ପ୍ରତିଶୃତି ଦେଇଥିଲେ ।

### ● ଆଉଟ୍‌ସୋର୍ସିଂ କର୍ମଚାରୀ ଓ କିରାଣୀଙ୍କ ହାତରେ ସାମାଜିକ ସୁରକ୍ଷା ବିଭାଗ

# ଭତ୍ତା କେଳଙ୍କାରୀର ତଦନ୍ତ କେବେ ?



**ଆନନ୍ଦପୁର,୭।୯ (ସଂଚାର ବ୍ୟୁରୋ):** 'ମାଙ୍କଡ ହାତରେ ଶାଳଗ୍ରାମ'। ଏହା ଆପଣ ଅନେକ ଥର ଶୁଣିଥିବେ ଅର୍ଥାତ୍ ମୂର୍ଖ ବ୍ୟକ୍ତି ହାତରେ କୌଣସି ଶକ୍ତିଶାଳୀ ଜିନିଷ ଆସିବା ଉଚିତ୍ ନୁହେଁ। ନଚେତ୍ ସେ ତାର ଦୁରୁପଯୋଗ କରିଥାନ୍ତି। ବାଃ ବାଃ ରେ ପ୍ରଶାସନ। ପୂର୍ବରୁ ଭତ୍ତା ଦୁର୍ନୀତି କରି ଧରାପଡ଼ି ବଦଳି ହୋଇ ଆସିଥିବା କିରାଣୀଙ୍କ ହାତରେ ସାମାଜିକ ସୁରକ୍ଷା ବିଭାଗ। ଆମେ କହୁଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ସାମାଜିକ ସୁରକ୍ଷା ବିଭାଗରେ ଦାୟିତ୍ୱରେ ଥିବା କିରାଣୀଙ୍କ କଥା।

'ପ୍ରକୃତି ନବ୍ୟ ମୁଚ୍ୟେତେ, ଯଦି ମୁଚ୍ୟତେ କିଞ୍ଚିତ କିଞ୍ଚିତ ମୁଚ୍ୟତେ'। ଆମେ ଏହି ଉକ୍ତିଟି ଏହିଥି ପାଇଁ କହୁଛୁ ଆନନ୍ଦପୁର ବ୍ଲକରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। କିଛି ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠୁଛି ତ ଆଉ କିଛି ପଞ୍ଚାୟତରେ ଭତ୍ତା ପାଇଁ ବୟସ ଜାଲିଆତି କରି ବର୍ଦ୍ଧିତ ଟଙ୍କା ଉଠାଯାଉଛି। ୮୦ ପ୍ରତିଶତରୁ କମ୍ ଭିନ୍ନକ୍ଷମ ଥିବା ଦିବ୍ୟାଙ୍ଗମାନେ ହାତେଇଛନ୍ତି ୩୫୦୦ ଟଙ୍କା ଭତ୍ତା। ଏହି କିରାଣୀଙ୍କ ନାମରେ ପୂଳା ପୂଳା ଅଭିଯୋଗ ଥିବା ବେଳେ କାହିଁକି ହେଉନାହିଁ ତଦନ୍ତ କି କାର୍ଯ୍ୟାନୁଷ୍ଠାନ? କାହା ଛତ୍ରଛାୟା ତଳେ ରହି ଏହି କିରାଣୀ ଜଣଙ୍କ କରୁଛନ୍ତି ବଡ ବଡ କେଳାଙ୍କାରୀ। ଏହି କିରାଣୀ ବାବୁଙ୍କ ସହ ରହିଛି କି ବଡ ବଡିଆ ବାବୁଙ୍କ ଲିଙ୍କ। ଦୁର୍ନୀତିର ପର୍ଦ୍ଦାଫାଷ ହେଲେ ବଡ ବଡିଆଙ୍କ ଗୁମର ଖୋଲିଯିବା ନେଇ ହେଉନାହିଁ କି ତଦନ୍ତ। ଜିଲ୍ଲା ପ୍ରଶାସନ ଭତ୍ତା କେଳଙ୍କାରୀର କେବେ କରିବେ ତଦନ୍ତ ତାହା ଦେଖିବାକୁ ବାକି ରହିଲା।

# ଅଭିଯୋଗ ଶୁଣିଲେ ତିର୍ତ୍ତୋଲ ବିଧାୟକ



**ପାରାଦୀପ,୭।୯ (ସଂଚାର ବ୍ୟୁରୋ):** ଆଜି ତିର୍ତ୍ତୋଲ ବ୍ଲକର ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତରେ ତିର୍ତ୍ତୋଲ ବିଧାୟକ ଡ଼. ରମାକାନ୍ତ ଭୋଇ ଜନସାଧାରଣଙ୍କର ଅଭିଯୋଗ ଶୁଣିଛନ୍ତି। ଜିଲ୍ଲା ପରିଷଦ ରଞ୍ଜିତା ସିଂହ , ଶଙ୍ଖେଶ୍ୱର ସରପଞ୍ଚ ପ୍ରଭାସ ବେହେରା, ବିଷନପୁର ସରପଞ୍ଚ ବସନ୍ତ ମହାପାତ୍ର, ଦାଇଁଲ ସରପଞ୍ଚ ପ୍ରତିନିଧି କ୍ଷୀରଦ ବାରିକ ଓ ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ଅଧକ୍ଷତରେ ହୋଇଥିବା ଏହି ଜନଶୁଣାଣୀରେ ପାଖାପାଖି ୧୫୦ ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଏଥିସହିତ ଯେଉଁମାନେ ଆବାସ ଓ ବାର୍ଦ୍ଧକ୍ୟ ଭତ୍ତା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ସେନେଇ ବିଧାୟକ ଡ଼ ରମାକାନ୍ତ ଭୋଇ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ କଥା ହୋଇ ତାହାର ସମାଧାନ କରିଥିଲେ। ସେହିପରି ରାସନ୍ କାର୍ଡ ନାମ ଯୋଡ଼ି ହେବା, ମିଶନ ଶକ୍ତି ଗୃହ ନିର୍ମାଣ କେତେକ ସ୍ଥାନରେ ଅବହେଳିତ ଅବସ୍ଥାରେ ରହିଥିବା, କିଛି ସ୍ଥାନରେ ଗୃହ ନଥିବା, ଅଙ୍ଗନୱାଡ଼ି କେନ୍ଦ୍ରରେ ପାଣି ଝରୁଥିବା ନେଇ କର୍ମୀମାନେ ମଧ ଅଭିଯୋଗ କରିଥିଲେ।

### ● ନଗର ବିଜେଡି ସଭାପତିଙ୍କ ସ୍ମୃତିସଭା

# ନୟାଗଡ଼ ପାଇଁ ଅମୂଲ୍ୟ ଥିଲେ ଅମୂଲ୍ୟ: ଅରୁଣ



**ନୟାଗଡ଼,୭।୯ (ସଂଚାର ବ୍ୟୁରୋ):** ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ନଗର ବିଜେଡି ସଭାପତି ଅମୁଲ୍ୟ ମହାନ୍ତିଙ୍କ ପରଲୋକରେ ଆଜି ବ୍ଲକ ସଭାଗୃହଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ପ୍ରତାପ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ସଭାରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ପୌର ପରିଷଦ ଉପାଧକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗ ଦେଇ ପୂର୍ବତନ ଭିଜିଲାନ୍ସ ପୋଲିସର ଆରକ୍ଷୀ ଅଧିକ୍ଷକ ତଥା ବର୍ତ୍ତମାନର ନୟାଗଡ଼ ପୌର ପରିଷଦର ବିଜେଡ଼ି ସଭାପତି ଅମୁଲ୍ୟ ମହାନ୍ତି ନୟାଗଡ଼ ପାଇଁ ଅମୁଲ୍ୟ ଥିଲେ ବୋଲି କହିଥିଲେ। ନୟାଗଡ଼ ବିଧାୟକ ଡ଼ ସାହୁ ତାଙ୍କ ବକ୍ତବ୍ୟରେ ଅମୁଲ୍ୟ ମହାନ୍ତି ମୃତ୍ୟୁକୁ ଜିତିଗଲେ ବୋଲି କହିଛନ୍ତି। ତାଙ୍କ ମୃତ୍ୟୁ ନିକଟତର ବୋଲି ଜାଣିବା ପରେ ବି ସେ ଦାମ୍ଭିକ ଭାବେ ସମସ୍ତଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିଲେ ଓ ଉତ୍ସର୍ଗିକୃତ ମନୋଭାବ ରଖିଥିଲେ ବୋଲି ବିଧାୟକ କହିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ବରିଷ୍ଠ ନାଗରିକ ବିଶ୍ୱନାଥ ନାୟକ, ରୁଦ୍ରପ୍ରସନ୍ନ ରଥଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ରହିଥିଲେ ।

### ● ରଣପୁର ମଦରସାରେ ନାବାଳକ ମୃତ୍ୟୁ ଘଟଣା

# ସମଲିଙ୍ଗୀ ସମ୍ପର୍କରୁ ଘଟିଥିଲା ହତ୍ୟାକାଣ୍ଡ

**ନୟାଗଡ଼,୭।୯ (ସଂଚାର ବ୍ୟୁରୋ):** ମଦରସାରେ ନାବାଳକ ମୃତ୍ୟୁ ଘଟଣାରେ ଆସିଲା ଚାଞ୍ଚଲ୍ୟକର ତଥ୍ୟ । ସମଲିଙ୍ଗୀ ସମ୍ପର୍କ ନେଇ ହୋଇଥିଲା ହତ୍ୟାକାଣ୍ଡ । ହତ୍ୟାକାଣ୍ଡରେ ସାମିଲ ଥିଲେ ମଦରସାର ୫ ଜଣ ନାବାଳକ ଛାତ୍ର । ଗତ ୪ ତାରିଖରେ ନୟାଗଡ ଜ଼ିଲ୍ଲା ରଣପୁର ଥାନା ଅନ୍ତର୍ଗତ ନୀଳପଲ୍ଲୀ ମଦରସାର ପରିତକ୍ତ ଟାଙ୍କିରୁ ମିଳିଥିଲା ଫାରଦ୍ଧୁନ ଖାଁ ନାମକ ୧୨ବାର୍ଷିୟ ନାବାଳକର ମୃତଦେହ । ରଣପୁର ଥାନା ପୁଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ଘଟଣାରେ ସମ୍ପୃକ୍ତ ୫ଜଣ ନାବାଳକକୁ ଗିରଫ କରି ଅନୁଗୁଳ ବାଲସୁଧାର ଗୃହକୁ ପଠାଇଛି । ଏନେଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁଲିସର ସୁଚନା ଅନୁଯାଇ ମୃତ ଫାରଦ୍ଧୁନଙ୍କ ସହ ମଦରସାରେ ଅନ୍ୟ ଜଣେ ନାବାବଳ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ପାଇଁ ବାଧ କରିଥିଲେ । ଏହାକୁ ନେଇ ନାବାଳକ ଜଣଙ୍କ ଫାରଦ୍ଧୁନଙ୍କୁ ମାଡପିଟ୍ କରୁଥିଲେ । ଗତ ୩ ତାରିଖ ଦିନ ଏହି ଘଟଣା ସମ୍ପର୍କରେ ଫାରଦ୍ଧୁନ ଘରେ ଜଣେଇବେ ବୋଲି କହିବାରୁ ଉକ୍ତ ନାବାଳକ ସମେତ ଅନ୍ୟ ୪ ଜଣ ନାବାଳକ ମିଶି ଫାରଦ୍ଧୁନଙ୍କୁ ପ୍ରଥମେ ବେକଚିପି ହତ୍ୟା କରିବା ପରେ ମଦରସା ପଛରେ ଥିବା ପରିତ୍ୟକ୍ତ କୂଅରେ ଫୋପଡି ଦେଇଥିବା ୫ ନାବାଳକ ସ୍ୱୀକର କରିଛନ୍ତି । ୫ ନାବାଳକଙ୍କୁ ପୋଲିସ ନିଜ ହେପାଜତକୁ ନେବା ସହ ଜୁଭେନାଇଲ କୋର୍ଟରେ ହାଜର କରିବା ପରେ୧୩ ଦିନ ପାଇଁ ଅନୁଗୁଳ ବାଲସୁଧାର ଗୃହକୁ ପଠେଇ ଦେଇଥିବା ସୂଚନା ମିଳିଛି ।

# ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଅନୁଷ୍ଠିତ

**ଖୋର୍ଦ୍ଧା,୭।୯ (ସଂଚାର ବ୍ୟୁରୋ):** ସାବଲମ୍ବୀ ଭାରତ ଅଭିଯାନ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଉଦ୍ୟମୀତା ପ୍ରୋତ୍ସାହନ ସମ୍ମିଳନୀ ସ୍ଥାନୀୟ ସରସତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ସୁଶାନ୍ତ ମୋହନ ପଟ୍ଟନାୟକଙ୍କ ସଂଯୋଜାନରେ ଆୟୋଜିତ ଏହି ସମ୍ମିଳନୀରେ ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଅଜିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ୟମୀ ଭାରତ ନିର୍ମାଣ ଦିଗରେ ଯୁବସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଭାରତ ପ୍ରଗତି ପଥରେ ଆଗେଇ ଚାଲିଛି । ସଶକ୍ତ, ସମୃଦ୍ଧ ଭାରତ ଗଠନ ପାଇଁ ଯୁବପିଢ଼ିଙ୍କ ଏକ ପ୍ରମୁଖ ଭୂମିକା ରହିଛି।




ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଭାତ ପାଣିଗ୍ରାହୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ଭାରତକୁ ଆର୍ଥୀକ ରୂପରେ ସୁରକ୍ଷିତ, ସାବଲମ୍ବନ କରିବାକୁ ହେଲେ ଆମକୁ ସ୍ୱଦେଶୀକୁ ପ୍ରାଥମିକତା ଦେବାକୁ ପଡିବ । ନିଜର ଯୁବଶକ୍ତି ପ୍ରଭାବରେ ଭାରତ ଦ୍ରୁତଗତିରେ ଆର୍ଥକ ପାଦ ବଢ଼ାଇ ଚାଲିଛି । ଏହା ସତ୍ତ୍ୱେ ବେକାରୀ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଲାଣି । ଏହାକୁ ରୋକିବାକୁ ହେଲେ ଆଜିର ଯୁବସମାଜକୁ ଉଦ୍ୟମୀ ହେବାକୁ ପଡିବ । ଶିଶୁ ବିଦ୍ୟାମନ୍ଦିର ସହକାରୀ ପ୍ରଧାନାଚାର୍ଯ୍ୟ ପ୍ରଭାକର ସାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁରୀ ବିଭାଗ ସଂଯୋଜକ ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ ।

### ଗଞ୍ଜାମରେ ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବ 'ସେବା ପକ୍ଷ'

**ବ୍ରହ୍ମପୁର,୭।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ପକ୍ଷରୁ "ସେବା ପକ୍ଷ" ପାଳନ ପାଇଁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧକ୍ଷତାରେ 'ଜିଲ୍ଲାସ୍ତରୀୟ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପିର ରାଜ୍ୟ ଉପସଭାପତି ତଥା ପୂର୍ବତନ ଗଞ୍ଜାମ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର, ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ନେତା ଏବଂ କାର୍ଯ୍ୟକର୍ତ୍ତାଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।




"ସେବା ପକ୍ଷକୁ" ଉତ୍ସାହର ସହ ପାଳନ କରିବା ପାଇଁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ୧୭ରୁ ୨ ଅକ୍ଟୋବର ଯାଏଁ ମଣ୍ଡଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଚାଲିବ । ସେବା କାର୍ଯ୍ୟ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ସ୍ୱଚ୍ଛତା ଅଭିଯାନ, ମା' ପାଇଁ ଗଛଟିଏ, ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ କରାଯିବା ସହ ଫିଲ୍ମ ପ୍ରଦର୍ଶିତ ହେବ । ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହିତ ୨୧ ସେପ୍ଟେମ୍ବରରେ 'ମୋଦି ବିକାଶ ମାରାଥନ' କାର୍ଯ୍ୟକ୍ରମ ହେବ। ୨୫ରେ ପଣ୍ଡିତ ଦୀନଦୟାଲ ଉପାଧାୟଜୀଙ୍କ ଜୟନ୍ତୀ ପ୍ରତ୍ୟକ ମଣ୍ଡଳ ଏବଂ ବୁଥ୍ ସ୍ତରରେ କରାଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ନେଇ "ଭୋକାଲ ଫର ଲୋକାଲ"ର ପ୍ରଚାର ଏବଂ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି ।

### ବର୍ଷାରେ ବେହାଲ ପରିବା ହାଟ

# ଧାନତଳି ରୋଇ ପ୍ରତିବାଦ



**କାକଟପୁର/ଅସ୍ତରଙ୍ଗ,୭।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ଓଥକା ହାଟ ଉନ୍ନତିକରଣ ହେଉ ନଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ହାଟ ମଧରେ ହଳ କରି ଧାନ ତଳି ଲଗାଇବା

### ବିଜେପି କର୍ମୀଙ୍କ ମଧରେ ବାକଯୁଦ୍ଧ

ସହ ହାଟ କାହିଁକି ଉନ୍ନତିକରଣ ହେଉନି ବୋଲି ପ୍ରତିବାଦ କରିଥିଲେ। କିଛି ସମୟ ପରେ ଓଥକା ପଂଚାୟତ ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି କର୍ମୀ ନିରଞ୍ଜନ ପ୍ରସାଦ କାଣ୍ଡି ପହଂଚି ତୀବ୍ର ବିରୋଧ କରିଥିଲେ। ବିଜେପି କର୍ମୀଙ୍କ ମଧରେ କିଛି ସମୟ କଥା କଟାକଟି ହୋଇଥିବା ବେଳେ ସର୍ବ ସମ୍ମୁଖରେ ବିଜେପି କର୍ମୀ ପରସ୍ପର ପରସ୍ପରକୁ ଆକ୍ଷେପ କରିଥିଲେ। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳ ସମେତ ସନ୍ନିକଟ ଅଞ୍ଚଳର ଶତାଧିକ ପରିବାର ଓଥକା ସାପ୍ତାହିକ ପରିବା ହାଟ ଓ ପରିବା ବଜାର ଉପରେ ନିର୍ଭର କରିଥାନ୍ତି। କିଛି ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବର୍ଷା ଯୋଗୁଁ ପରିବା ବଜାର ସମେତ ସାପ୍ତାହିକ ହାଟକୁ ଥିବା ବିଭିନ୍ନ ବାଟ କାଦୁଅରେ ପରିପୂର୍ଣ୍ଣ। ପ୍ରବେଶ ବାଟରେ ପାଣି ଜମୁଥିବା ବେଳେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନ୍ୟ ପଟେ ହାଟ ବିଭିନ୍ନ ପାର୍ଶ୍ୱରେ ପଚା ପରିବା ସାଙ୍ଗକୁ କାଦୁଅ ପଚ ପଚ ହୋଇ ଗ୍ରାହକ ପରିବା କିଣିବା ପାଇଁ ବଜାରରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ବେପାରୀ, ଚାଷୀ ଓ ଖାଉଟି ସମସ୍ତେ ପୁତିଗନ୍ଧମୟ ପରିବେଶରେ ପ୍ରବେଶ କରୁଥିଲେ ମଧ ଏହାର ପ୍ରତିକାର ଦିଗରେ କେହି ପଦକ୍ଷେପ ନେଉନାହାନ୍ତି। ନିର୍ବାଚିତ ଲୋକ ପ୍ରତିନିଧି ମାନେ ନୀରବତା ଅବଲମ୍ବନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ନିର୍ବିକାର ଭାବେ ରହିଛନ୍ତି। ଯାହାକୁ ନେଇ ଯାତାୟାତ କରୁଥିବା ଚାଷୀ, ବ୍ୟବସାୟୀ ଓ କ୍ରେତାଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମନ୍ଦିରରୁ ଚୋରି ଘଟଣାରେ ପୁଲିସକୁ ସଫଳତା

**ଜଗତସିଂହପୁର,୭।୯ (ସଂଚାର ବ୍ୟୁରୋ):** ଏରସମା ବ୍ଲକ ଅନର୍ଗତ ହାଜିପୁର ଶିବ ମନ୍ଦିରରେ ଚୋରି ଘଟଣାରେ ୨୪ ଘଣ୍ଟା ଭିତରେ ମିଳିଛି ଏରସମା ପୁଲିସକୁ ବଡ଼ ସଫଳତା। ପ୍ରକାଶ ଥାଉକି ଗତକାଲି କିଛି ଦୁର୍ବୃତ୍ତ ମନ୍ଦିର ଷ୍ଟକ ରୁମରେ ପଶି ଠାକୁରଙ୍କ ନୀତିକାର୍ଯ୍ୟରେ ଲାଗୁଥିବା ପିତଳ କଂସା ବାସନ, ଘଣ୍ଟି ଘଣ୍ଟ ଚୋରି କରିନେଇ ଥିବା ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି । ଏରସମା ପୋଲିସ ଆଉ କିଛି ମନ୍ଦିର ଚୋରି କରିଥିବା ଘଟଣାକୁ ଖୋଲତାଡ଼ କରୁଥିବା ବେଳେ ଧରପଡିଥିବା ଆସମୀ ଠାରୁ ତାର ଆଉ କିଛି ସହଯୋଗୀ ତିର୍ତ୍ତଲ ବ୍ଲକ ଗରାମ ପଞ୍ଚାୟତରେ ଥାଇପାରନ୍ତି ବୋଲି ଏରସମା ପୋଲିସ ସୂତ୍ରରୁ ପ୍ରକାଶ। ସେହିପରି ତିର୍ତ୍ତଲ ବ୍ଲକର ନରୁଆ ଛକ ଚୋରି ଘଟଣାରେ ଆଜକୁ ଏକ ମାସ ବିତିଥିଲେ ମଧ ତିର୍ତ୍ତଲ ପୋଲିସ ହାତ ଖାଲି ପଡ଼ିଛି । ଏ ପର୍ଯ୍ୟନ୍ତ ତିର୍ତ୍ତଲ ପୋଲିସ କାହାକୁ ସନ୍ଦେହରେ ଉଠାଇ ନଥିବା ବେଳେ ତିର୍ତ୍ତଲ ପୋଲିସର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚୋରଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଛି ।

ସିଟି salad

## ଖାଇବାକୁ ଦେଲେ ହେଲେ ଫଟୋ ନାହିଁ




ରାଜଧାନୀରେ ଗୋଟିଏ ବଡ଼ ଖାନାର ଆୟୋଜନ କଲେ। ଜାତୀୟ ଓ ରାଜ୍ୟ ସ୍ତରର ନେତାମାନଙ୍କୁ ଖାଇବାକୁ ଦେଲେ। ହେଲେ ଯେତେବେଳେ ଜାଣିଲେ ଏତେ ବଡ ଆୟୋଜନରେ ତାଙ୍କର ଫଟୋଟିଏ ନାହିଁ, ମନଟା ପୁରା ଖଟା ହୋଇଗଲା। ଜଣେ ଜାତୀୟ ନେତାଙ୍କ ସଂକ୍ରାନ୍ତରେ ଏଭଳି କଥା ଏବେ ଚର୍ଚ୍ଚାର ବିଷୟ ହୋଇଛି। ନିକଟରେ ରାଜଧାନୀରେ ବାଚସ୍ପତି ସମ୍ମିଳନୀ ଆୟୋଜନ ହୋଇଥିବାବେଳେ ଲୋକସଭା ବାଚସ୍ପତିଙ୍କ ସମେତ ଅନ୍ୟାନ୍ୟ ବାଚସ୍ପତିଙ୍କ ପାଇଁ ବଡଖାନାର ଆୟୋଜନ କରିଥିଲେ। ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଯୋଗ ଦେଇଥିଲେ। ମନକୁ ପାଇଲା ଭଳି ଭୋଜି। ଧାଡି ଧାଡି ଗାଡି ଲାଗିଥିଲା। ସମସ୍ତେ ଭୋଜି ଖାଇ ଖୁସି ମନରେ ଫେରିଲେ। ଆୟୋଜକ ବି ପ୍ରଶଂସା ଶୁଣି ମୁଗ୍ଧ ହେଲେ ପରଦିନ କିନ୍ତୁ ସେ ଖୁସି ରହିଲା ନାହିଁ। ଘରୁ ବାହାରିବାବେଳେ ଗାଡିରେ ବସି ଦେଖିଲେ ରାସ୍ତାକଡରେ ମାଳ ମାଳ ଫଟୋ ଲାଗିଛି। ହେଲେ ତାହା ଭିତରେ ନିଜ ଫଟୋଟିଏ ଖୋଜିଲେ ଲୋକଙ୍କୁ ନାହିଁ। ପାଖରେ ବସିଥିବା ଦୂତଙ୍କୁ ପଚାରିଲେ, ଏ ଫଟୋ ସବୁ କେତେବେଳେ ଲାଗିଲା ? ଦୂତ କହିଲେ, ଆପଣଙ୍କ ଭୋଜି ପାଇଁ କାଲି ଲାଗିଥିଲା। ତହୁଁ ନେତା ପଚାରିଲେ, ଏହା ଭିତରେ ମୋ ଫଟୋ କାହିଁ ? ଦୂତ କହିଲେ ନାହିଁ ଆଜ୍ଞା, ଏ ଫଟୋ ମରାରେ ସେ ବ୍ୟବସ୍ଥା ନାହିଁ। ତହୁଁ ନେତାଙ୍କ ମୁହଁ ଟି ଆମ୍ବିଳା ହୋଇଗଲା। ଭୋଜି ପଇସା ତକ ପାଣିରେ ପଡିଲା ଭାବି ଗାଡିର ଆର ପଟକୁ ମୁହଁ କରିଦେଲେ।

## ଫାଇଲ ପ୍ରେମରେ ମହିଳା ଅଧିକାରୀ




ସଚିବାଳୟ କରିଡରରେ ଏବେ ଯୋଗାଣ ବିଭାଗର ଜଣେ ମହିଳା ଅଧିକାରୀଙ୍କୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ଆମେ ଟିକେ ସେଠାରେ ଅଟକି ଗଲୁ। ବିଭାଗର ଜଣେ କିରାଣୀ ବାବୁ କହୁଥାନ୍ତି, ଏ ମହିଳା ଅଧିକାରୀଙ୍କର ଏଭଳି ଫାଇଲ ପ୍ରେମ ଯେ ଯେଉଁ ଫାଇଲ ତାଙ୍କ ପାଖକୁ ଯାଉଛି ତାକୁ ଛାଡିବାକୁ ନାରାଜ। ତିନି ଚାରି ମାସରୁ ଫାଇଲକୁ ମାଡିବସି ଧରିଛନ୍ତି। କାହାର ବଦଳି ଫାଇଲ ତ ଆଉ କାହାର ପ୍ରମୋସନ ଫାଇଲ। କିଛି ଛାଡୁ ନାହାନ୍ତି। ଚାଉଳ, ଗହମ ବସ୍ତା ଗଦା ହେଲା ଭଳି ମ୍ୟାଡାମଙ୍କ ନିକଟରେ ଫାଇଲ ଗଦାହୋଇ ରହୁଛି। ଆଉଜଣେ କର୍ମଚାରୀ କହିଲେ, ମହିଳାଙ୍କ ଫାଇଲ ପ୍ରେମ ନୁହେଁ, ଡର। କିଏ ଜଣେ କୁଆଡେ କହିଦେଇଛି ଯଦି ତରତରରେ ଫାଇଲ ଛାଡିବେ ତେବେ ସିବିଆଇ ବି ତଦନ୍ତ ପାଇଁ ପଳାଇ ଆସିବ। ସିବିଆଇ ନା ଶୁଣିବା ଦିନ ଠାରୁ କୁଆଡେ ମ୍ୟାଡାମ ଆଉ ଫାଇଲ ଛାଡୁ ନାହାନ୍ତି। ଯୋଗାଣ ବିଭାଗରେ ତ ସହଜରେ ସିଏ ଚଉଦ ବର୍ଷ ହେଲା କାଟି ସାରିଲେଣି। ଆଉ କେତେଦିନ କାଟିବେ ତାହାର ବି ହିସାବ ନାହିଁ। ହେଲେ ସିବିଆଇ କଥା ଶୁଣିବା ପରଠାରୁ ସିଏ ଆଉ କାମ ଦାମରେ ମନ ଦେଉ ନାହାନ୍ତି। ମ୍ୟାଡାମଙ୍କର ସିବିଆଇ ଡର କଥା ଏବେ ଯୋଗାଣ ବିଭାଗର ଚାରିକାନ୍ଥ ଡେଇଁ କରିଡରରେ ପହଞ୍ଚି ଥିବାବେଳେ କେବେ ତୃତୀୟ ମହଲାରେ ପହଞ୍ଚିବ ତାହାକୁ ଅନେକ କର୍ମଚାରୀ ଅପେକ୍ଷା କରିଛନ୍ତି।

## ଦକ୍ଷିଣୀ ନେତାଙ୍କ ଫାର୍ମ ହାଉସ୍ ଓ ଗୋଆ କୋଠା



ରାଜ୍ୟର ଦୁଇ ଦକ୍ଷିଣୀ ନେତା ଏବେ ଚର୍ଚ୍ଚାରେ। ଖାଲି ଚର୍ଚ୍ଚାରେ ନାହାନ୍ତି, ଏଥି ସହିତ କୁଆଡେ କୀଳାକୁ ନିମନ୍ତ୍ରଣ କରିଥିବା ନେଇ ଆଲୋଚନା ହେଉଛି। ଦୁଇ ଜଣ ଯାକ ଦକ୍ଷିଣୀ ବିଧାୟକ। ଜଣେ ବିଜେଡିରୁ ଯାଇ ବିଜେପି ବିଧାୟକ ହୋଇଥିବାବେଳେ ଆଉ ଜଣେ ସିଧାସଳଖ ବିଜେପି ବିଧାୟକ ହୋଇଛନ୍ତି। ତେବେ ଏହି ଦୁଇଜଣ ଏବେ ଚର୍ଚ୍ଚାରେ। ଜଣଙ୍କୁ ଗୋଆ ସରକାର ନୋଟିସ୍ ପଠାଇଛନ୍ତି। ସେଠାରେ କୁଆଡେ ବାବୁଙ୍କର ବେଆଇନ୍ ବଡ କୋଠାଟିଏ ରହିଛି। ତାକୁ ଭାଙ୍ଗିବାକୁ ଗୋଆରୁ ଚିଠି ଆସିବା ପରେ ବାବୁଙ୍କ ସମ୍ପତ୍ତି ନେଇ ଚର୍ଚ୍ଚା। ପୂର୍ବରୁ ମୁହଁ ଶୁଖାଇ ବୁଲୁଥିବା ବାବୁ ଏବେ ଏହାକୁ ନେଇ ହରଡଘଣାରେ ପଡିଛନ୍ତି। ଅନ୍ୟ ଜଣେ କିନ୍ତୁ ନିଜ ମୁହଁରେ ସମ୍ପତ୍ତିର ବିବରଣୀ ଦେଇଛନ୍ତି। ବିରାଟ ଫାର୍ମ ହାଉସରେ ବିଜେଡି ନେତାଙ୍କ ପରିବାରକୁ ଚାକିରି ଦେବେ ବୋଲି ବାହାସ୍ଫୋଟ ମାରିବାପରେ ଭୋଟରମାନେ ତାଙ୍କ ସମ୍ପତ୍ତିର ବି ଆକଳନ କରିବାରେ ଲାଗିଛନ୍ତି। ପୂର୍ବରୁ ବାବୁ ଜଣଙ୍କ ମୋର କୁଆଡେ କିଛି ନାହିଁ ବୋଲି କହି ବୁଲୁଥିବାବେଳେ ହଠାତ୍ ଫାର୍ମ ହାଉସ୍ କୁଆଡୁ ଆସିଲା ବୋଲି ଚର୍ଚ୍ଚା। ଏପରିକି ଫାର୍ମ ହାଉସ୍ ସହିତ ଆଉ କ'ଣ କ'ଣ ସବୁ ରହିଛି ତାହାର ଖୋଳତାଡ କରିବାକୁ ବି ବିରୋଧି ବାଲାଏ ପାଟି କଲେଣି। ଏ ଦୁଇ ଜଣଙ୍କ କାଣ୍ଡ ଦେଖି ଅନ୍ୟ ଦକ୍ଷିଣୀ ନେତାଏ ଏବେ ସେମାନଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି। କହୁଛନ୍ତି, ଏମାନେ ଖାଲରେ ପଡିବା ସହିତ ଆମକୁ ବି ଖାଲରେ ପକାଇବେ।

## ମହାରାଜାଙ୍କୁ ଗ୍ରହଣ ଡର



ରାଜ୍ୟ ମନ୍ତ୍ରୀ ମଣ୍ଡଳର ମହାରାଜା କନକ ବର୍ଦ୍ଧନ ସିଂହଦେଓଙ୍କୁ ଗ୍ରହଣ ଡର। ଗ୍ରହଣ ଲାଗୁଥିବାରୁ ସମ୍ବଲପୁରରେ ନୂଆଖାଇଁ ଭେଟଘାଟ କାର୍ଯ୍ୟକ୍ରମକୁ ଯିବାକୁ ସିଧା ସିଧା ମନା କରିଦେଲେ। ରାଜାଙ୍କ କଥା ଶୁଣି ଆୟୋଜକଙ୍କର ବି ନିଦ ଭାଙ୍ଗିଲା। କାର୍ଯ୍ୟକ୍ରମ ୭ତାରିଖ ବଦଳରେ ୬ ତାରିଖରେ ହେଲା। ହେଲେ ପଶ୍ଚିମଓଡିଶାର ମହାରାଜା କିନ୍ତୁ ସେଥିରେ ଯୋଗଦେଇ ପାରିଲେ ନାହିଁ। ଖୋଦ କନକ ବର୍ଦ୍ଧନ ଗ୍ରହଣ ଓ ତାଙ୍କର ଗସ୍ତ ନେଇ ରାଜଧାନୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି। ମହାରାଜା କହିଛନ୍ତି ଯେ ସାତ ତାରିଖ ଦିନ ସମ୍ବଲପୁରରେ ଆୟୋଜିତ ନୂଆଖାଇଁ ଉତ୍ସବ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ସେଦିନ ଗ୍ରହଣ ଲାଗୁଥିବାରୁ ସେ ରାଜି ଯିବାକୁ ରାଜି ହେଲେନାହିଁ। ଅଶୁଭ ବେଳା ଥିବାରୁ ସିଧା ସିଧା ଯିବାକୁ ମନାକରି ଦେଲେ। ଛଅ ତାରିଖ ଦିନ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇଥିଲା। ହେଲେ ଯେତେବେଳେ ଆୟୋଜକମାନେ ଜାଣିଲେ ଯେ ସାତ ତାରିଖରେ ଗ୍ରହଣ ଲାଗୁଛି ତେଣୁ କାର୍ଯ୍ୟକ୍ରମକୁ ୬ତାରିଖକୁ ଘୁଞ୍ଚାଇବା ସହିତ ମହାରାଜାଙ୍କୁ ଖବର ଦେଲେ। କିନ୍ତୁ କଥାରେ ପକ୍କା ମହାରାଜା ପୂର୍ବ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ଚାହିଁଲେ ନାହିଁ। ସମ୍ବଲପୁର ଗସ୍ତକୁ ବାତିଲ କରିଦେଲେ। ମୁଖ୍ୟମନ୍ତ୍ରୀ ଗଲେ। ହେଲେ ଉପମୁଖ୍ୟମନ୍ତ୍ରୀ ଯାଇପାରିଲେ ନାହିଁ। ଏହାକୁ ନେଇ ସମ୍ବଲପୁରରେ ଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ମହାରାଜାଙ୍କ ଅଶୁଭ/ଶୁଭ ବେଳା ଗଣନା କିନ୍ତୁ ରାଜଧାନୀରେ ଆଲୋଚନାର ବିଷୟ ହୋଇଛି।

## ବିଧାନସଭାରେ କାଠଘର




ଓଡିଶା ବିଧାନସଭା ଧିରେ ଧିରେ କାଠ ଘର ପାଲଟୁଛି। ଆଉ କିଛି ଦିନ ପରେ ପୂରା କାଠ ହୋଇଯିବ। ବିଧାନସଭା ନିକଟରେ ଥିବା ଅତିଥିଭବନରେ ଏହି ଚର୍ଚ୍ଚା ଚାଲିଥିଲା। କାଠ ଘର କଥା ଶୁଣି ଜଣେ ବିଧାନସଭା ବାବୁଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ବିଧାନସଭା ଭିତରେ ଥିବା ଦପ୍ତର କାନ୍ଥରେ କାଠ ଲାଗିଥିଲା। ଯାହା ବାକି ଥିଲା ଏବେ ଲାଗୁଛି। ଅଳ୍ପଦିନ ତଳେ ପଡିଥିବା ଚକଚକିଆ ମାର୍ବଲ ଉପରେ ବି କାଠ ବିଛାଇବାକୁ ଯୋଜନା ହେଲାଣି। କାନ୍ଥ ବାଡ, ଚଟାଣ ସବୁଠାରେ ଯେମିତି କାଠ ଲାଗୁଛି ଅଳ୍ପଦିନ ପରେ ପୂରା ବିଧାନସଭା କାଠ ଘର ହୋଇଯିବ। ଏତିକିବେଳେ ଆଉ ଜଣେ ବାବୁ କହିଲେ, କାଠ ଘରେ ଯଦି ନିଆଁ ଲାଗିବ ତେବେ ? ଆମ କିଛି କହିବା ପୂର୍ବରୁ ପ୍ରଥମ ବାବୁ ଜଣଙ୍କ କହିଲେ, ବୁଝିଲେ ଆଜ୍ଞା ଗୁଜୁରାଟ ବିମାନ ଦୁର୍ଘଟଣା ଭଳିଆ ହୋଇଯିବ। କାହାକୁ କେହି ଚିହ୍ନି ପାରିବେନି। ଭଗବାନ ନକରନ୍ତୁ ସେମିତି କିଛି ନହେଉ ବୋଲି ଆମେ କହିବାରୁ ଦ୍ୱିତୀୟ ବାବୁ ଜଣଙ୍କ କହିଲେ, ଷାଠିଏ ଦଶକରେ ଏ ଘରଟି ତିଆରିବେଳେ କେମିତି ଅଧିକ ଗରମ କିମ୍ବା ଅଧିକ ଥଣ୍ଡା ନହେବ ତାହାକୁ ଆଖିରେ ରଖି କରିଥିଲେ। ହେଲେ ଯନ୍ତ୍ରମାନଙ୍କ ପକେଟ ଗରମ ପାଇଁ କୋଠା ଘରକୁ ଏବେ କାଠଘର କରି ଦିଆଯାଉଛି। ଆଗକୁ ଆଉ କି କି ରୂପ ବିଧାନସଭା ନେବ ତାହାକୁ କେବଳ ଅପେକ୍ଷା। ଏମିତି ଆଲୋଚନା ଚାଲିଥିବାବେଳେ ଜଣେ ବିଧାୟକ ଆସିଯିବାରୁ ସମସ୍ତେ ସେଠାରୁ ତୁନିହୋଇ ପଳାଇଲେ।

# ହେତୁବାଦୀ-ପରମ୍ପରାବାଦୀ ମୁହାଁମୁହିଁ


ପାକନିଷେଧକୁ ନ ମାନି ଆମିଷ ଭୋଜି କରୁଥିଲେ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଆଜି ଚନ୍ଦ୍ରଗ୍ରହଣ ହୋଇଥିବା ବେଳେ ଏହାକୁ ହେତୁବାଦୀମାନେ ନ ମାନି ଆମିଷ ଖାଇଥିବା ବେଳେ ଏହାକୁ ନେଇ ତୁମୂଳ କାଣ୍ଡ ଘଟିଛି। ହେତୁବାଦୀ ଓ ପରମ୍ପରାବାଦୀ ମୁହାଁମୁହିଁ ହୋଇଛନ୍ତି। ଆଜି ସ୍ଥାନୀୟ ନାଗେଶ୍ୱର ଟାଙ୍ଗୀରେ କେତେକ ହେତୁବାଦୀ ଚନ୍ଦ୍ରଗ୍ରହଣ ସମୟରେ ପାକନିଷେଧ ହୋଇଥିଲେ ମଧ୍ୟ ସେମାନେ ଆମିଷ ଭୋଜି କରୁଥିଲେ। ଏନେଇ ଖବର ପାଇ କେତେକ ପରମ୍ପରାବାଦୀ ସେଠାରେ ପହଞ୍ଚି ହେତୁବାଦୀଙ୍କ ଏପରି ଆଚରଣକୁ ବିରୋଧ କରିଥିଲେ। ଫଳତଃ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଏହି ଘଟଣାରେ ଉକ୍ତ ଘରର ମାଲିକ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିବା ଜଣାପଡ଼ିଛି।

## ବଳାତ୍କାର ପରେ ନାବାଳିକାଙ୍କୁ ହତ୍ୟା

**ଅନୁଗୋଳ,୭।୯(ସଂଚାର ବ୍ୟୁରୋ):** ଶନିବାର ଅପରାହ୍ଣରେ ଖେଳିବାକୁ ଯାଇ ଫେରି ନ ଥିଲେ ଝିଅ। ପରିବାର ଲାକେ ଦିନ ଓ ରାତି ସାରା ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ପତ୍ତା ପାଇନଥିଲେ। କିନ୍ତୁ ଆଜି ସକାଳେ ପୁନର୍ବାର ଖୋଜିବାକୁ ଯାଇ ପରିବାର ଲୋକେ ତାଙ୍କ କ୍ଷତବିକ୍ଷତ ମୃତଦେହ ଗାଁ ନାଳରୁ ଉଦ୍ଧାର କରାଯାଇଥିଲା। ମୃତକଙ୍କ ଭାଇ ମୁକ୍ତି ସେଠ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀକୁ କେହି ବଳାତ୍କାର ଓ ପରେ ହତ୍ୟା କରିଛି। କାରଣ ତାଙ୍କ ଓଷ୍ଠ, ହାତ ଓ କାନ ପାଖରେ କଟା ଦାଗ ରହିଥିବା ଦେଖିବାକୁ ମିଳିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁରେ। ମୃତକ ଜଣଙ୍କ ଉକ୍ତ ଗାଁର ଅକ୍ଷୟ ସେଠଙ୍କ ପଞ୍ଚମ ଶ୍ରେଣୀରେ ପଢୁଥିବା ଝିଅ ଜସ୍ମିନା। ଘଟଣା ସମ୍ପର୍କରେ ଖବର ପାଇ ଅନୁଗୋଳ ସଦର ଥାନା ପୁଲିସ, ବନ୍ତଳା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ତେବେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଧରିବା ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୁଳ-ବନ୍ତଳା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗାଠାରେ ଅବରୋଧ କରିବା ସହ ମୃତଦେହକୁ ସହଜରେ ଛାଡ଼ିନଥିଲେ। ଉତ୍ତ୍ୟକ୍ତ ଲୋକେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ପାଇଁ ଦାବି କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା।

## ରେଲୱେ କଲୋନିରେ ଦୁର୍ବୃତ୍ତଙ୍କ ଗୁଳିମାଡ଼

### ଫୁଟିଲା ୬ ରାଉଣ୍ଡ ଗୁଳି, ବର୍ତ୍ତିଗଲା ପରିବାର



**ଝାରସୁଗୁଡ଼ା,୭।୯(ସଂଚାର ବ୍ୟୁରୋ):** ରାତି ଅନ୍ଧାରରେ ହୋଇଛି ଆଖିବୁଜା ଗୁଳିମାଡ଼। ବାଇକ୍‌ରେ ଆସିଲେ ଘର ଉପରକୁ ଫାୟାରିଂ କଲେ। ରେଲୱେ କଲୋନୀରେ ଫୁଟିଲା ୬ ରାଉଣ୍ଡ ଗୁଳି। ଚାରିଆଡେ ଥିଲା ଶୂନ୍‌ଶାନ, ଆଉ ନିଛାଟିଆ। ଘରେ ଶୋଇ ରହିଥିଲେ ପରିବାରର ସମସ୍ତ ସଦସ୍ୟ। ଠିକ୍ ଏତିକି ବେଳେ ଅଚାନକ ଫୁଟିଲା ଗୁଳି। ଘର ବାହାରେ ଆଖିବୁଜା ଗୁଳିମାଡ଼ କଲେ ଦୁର୍ବୃତ୍ତ। ଘର ଉପରକୁ ଟାର୍ଗେଟ୍ କରି ଫୁଟାଇଲେ ଗୁଳି। ଫଳରେ ହଠାତ୍ ଛାନିଆ ହୋଇଗଲେ ଲୋକେ। କ'ଣ ହେଲା କହି ଘର ବାହାରକୁ ଦୌଡି ଆସିଲେ। ହେଲେ ତା' ପୂର୍ବରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ। ମିଳିଥିବା ସୂଚନାନୁସାରେ, ଝାରସୁଗୁଡା ରେଲୱେ କଲୋନୀରେ ଦଶରଥ ସୁନା ତାଙ୍କ ପରିବାର ସହ ରହନ୍ତି। ତେବେ ଗତକାଲି ରାତି ପ୍ରାୟ ସାଢ଼େ ୨ଟା ସମୟରେ ସମସ୍ତେ ଶୋଇଥିବା ସମୟରେ ଅଚାନକ କ୍ୱାର୍ଟର୍ସ ଉପରକୁ ଅଜଣା ଯୁବକମାନେ ଗୁଳିମାଡ଼ କରିଥିଲେ। ଏପରିକି ଗେଟ୍ ଭେଦ କରି ୩ଟି ଗୁଳି ଘର କାନ୍ଥରେ ବାଜିଥିଲା। କିନ୍ତୁ ଗୁଳିମାଡ଼ରେ କେହି ଆହତ ହୋଇନଥିବାରୁ ଦଶରଥଙ୍କ ପରିବାର ଏଥିରୁ ଅଳ୍ପକେ ବର୍ତ୍ତିଯାଇଛି। ତେବେ ଗଣେଶ ପୂଜା ଭସାଣିକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଥିବା କୁହାଯାଉଛି। ଗତକାଲି ଗଣେଶ ପୂଜା ଭସାଣୀ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ର କରି ଦୁଇ ଜଣ ଅଜଣା ଯୁବକ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି।

## ସମବାୟ ମନ୍ତ୍ରୀଙ୍କ ସାର ସ୍ଥିତି ସମୀକ୍ଷା



- ଚଳିତ ମାସରେ ୮୦,୦୧୪ ମେଟ୍ରିକ ଟନ୍ ୟୁରିଆ ଯୋଗାଣ ହେବ
- ମାର୍କଫେଡ୍ ଜରିଆରେ ଶତପ୍ରତିଶତ ସାର ଚାଷୀଙ୍କୁ ମିଳିବ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଅଧକ୍ଷତାରେ ରାଜ୍ୟରେ ଶୃଙ୍ଖଳିତ ସାର ଯୋଗାଣର ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସୂଚନାନୁସାରେ, ଚଳିତ ମାସରେ ମୋଟ୍ ୮୦,୦୧୪ ମେଟ୍ରିକ ଟନ୍ ୟୁରିଆ ସାର ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଏହି ସମସ୍ତ ସାର ମାର୍କଫେଡ୍ ଜରିଆରେ ପାକ୍ସ/ଲ୍ୟାମ୍ପସ୍ ମାଧମରେ ଚାଷୀମାନଙ୍କୁ ମିଳିବ। ଶତ ପ୍ରତିଶତ ଅର୍ଥାତ ମୋଟ୍ ୮୦,୦୧୪ ମେଟ୍ରିକ ଟନ୍ ୟୁରିଆ ସାର ମାର୍କଫେଡ୍ ଜରିଆରେ ବଣ୍ଟନ ହେବ। ସରକାର ଶୃଙ୍ଖଳିତ ସାର ଯୋଗାଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ବୈଠକରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଛନ୍ତି। ଏଥିସହ ଆସନ୍ତା ଖରିଫ୍ ଋତୁ ପୂର୍ବରୁ ମାର୍କଫେଡ୍ ଅଧୀନରେ ଥିବା ଗୋଦାମର କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ସ/ଲାମ୍ପସଠାରୁ ସୂଚନା ଆଣି ଆବଶ୍ୟକତା ଅନୁସାରେ ଆଗୁଆ ସାର ମହଜୁଦ ରଖିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିବା ବେଳେ ବୈଠକରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମାର୍କଫେଡର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ନାୟକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମହିଳା ସରପଞ୍ଚଙ୍କୁ ଆକ୍ରମଣ ମାମଲା

## ଆଇଆଇସିଙ୍କୁ ଭେଟି ଗିରଫ ଦାବିକଲା ସଂଘ

**ରାଜନଗର,୭।୯(ସଂଚାର ବ୍ୟୁରୋ):** ମହିଳା ଦଳିତ ସରପଞ୍ଚଙ୍କୁ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୋଲିସ ମାମଲା ରୁଜୁ କରି ବସିଛି। ରାଜନଗର ଥାନାରେ କେସ ନମ୍ବର ୩୦୮ /୨୦୨୫ , ଦଫା ୩୩୧ ( ୧ ) , ୨୯୬ , ୧୧୫ ( ୨ ) , ୭୪ , ୭୫ , ୩୦୩ ( ୨ ) , ୩୫୧ ( ୨ ) , ୩ ( ୫ ) ଓ ଜାତି ନେଇ ଗାଳିଗୁଲଜ ଦଫା ୩ ( ୧ )ଆର , ୩ ( ୧ ) ଏସ , ୩ ( ୨ ) ଭିଏ'ରେ ମାମଲା ରୁଜୁ ହୋଇଛି। ସଙ୍ଗିନ ଦଫାରେ ଫଉଲିସ ମାମଲା ରୁଜୁ କରିଥିଲେ ମଧ ଅଭିଯୋଗର ୨୪ ଘଣ୍ଟା ପୂରିଯାଇଥିଲେବି ଅଭିଯୁକ୍ତଙ୍କୁ ଗିରଫ କରିନଥିବାରୁ ଏହାକୁ ନେଇ ସରପଞ୍ଚ ସଂଘ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ଘଟଣାରେ ଆଜି କେନ୍ଦ୍ରାପଡା ଜିଲ୍ଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା, ରାଜନଗର ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ବୀଣାପାଣି ପ୍ରଧାନ, ପୁଷ୍ପଲତା ପାତ୍ର, ପ୍ରସନ୍ନ କୁମାର ପରିଡା, ଇତିଶ୍ରୀ ମହାପାତ୍ର, ଚିତ୍ତ ରଞ୍ଜନ ପଣ୍ଡା, ସସ୍ମିତା ମହାନ୍ତି ରାଜନଗର ଥାନାରେ ପହଞ୍ଚି ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସକାଶେ ସେମାନେ ଦାବି କରିଛନ୍ତି। ଜଣେ ମହିଳା ଓ ଦଳିତ ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାକୁ ନେଇ ସଂଘର ସଦସ୍ୟସଦସ୍ୟମାନେ ଉଦବେଗ ପ୍ରକାଶ କରିଛନ୍ତି। ଏଥିସହ ଯଦି ପୁଲିସ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ନକରେ, ତା'ହେଲେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ୯ଟି ବ୍ଲକର ସରପଞ୍ଚ ଏସପି ଓ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବେ ବୋଲି ଶ୍ରୀମତୀ ଓଝା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ସରପଞ୍ଚ ରାଣୀମଞ୍ଜରୀ ସେଠୀ ତାଙ୍କ ଶାଶୂଘର ଉକ୍ତ ପଞ୍ଚାୟତ ଅନ୍ତର୍ଗତ ଚନ୍ଦନପୁରରେ ଥିବା ସମୟରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତଙ୍କ ସହ ସନ୍ତୋଷ ପ୍ରଧାନ, ନରୋତ୍ତମ ଦାସ, କନ୍ଦୁରୀ ରାଉତ, ନିଗମ ରାଉତ, ଜଗବନ୍ଧୁ ରାଉତ, ମଣ୍ଟୁ ଦାସ, ତିଳୋତ୍ତମା ପ୍ରଧାନ, ଦମୟନ୍ତୀ ଦାସ ପ୍ରମୁଖ ସେଠାରେ ପହଞ୍ଚିବା ସହ ଘରର ବାଡ଼ ଓ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ମହିଳା ସରପଞ୍ଚଙ୍କୁ ସେମାନେ ଜାତି ନେଇ ଆକ୍ଷେପ କରିବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସେମାନେ ତାଙ୍କୁ ଆକ୍ରମଣ କରିବାକୁ ବି ପଛାଇନଥିଲେ। ତାଙ୍କ ବେକକୁ ଚାପିଦେଇ ତାଙ୍କୁ ଜୀବନରେ ମାରିଦେବାକୁ ବି ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଶ୍ରୀମତୀ ସେଠୀଙ୍କ ଚିତ୍କାର ଶୁଣି ସ୍ୱାମୀ ବସନ୍ତ କୁମାର ସେଠୀ ପହଞ୍ଚିବାରୁ ଶ୍ରୀ ରାଉତ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ବି ନିର୍ମମ ଭାବେ ମାଡ ମାରିଥିଲେ। ସେମାନେ ଶ୍ରୀମତୀ ସେଠୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ମଙ୍ଗଳସୂତ୍ର, ସୁନା ଚେନ ଓ ସୁନା କାନଫୁଲ ଆଦି ନେଇଯାଇଥିବା ସରପଞ୍ଚ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି।

## ବୃଦ୍ଧଙ୍କୁ ଚାପିଦେଲା କାର୍

**ପାଇକମାଳ,୭।୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଡୁଙ୍ଗୁରି ପାଳି ନିକଟରେ ରବିବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ଉକ୍ତ ବୃଦ୍ଧଙ୍କୁ ପଛପଟୁ ଗାଡ଼ିଟି ଧକ୍କା ଦେଇଥିବା ବେଳେ ମୃତକ ଜଣଙ୍କ ଡୁଙ୍ଗୁରିପାଲିର ନାଥ ଅଜଗର (୭୫) ବୋଲି ଜଣାପଡ଼ିଛି। ସେହିପରି ଗାଡ଼ିଚାଳକ ଜଣଙ୍କ ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମର ଦୁଷ୍ମନ୍ତ କୁମାର ସାହୁ। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ବୃଦ୍ଧଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଯୋଗାଇଦେବା ସହ ଅନ୍ୟାନ୍ୟ କେତେକ ଦାବିରେ ଏହି ରାସ୍ତାରୋକ ହୋଇଛି। ଖବର ପାଇବା ପରେ ପାଇକମାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ଜଣାପଡ଼ିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନର ପନ୍ଥା ବାହାରିପାରିନାହିଁ।

### ଭୁବନେଶ୍ୱର ସାଇନ୍ସ ସିଟି ନିର୍ମାଣ ପ୍ରସଙ୍ଗ

## ପାଟନାରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

**ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ):** ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ଏଥିନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତାର ମଧ ଅନୁଧ୍ୟାନ କରୁଛନ୍ତି। ଗତ ସପ୍ତାହରେ ମନ୍ତ୍ରୀ ଶ୍ରୀ ପାତ୍ର ବିହାର ଗସ୍ତ କରି ପାଟନାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ବିଜ୍ଞାନ ସିଟି ପରିଦର୍ଶନ କରିଥିଲେ। ଏଥିସହ ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଓ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା ମଧ କରିଥିଲେ। ଭୁବନେଶ୍ୱରରେ ୧୦୦ ଏକର ପରିମିତ ଯାଗାରେ ନିର୍ମାଣ ହେବାକୁ ଥିବା ଏହି ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଓ ଗବେଷଣା ସୁବିଧା ସହ ବୈଜ୍ଞାନିକ ଅଧୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଦ୍ଭାବନ ଓ ଶିକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ଓ ବିହାରର ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ କ୍ରମେ ସେମାନଙ୍କ ପରାମର୍ଶ ମଧ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ୩୮.୫ ଲକ୍ଷ ଟଙ୍କାର ହେରୋଇନ୍ ଜବତ, ୧ ଗିରଫ

**କଟକ,୭।୯(ସଂଚାର ବ୍ୟୁରୋ):** ସାଢ଼େ ୩୮ ଲକ୍ଷ ଟଙ୍କାର ହେରୋଇନ୍ ଜବତ ହୋଇଛି। ଜାତୀୟ ରାଜପଥ ୧୬ରେ ମଙ୍ଗୁଳି ଛକ ନିକଟରୁ ଏହି ହେରୋଇନ୍ ଚାଲାଣ ସମୟରେ ଧରାପଡ଼ିଛି। ରାଜ୍ୟ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ସଦସ୍ୟମାନେ ୩୮୫ ଗ୍ରାମ ଓଜନର ହେରୋଇନ୍ ଜବତ କରିଛନ୍ତି। ଏଥିସହ ଏହି ମାମଲାରେ ଜଣେ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ସେ ହେଉଛନ୍ତି ଜଗନ୍ନାଥ ଜେନା ଓ ତାଙ୍କ ଘର ନାଲକୋ ଥାନା ଅନ୍ତର୍ଗତ ନାଲକୋ ନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ଏଥର ଦୁର୍ଗାପୂଜା ୧୭ ଦିନ

### ୧୪ରେ ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ନୀତି ସମ୍ପନ୍ନ ହେବ



**ପୁରୀ,୭।୯(ସଂଚାର ବ୍ୟୁରୋ):** ଆସନ୍ତା ୧୪ ତାରିଖ ରବିବାର ମୂଳାଷ୍ଟମୀରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ସହସ୍ର କୁମ୍ଭାଭିଷେକ ନୀତି। ଶ୍ରୀକ୍ଷେତ୍ରାଧିଶ୍ୱରୀ ମା' ବିମଳାଙ୍କ ଷୋଡ଼ଶଦିନାତ୍ମକ ପୂଜାର୍ଚ୍ଚନାର ଶୁଭାରମ୍ଭ ହେବ। ଏହି ଅବସରରେ ବଡ଼ଦେଉଳରେ ପାଳିତ ହେବ ଦୁର୍ଗା-ମାଧବ ଉପାସନା। ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହେଉଛନ୍ତି ମାଧବ। ସର୍ବତ୍ର ଦୁର୍ଗାଙ୍କ ସହିତ ମହାଦେବଙ୍କ ଉପାସନାର ପରମ୍ପରା ରହିଛି। ହେଲେ ଶ୍ରୀକ୍ଷେତ୍ରରେ ମାଧବଙ୍କ ସହ ଦୁର୍ଗାଙ୍କ ଉପାସନା ପ୍ରଚଳନ ରହିଛି। ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସମେତ ପୀଠମାନଙ୍କରେ ୧୭ ଦିନ ଶାରଦୀୟ ଦୁର୍ଗା ପୂଜା ହେବ। ଚଳିତ ମାସ ୨୮ ତାରିଖ ରବିବାର ଦେବୀଙ୍କ ମହାସପ୍ତମୀ ପୂଜା, ୨୯ ତାରିଖ ମହାଷ୍ଟମୀ ପୂଜା ଓ ୩୦ ତାରିଖ ମହାନବମୀ ପୂଜା ହେବ। ଅକ୍ଟୋବର ୧ ତାରିଖ ବୁଧବାର ବିଶ୍ରାମ। ୨ ତାରିଖ ଗୁରୁବାର ଠାକୁରାଣୀଙ୍କ ଦଶହରା ପୂଜା ହେବ। ଆଶ୍ୱିନ ମାସ କୃଷ୍ଣପକ୍ଷ ମୂଳାଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଡ଼ଶଦିନାତ୍ମକ ପୂଜା। ଏହି ଅବସରରେ ମହିଳାଙ୍କୁ ମା'ବିମଳାଙ୍କ ମନ୍ଦିରକୁ ପ୍ରବେଶ ବାରଣ ରହିଥାଏ। ପୂଜା ଆରମ୍ଭରେ ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିବା ପରେ ଭଣ୍ଡାରରୁ ମା'ଦୁର୍ଗାଙ୍କ ସ୍ୱର୍ଣ୍ଣ ପ୍ରତିମା ଆଣି ରତ୍ନ ସିଂହାସନରେ ବିଜେ କରାଯିବ। ମା'ସୁଭଦ୍ରାଙ୍କ ଆଜ୍ଞାମାଳ ମା'ଦୁର୍ଗାଙ୍କୁ ଲାଗି କରାଯିବ। ଦେବୀ ମାଜଣା ମଣ୍ଡପକୁ ବିଜେ ହୋଇ ଠାକୁରାଣୀଙ୍କ କୁମ୍ଭାଭିଷେକ ହେବ। ମାଧବଙ୍କ ପ୍ରତିମୂର୍ତ୍ତିକୁ ବିଜେ କରାଯାଇ ଦୁର୍ଗାଙ୍କ ସହ ରୁନ୍ଧା ହୋଇ ଏକତ୍ର ଇନ୍ଦ୍ର ଆସନରେ ବିଜେ ହେବେ। ପରେ ସୁସଜ୍ଜିତ ବିମାନରେ ଯାଇ ମା'ବିମଳା ଠାକୁରାଣୀଙ୍କ ଜଗମୋହନରେ ବିଜେ ହୋଇ ସ୍ୱତନ୍ତ୍ର ନୀତି ହେବ। ଠାକୁରଙ୍କ ରାତି ଚନ୍ଦନଲାଗି ନୀତି ବଢ଼ିଲେ ଦୁର୍ଗାମାଧବଙ୍କୁ ବିଜେ କରାଇ ଆଣି ଭଣ୍ଡାର ଘରେ ସ୍ଥାପନା କରାଯିବ। ଷୋଳପୂଜାର ନବମ ଦିନରୁ ଦୁର୍ଗାମାଧବଙ୍କୁ ବିମାନରେ ନେଇ ଶ୍ରୀମନ୍ଦିର ସମ୍ମୁଖ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀଙ୍କ ମନ୍ଦିରରେ ବିଜେ କରାଯିବ। ଏହାକୁ ଶାକ୍ତ ତଥା ଗୁପ୍ତ ଗୁଣ୍ଡିଚା ମଧ କୁହାଯାଏ। ମା'ବିମଳାଙ୍କର ମୁଖ୍ୟପୂଜା ଶୁଦ୍ଧ ସାତ୍ତ୍ୱିକ, ମାତ୍ର ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଶ୍ରୀଜଗନ୍ନାଥଙ୍କ ପହୁଡ଼ ପରେ ଦେବୀପୀଠରେ ବଳିକ୍ରିୟା ସମ୍ପାଦିତ ହେବାର ବିଧି ରହିଛି। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ଶ୍ରୀନଅରରେ ସ୍ରୋତୀୟ ବ୍ରାହ୍ମଣମାନେ ବରଣ ହୋଇ ଦେବୀ ପୀଠରେ ପୂଜାର୍ଚ୍ଚନା କରିଆସୁଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଜିଏସ୍‌ଟି ହ୍ରାସ କାର୍ଯ୍ୟକାରିତା ଚିନ୍ତା

# ଅଧିକ ସମୟ ଲୋଡ଼ିଲେ କମ୍ପାନି

ନୂଆଦିଲ୍ଲୀ, ୭।୯: ଚଳିତ ସପ୍ତାହରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ବିଭିନ୍ନ ସାମଗ୍ରୀର ଟିକସ ହ୍ରାସ ଘୋଷଣା କରାଯାଇଛି। ଏସବୁକୁ ଆସନ୍ତା ୨୨ ତାରିଖରୁ କାର୍ଯ୍ୟକାରୀ କରାଯିବ। ଏଭଳି ସ୍ଥିତିରେ ଏଫ୍‌ଏମ୍‌ସିଜି କମ୍ପାନିଗୁଡ଼ିକ ଅଡୁଆରେ ପଡ଼ିଛନ୍ତି। ମାଲ ପରିବହନ ଏବଂ ଲେବଲିଂ ଜନିତ ସମସ୍ୟା ଦେଖାଦେବାକୁ ଥିବାରୁ ସେମାନଙ୍କ ଅଡୁଆ ବଢ଼ିଯାଇଛି। ତେଣୁ ସେମାନେ ଏହା ଜାଣିବାକୁ ଚାହିଁଛନ୍ତି ଯେ ଜିଏସ୍‌ଟି ହ୍ରାସ ବାବଦ ଲାଭକୁ ସେମାନେ ଅଧିକ ଓଜନର ସାମଗ୍ରୀ ପ୍ରଦାନ ଆକାରରେ ଗ୍ରାହକଙ୍କୁ ଦେଇ ପାରିବେ କି ନାହିଁ। ବିଶେଷକରି ଅଧିକ ମାତ୍ରାରେ ବିକ୍ରି ହେଉଥିବା ଛୋଟ ଛୋଟ ପ୍ୟାକେଟ୍ କ୍ଷେତ୍ରରେ ସେମାନେ ଏ ନେଇ ସ୍ପଷ୍ଟତା ଲୋଡ଼ିଛନ୍ତି।

କମ୍ପାନିଗୁଡ଼ିକ ଏ ନଇ ଅର୍ଥ ମନ୍ତ୍ରାଳୟ ଏବଂ ଖାଉଟି ବ୍ୟାପାର ମନ୍ତ୍ରାଳୟ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ସଂଶୋଧିତ ଜିଏସ୍‌ଟି କାର୍ଯ୍ୟକାରୀ



କରିବା ଲାଗି ଅତିକମ୍‌ରେ ୩୦ ଦିନ ସମୟ ଦେବାକୁ ସେମାନେ ମତ ରଖିଛନ୍ତି। ପାଖରେ ଥିବା ସାମଗ୍ରୀର ପ୍ୟାକେଟ୍‌ଗୁଡ଼ିକ ସରିବା ପର୍ଯ୍ୟନ୍ତ ଏହି ସୁବିଧା ସେମାନଙ୍କୁ ଦେବାଲାଗି କୁହାଯାଇଛି। ଏହାଦ୍ୱାରା କୌଣସି ସାମଗ୍ରୀ ନଷ୍ଟ ହେବନାହିଁ କିମ୍ବା ଜିଏସ୍‌ଟିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ହେବନାହିଁ। ପୂର୍ବରୁ ଯେଉଁସବୁ ପ୍ୟାକେଟ୍ ଉପରେ ଦର ଛପାଯାଇଛି ସେଗୁଡ଼ିକ ଶେଷ ହୋଇନାହିଁ। ତେଣୁ ସେଗୁଡ଼ିକୁ ପରିଚାଳନା କରିବା କଷ୍ଟକର ହେବ ବୋଲି ପାର୍ଲେର ଉପସଭାପତି ମୟଙ୍କ ଶାହ କହିଛନ୍ତି। ଏଥିସହ ଦର ହ୍ରାସର ଲାଭ କିଭଳି ଗ୍ରାହକଙ୍କ ନିକଟରେ ପହଞ୍ଚିବ ସେ ନେଇ ମଧ ଆମେ ସ୍ପଷ୍ଟତା ଲୋଡ଼ିଛୁ ବୋଲି ସେ କହିଛନ୍ତି। ନୂଆ ଜିଏସ୍‌ଟି ହାର କାର୍ଯ୍ୟକାରୀ ହେବା ପରେ ବିକ୍ରି ନହୋଇ ରହି ଯାଇଥିବା ସାମଗ୍ରୀକୁ କିଭଳି ପରିଚାଳନା କରାଯିବ ସେ ନେଇ ଡିଷ୍ଟ୍ରିବ୍ୟୁଟରମାନେ କମ୍ପାନିଗୁଡ଼ିକଠାରୁ ମତାମତ ଲୋଡ଼ିଲେଣି। କମ୍ପାନିଗୁଡ଼ିକର କହିବା କଥା ହେଲା ଗୋଦାମ ଏବଂ ଦୋକାନରେ ଥିବା ସାମଗ୍ରୀଗୁଡ଼ିକ ବର୍ତ୍ତମାନର ଜିଏସ୍‌ଟି ହାର ଅନୁଯାୟୀ ହିସାବ ହୋଇଛି। ସେଗୁଡ଼ିକୁ ପ୍ରତ୍ୟାହାର କରିବା ଲାଗି ସମୟ ଲାଗିବ। ଅନେକ କମ୍ପାନି ପାର୍ବଣକୁ ଦୃଷ୍ଟିରେ ରଖି ଅଧିକ ସାମଗ୍ରୀ ଉତ୍ପାଦନ ଓ ପ୍ୟାକେଜିଂ କରି ପୂର୍ବରୁ ରଖି ସାରିଛନ୍ତି।

ଅଧିକ ବିକ୍ରି ହେଉଥିବା ପ୍ୟାକ୍‌ଗୁଡ଼ିକର ଦର ସମାନ ରଖି ଗ୍ରାହକଙ୍କୁ ଅଧିକ ପରିମାଣର ସାମଗ୍ରୀ ଦେବା କିମ୍ବା ପ୍ରିଣ୍ଟ୍ ହୋଇଥିବା ପ୍ୟାକେଟ୍‌ଗୁଡ଼ିକୁ ବିକ୍ରି କରି ଗ୍ରାହକଙ୍କୁ ଟିକସ ହ୍ରାସ ଜନିତ ଲାଭ ଡିସକାଉଣ୍ଟ ଆକାରରେ ଦେବାଲାଗି ସେମାନେ ମତବ୍ୟକ୍ତ କରିଛନ୍ତି। ଏଥିସହିତ ସମାନ ଏଚ୍‌ଏସ୍‌ଏନ୍ କୋଡ୍ ଥିବା କେତେକ ସାମଗ୍ରୀ ଉପରେ ମଧ କମ୍ପାନିଗୁଡ଼ିକ ସ୍ପଷ୍ଟତା ମାଗିଛନ୍ତି।

ଅନେକ କମ୍ପାନି ୧୦ ଟଙ୍କିଆ ଏବଂ ୨୦ ଟଙ୍କିଆ ଭଳି ଲୋକପ୍ରିୟ ପ୍ୟାକେଟ୍‌ର ମୂଲ୍ୟରେ ପରିବର୍ତ୍ତନ ନଆଣି ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସର ଲାଭ ଅଧିକ ଓଜନର ସାମଗ୍ରୀ ଆକାରରେ ମଧ ପ୍ରଦାନ କରିପାରନ୍ତି। ୨୦୧୭ ମସିହାରେ ଦେଶରେ ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ଗ୍ରାହକଙ୍କୁ ଏବାବଦ ଲାଭ ପ୍ରଦାନ କରି ନଥିବାରୁ କେତେକ କମ୍ପାନି ଅଡୁଆରେ ପଡ଼ିଥିଲେ। ସେମାନଙ୍କୁ ଟିକସ ନୋଟିସ୍ ଦିଆଯାଇଥିଲା। ଦେଶବ୍ୟାପୀ ଖୁଚୁରା ବିକ୍ରେତାମାନଙ୍କ ନିକଟରେ କିଭଳି ଶୀଘ୍ର ସଂଶୋଧିତ ଜିଏସ୍‌ଟି ହାରରେ ସାମଗ୍ରୀ ପହଞ୍ଚିବ ତାହା ଉପରେ କାର୍ଯ୍ୟ ଚାଲିଛି ବୋଲି ଚକଲେଟ୍ କମ୍ପାନି ମାର୍ସ ରିଗଲେ ଇଣ୍ଡିଆର ସାଧାରଣ ପରିଚାଳକ ଅହମଦ ଅବଦିଲ ୱାହବ କହିଛନ୍ତି।

## କାର୍ ଦାମ୍ କମିଲା



ନୂଆଦିଲ୍ଲୀ, ୭।୯: ଜିଏସ୍‌ଟି ହ୍ରାସ ଘୋଷଣା ପରେ ଏକାଧିକ କାର୍ ନିର୍ମାତା ଗାଡ଼ି ମୂଲ୍ୟ କମାଇବା ନେଇ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରେ ଟାଟା, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ରେନୋ, ଟୟୋଟା ଆଦି ରହିଛନ୍ତି। ଟାଟା ମୋଟର୍ସ ଶୁକ୍ରବାର ଏ ନେଇ ଘୋଷଣା କରିଥିଲା। ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସର ଲାଭ ଦେବା ପାଇଁ ପାସେଞ୍ଜର ଯାନ ୧.୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହେବ ବୋଲି ଟାଟା ମୋଟର୍ସ କହିଥିଲା। ଏକ ରିପୋର୍ଟ ଅନୁଯାୟୀ, ଟାଟା ଟିଆଗୋ ଦାମ୍ ୭୫ ହଜାର ଟଙ୍କା ଶସ୍ତା ହେବ। ସେହିଭଳି ଟାଟା ଟିଗୋର ଦାମ୍ ୮୦ ହଜାର ଟଙ୍କା, ଅଲଟ୍ରୋଜ୍ ଦାମ୍ ୧.୧୦ ଲକ୍ଷ ଟଙ୍କା, ପଞ୍ଚ୍ ଦାମ୍ ୮୫ ହଜାର ଟଙ୍କା, ନେକ୍ସନ ଦାମ୍ ୧.୫୫ ଲକ୍ଷ ଟଙ୍କା, କର୍ଭ ଦାମ୍ ୬୫ ହଜାର ଟଙ୍କା, ହାରିୟର ଦାମ୍ ୧.୪ ଲକ୍ଷ ଟଙ୍କା ଏବଂ ସଫାରି ଦାମ୍ ୧.୪୫ ଲକ୍ଷ ଟଙ୍କା କମିବ। ଦିଲ୍ଲୀରେ ଗାଡ଼ିଗୁଡ଼ିକର ଏକ୍ସସୋରୁମ୍ ମୂଲ୍ୟ ଅନୁସାରେ ଏହି ହ୍ରାସ ହେବ ବୋଲି କୁହାଯାଇଛି। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଏହାର ପାସେଞ୍ଜର ଯାନ ମୂଲ୍ୟରେ ୧.୫୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘୋଷଣା କରିଛି। ଏହାକୁ ତତ୍କାଳ ଲାଗୁ କରାଯାଇଛି। କମ୍ପାନି ବୋଲେରୋ, ନୂଆ ରେଞ୍ଜ ମୂଲ୍ୟ ୧.୨୭ ଲକ୍ଷ ଟଙ୍କା, ଏକ୍ସୟୁଭି୩ଏକ୍ସଓ(ପେଟ୍ରୋଲ) ମୂଲ୍ୟ ୧.୪ ଲକ୍ଷ, ଏକ୍ସୟୁଭି୩ଏକ୍ସଓ(ଡିଜେଲ) ମୂଲ୍ୟ ୧.୫୬ ଲକ୍ଷ ଟଙ୍କା ଥର୍ ୨ଡବ୍ଲୁଡି(ଡିଜେଲ) ମୂଲ୍ୟ ୧.୩୫ ଲକ୍ଷ, ଥର୍ ୪ଡବ୍ଲୁଡି(ଡିଜେଲ୍) ମୂଲ୍ୟ ୧.୦୧ ଲକ୍ଷ ଏବଂ ସ୍କର୍ପିଓ କ୍ଲାସିକ ମୂଲ୍ୟ ୧.୦୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘୋଷଣା କରିଛି। ଏହାବ୍ୟତୀତ ଅନ୍ୟାନ୍ୟ ଯାନ ମୂଲ୍ୟ ମଧ କମ୍ପାନି କମାଇଛି। ଟୟୋଟା କିର୍ଲୋସ୍କର ମୋଟର କମ୍ପାନି ଏହାର ବିଭିନ୍ନ ମଡେଲ ଗାଡ଼ି ମୂଲ୍ୟ କମାଇବା ନେଇ ଘୋଷଣା କରିଛି। ଏକ ରିପୋର୍ଟ ଅନୁଯାୟୀ, ଟୟୋଟା ଫର୍ଚୁନର ଦାମ୍ ସର୍ବାଧିକ ୩.୪୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମିବ। ରେନୋ ଇଣ୍ଡିଆ ଏହାର ବିଭିନ୍ନ ମଡେଲ କାର୍ ଉପରେ ୯୬,୩୯୫ ଟଙ୍କା ପର୍ଯ୍ୟନ୍ତ ଦାମ କମାଇବ। ଆସନ୍ତା ୨୨ ତାରିଖରୁ ଡେଲିଭରି ନିଆଯିବାକୁ ଥିବା କାର୍ ଉପରେ ଏହି ଦାମ୍ କମିବ। କ୍ୱିଡ୍ ଦାମ ୫୫,୦୯୫ ଟଙ୍କା ପର୍ଯ୍ୟନ୍ତ, ଟାଇବର୍ ୮୦,୧୯୫ ଟଙ୍କା ଏବଂ କାଇଗର୍ ୯୬,୩୯୫ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇବ। ତେବେ ଦେଶର ସର୍ବବୃହତ୍ କାର୍ ନିର୍ମାତା ମାରୁତି ସୁଜୁକିର ଅଧ୍ୟକ୍ଷ ଆର୍‌ସି ଭାର୍ଗବ ମଧ ଆଗାମୀ ଦିନରେ ଦର ହ୍ରାସ ନେଇ ଆଭାସ ଦେଇଛନ୍ତି। ମାରୁତିର ଅଲ୍ଟୋ ଦାମ ୪୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ, ୱାଗନଆର୍ ୬୦ରୁ ୬୭ ହଜାର ଟଙ୍କା ପର୍ଯ୍ୟନ୍ତ କମିପାରେ ବୋଲି ଆଶା କରାଯାଉଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୮,୪୯୦ ଓ ୯୯ ହଜାର ୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୮,୦୦୦ ଟଙ୍କା ହୋଇଛି।

## ରେନୋର ନୂଆ 'କାଇଗର୍'

ଭୁବନେଶ୍ୱର, ୭।୯: ରେନୋ ଇଣ୍ଡିଆ ପକ୍ଷରୁ ଆଜି ବଜାରରେ ନୂଆ କାଇଗର୍ କାର୍‌ର ଉନ୍ମୋଚନ କରାଯାଇଛି। ରେନୋ ଭୁବନେଶ୍ୱରରେ ନୂଆ କାର୍‌କୁ ସୋରୁମ୍‌ର ଏମ୍‌ଡି ସତୀଶ ଗର୍ଗ, ୟୁନିୟନ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବାରିକ, ଚିଫ୍ ମ୍ୟାନେଜର(ରିଟେଲ ଲୋନ୍) ଅମିତ ବର୍ମା, ଟିପିସିଓଡିଏଲର ଆଡମିନ ମ୍ୟାନେଜର ବିକାଶ କୁମାର ସରକାର ଏବଂ ସୋରୁମ୍‌ର ଜେନେରାଲ ମ୍ୟାନେଜର ଅମୂଲ୍ୟ ରତ୍ନ ଦାସ ଉନ୍ମୋଚନ କରିଛନ୍ତି। ନୂଆ କାର୍‌ରେ କମ୍ପାନି ୩୫ରୁ ଅଧିକ ନୂଆ ସୁବିଧା ସୁଯୋଗ ପ୍ରଦାନ କରିଛି। ଗାଡ଼ିର ଭିତର, ବାହାର ସମେତ ପ୍ରଯୁକ୍ତିରେ ଅନେକ ଉନ୍ନତି ଅଣାଯାଇଛି। ଦୁଇଟି ଭାରିଆଣ୍ଟରେ ଆସିଥିବା ଏହି କାର୍‌ର ଏକ୍ସସୋରୁମ ଦାମ୍ ୬ ଲକ୍ଷ ୨୯ ହଜାର ଟଙ୍କାରୁ ଆରମ୍ଭ ହୋଇଥିବାବେଳେ




କମ୍ପାନି ଆଜିଠାରୁ ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସଜନିତ ଲାଭ ପ୍ରଦାନ କରିବା ଆରମ୍ଭ କରିଛି। ଏଥିଯୋଗୁ ଏହି କାର୍‌ର ଏକ୍ସସୋରୁମ ମୂଲ୍ୟ ୫ ଲକ୍ଷ ୭୬ ହଜାର ଟଙ୍କାରୁ ଆରମ୍ଭ ହୋଇଛି। ଗ୍ରାହକଙ୍କ ମଧ୍ୟରେ ଏହି କାର୍‌ର ଆଦୃତି ଭଲ ରହିବ ବୋଲି ଆଶା ରଖାଯାଇଛି। ଏଥିସହିତ ରେନୋ ଏହାର ବିଭିନ୍ନ ମଡେଲ କାର୍‌ରେ ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସଜନିତ ଲାଭ ଘୋଷଣା କରିଛି। ଟପ୍ ଏଣ୍ଡ୍ ଗାଡ଼ିରେ କମ୍ପାନି ପ୍ରାୟ ୯୬ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ପ୍ରଦାନ କରିଛି।

## ହୋଣ୍ଡା ସିବି୧୨୫ ହର୍ନେଟ୍ ଓ ସାଇନ୍ ୧୦୦ ଡିଏକ୍ସର ବଜାର ପ୍ରବେଶ



**ଭୁବନେଶ୍ୱର, ୭।୯:** ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନୂଆ ସିବି ୧୨୫ ହର୍ନେଟ୍ ଏବଂ ସାଇନ ୧୦୦ ଡିଏକ୍ସର ବଜାରପ୍ରବେଶ କରାଯାଇଛି। ଉଭୟ ଭୁବନେଶ୍ୱର ଏବଂ କଟକରେ ନୂଆ ବାଇକ୍ ଦୁଇଟିକୁ ଧୁମ୍‌ଧାମ୍‌ରେ ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରଠାରେ ନୂଆ ବାଇକ୍ ଦ୍ୱୟର ଉନ୍ମୋଚନ ଉତ୍ସବରେ କମ୍ପାନିର ଆଞ୍ଚଳିକ ପ୍ରବନ୍ଧକ ସଚିନ ପାୱାର, ଜୋନାଲ ମ୍ୟାନେଜର ରାଜେଶ ଚୌଧୁରୀ, ଜୋନାଲ ସର୍ଭିସ ମ୍ୟାନେଜର ପ୍ରତାପ ସିଂହ, ଗୁଗ୍‌ନାନି ହୋଣ୍ଡାର ରାଜନ ଗୁଗ୍‌ନାନି ଏବଂ ଶିବମ୍ ହୋଣ୍ଡାର ବଦ୍ରି ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅଲ୍-ନ୍ୟୁ ହୋଣ୍ଡା ସିବି ୧୨୫ ହର୍ନେଟ୍‌ର ଏକ୍ସସୋରୁମ୍ ମୂଲ୍ୟ ୧ ଲକ୍ଷ ୧୨ ହଜାର ଟଙ୍କା ରହିଥିବାବେଳେ ସାଇନ୍ ୧୦୦ ଡିଏକ୍ସର ମୂଲ୍ୟ ୭୬,୮୦୯ ଟଙ୍କା ରହିଛି। ନୂଆ ପିଢ଼ିର ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ଦେଖି ଏହି ଗାଡ଼ି ପ୍ରସ୍ତୁତ କରାଯାଇଛି। ସିବି ୧୨୫ ହର୍ନେଟ୍‌ରେ ଅନେକ ନୂଆ ବୈଶିଷ୍ଟ୍ୟ ରହିଛି। ଏହା ଷ୍ଟ୍ରିଟ୍ ଷ୍ଟାଇଲ୍ ଡିଜାଇନରେ ନିର୍ମିତ ହୋଇଛି। ୪ଟି ଆକର୍ଷଣୀୟ ରଙ୍ଗରେ ଆସିଥିବା ଏହି ବାଇକରେ ଗୋଲଡେନ ୟୁଏସଡି ସମ୍ମୁଖ ଫର୍ମ, ଅଲ୍-ଏଲଇଡି ଲାଇଟିଂ ବ୍ୟବସ୍ଥା ଏବଂ ପ୍ରତିବନ୍ଧକ ଶୂନ୍ୟ ଦିଗ ନିର୍ଣ୍ଣୟ, କଲ୍ ଓ ଏସ୍‌ଏମ୍‌ଏସ୍ ଆଲର୍ଟ ନିମନ୍ତେ ବ୍ଲୁଟୁଥ୍ ହୋଣ୍ଡା ରୋଡ୍‌ସିଙ୍କ ସହିତ ୪.୨ ଇଞ୍ଚର ଟିଏଫ୍‌ଟି ଡିସପ୍ଲେ ରହିଛି। ୫.୪ ସେକେଣ୍ଡରେ ଏହାର ବେଗ ଶୂନରୁ ୫୦ କିମିରେ ପହଞ୍ଚି ପାରୁଛି। ସେହିଭଳି ହୋଣ୍ଡା ସାଇନ ୧୦୦ ଡିଏକ୍ସରେ ମଧ୍ୟ ଅନେକ ନୂଆ ବୈଶିଷ୍ଟ୍ୟ ରହିଛି। ଏହା ମଧ୍ୟ ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ କରାଯାଇଛି।

## ସହଯୋଗୀ ଦେଶଗୁଡ଼ିକୁ ଶୁଳ୍କ ରିହାତି ଦେଲେ ଟ୍ରମ୍ପ

ୱାସିଂଟନ, ୭।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନୂଆ ନିର୍ଦ୍ଦେଶନାମାରେ ଆଜି ଦସ୍ତଖତ କରିଛନ୍ତି। ଏଥିରେ ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ପାଇଁ ଶୁଳ୍କ ରିହାତି ଘୋଷଣା କରାଯାଇଛି। ଆସନ୍ତା ୮ ତାରିଖରୁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯିବ। ଫଳରେ ଆମେରିକାକୁ ଆମଦାନି ହେଉଥିବା ଅନେକ ସାମଗ୍ରୀ ଉପରୁ ପାଲଟା ଶୁଳ୍କ ହଟିବ ବୋଲି ଶନିବାର ହ୍ୱାଇଟ୍ ହାଉସ୍ କହିଛି। ଆମେରିକା ସହିତ ଯେଉଁସବୁ ଦେଶର ବିଭିନ୍ନ ଶିଳ୍ପ ସାମଗ୍ରୀ ଯଥା ନିକେଲ, ସୁନା ଏବଂ ଅନ୍ୟାନ୍ୟ ଧାତବ ସାମଗ୍ରୀ, ଔଷଧ ସାମଗ୍ରୀ ଓ କେମିକାଲ ନେଇ ରାଜିନାମା ଅଛି ସେମାନଙ୍କୁ ଏହି ରିହାତି ମିଳିବ। ୪୫ ପ୍ରକାରରୁ ଅଧିକ ବର୍ଗର ସାମଗ୍ରୀ ଉପରେ ଆମଦାନି ଶୁଳ୍କ ଶୂନ ହୋଇଯିବ। ତେବେ ଏଥିପାଇଁ ଆମେରିକା ସହିତ ରାଜିନାମା ବାଧ୍ୟତାମୂଳକ ରହିଛି। ଯେଉଁସବୁ ସାମଗ୍ରୀ ଆମେରିକାରେ ପ୍ରାକୃତିକ ଉପାୟରେ ଉତ୍ପାଦନ, ଖନନ ଆଦି ହୋଇପାରିବ ନାହିଁ ଏବଂ ଯେଉଁସବୁ ସାମଗ୍ରୀର ଅଭାବ ଘରୋଇ ଉତ୍ପାଦନ କ୍ଷେତ୍ରରେ ରହିଛି ସେଗୁଡ଼ିକୁ ଏହି ତାଲିକାରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଟ୍ରମ୍ପ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇ ଆସିଥିବାବେଳେ ପ୍ରଥମ ଥର ପାଇଁ ଏଭଳି ଘୋଷଣା କରିଛନ୍ତି। ଟ୍ରମ୍ପ ଜାତୀୟ ସୁରକ୍ଷା ଆଇନର ଧାରା ୨୩୨ ଅନୁସାରେ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇଛନ୍ତି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଓଡ଼ିଆ ବ୍ୟାକିଂ ଆଣ୍ଡ ଫାଇନ୍‌ସିଆଲ କ୍ଲବର ବନ୍ଧୁ ମିଳନ

### କ୍ଲବ୍ ମଧ୍ୟରେ ଓଡ଼ିଆ ସଂସ୍କୃତିକୁ ବିକଶିତ କରିବା

କୋଲକାତା, ୭।୯(ସଂଚାର ବ୍ୟୁରୋ): କୋଲକାତାର ଖିଦିରପୁର ସ୍ଥିତ ଜଗନ୍ନାଥ ମନ୍ଦିର ଉତ୍କଳା ପ୍ରେକ୍ଷାଳୟରେ ଓଡ଼ିଆ ବ୍ୟାକିଂ ଆଣ୍ଡ ଫାଇନସିଆଲ କ୍ଲବର ବଂଧୁ ମିଳନ ଓ ନୂତନ ସଦସ୍ୟ ପରିଚିତ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଉପଦେଷ୍ଟା ଚେୟାରମ୍ୟାନ ଲୋକନାଥ ସାହୁ ଯୋଗଦେଇ କହିଲେ ବ୍ୟାକିଂ ସେକ୍ଟରରେ କର୍ମରତ ଓଡ଼ିଆ ମାନଙ୍କର ଏହି କ୍ଲବ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରାକୁ ଉଦ୍‌ଜୀବିତ କରିଛି। କ୍ଲବ ସଭାପତି ଡଃ କିଶୋର ବେହେରା ଅଧ୍ୟକ୍ଷତା କରି କହିଲେ ନୂତନ ସଦସ୍ୟମାନେ କ୍ଲବକୁ ସଂଗଠିତ କରି ଜାତି, ଭାଷା ଲାଗି କାମ କରିବା। କ୍ଲବର ସାଧାରଣ ସଂପାଦକ ପୁଷ୍କର ତରାଇ କହିଲେ କୋଭିଡ ପରି ମହାମାରି ହେଉ, ଓଡିଆ ଶିକ୍ଷାର ବିକାଶ, ବୃକ୍ଷରୋପଣ ନାନା ସାମାଜିକ କାର୍ଯ୍ୟରେ କ୍ଲବର ଅବଦାନ ଅନନ୍ୟ। ଏଲ୍‌ଆଇସି ହାଉସିଂ ଫାଇନାନ୍ସର ରମଣି ରଞ୍ଜନ ମିଶ୍ର ଯୋଗଦେଇ କହିଲେ ପେଶାଗତ କାର୍ଯ୍ୟରେ




ଆମେ ପରସ୍ପରକୁ ଆପଦ ବିପଦରେ ସାହାଯ୍ୟର ହାତ ବଢ଼ାଇବା । ରବିବାର ସକାଳେ ମହାପ୍ରଭୁଙ୍କ ଦର୍ଶନ ପରେ କ୍ଲବର ସଭାପତି ଡକ୍ଟର କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା, ଯିଏ ସମସ୍ତ ସଦସ୍ୟ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ପୁଷ୍କର ତରାଇ ଖିଦରପୁର ଓଡ଼ିଆ ହାଇସ୍କୁଲର ମହାପ୍ରବନ୍ଧକ ଏବଂ ମୁଖ୍ୟ ପରାମର୍ଶଦାତା ଲୋକନାଥ ସାହୁଙ୍କ ନେତୃତ୍ୱରେ ୟୁନିଅନ୍ ବ୍ୟାଙ୍କ ଦ୍ୱାରା କରାଯାଇଥିବା ସିଏସ୍‌ଆର କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ, ଟୋପି ଏବଂ ନୋଟବୁକ୍ ପ୍ରଦାନ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ଏକ ବସ୍ ମାଧ୍ୟମରେ ଆରବିଆଇ ସଂଗ୍ରହାଳୟ ଏବଂ ବିଜ୍ଞାନ ନଗରୀ ପରିଦର୍ଶନ କରାଇଥିଲେ। ଲୋକନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ସ୍ୱେଚ୍ଛାକୃତ ଭାବରେ ସମାଜର ଅଭାବୀ ଲୋକଙ୍କ ପାଇଁ ଦରମା କିମ୍ବା ପେନସନରୁ ୧୦-୨୦% ଯୋଗଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଏସ୍ ମିଶ୍ର, ଜିଏମ୍, ପିଏନ୍‌ବି ଯେଉଁମାନେ ବର୍ତ୍ତମାନ ଯୋଗ ଦେଇଛନ୍ତି, ସମସ୍ତଙ୍କ ସହିତ ରହିବା ପାଇଁ ଖୁସି ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ ଓଡ଼ିଆ ଅଧିକାରୀମାନେ ବହୁତ କଠିନ, କର୍ମଠ ଏବଂ ବୁଦ୍ଧିମାନ କିନ୍ତୁ ସେମାନଙ୍କର ପ୍ରାପ୍ୟ ଅଂଶ ପାଉ ନାହାଁନ୍ତି। ସଂଘ କାର୍ଯ୍ୟର ବିକାଶରେ ଆମର ଯୁଗ୍ମ ସଚିବ ଶ୍ରୀ ଅଜୟ ମିଶ୍ର, ଆଇଡିଏଫ୍‌ସି ବ୍ୟାଙ୍କ, ଶ୍ରୀ ଲିପନ ରାମ, ୟୁନିଅନ ବ୍ୟାଙ୍କର କୋଷାଧ୍ୟକ୍ଷଙ୍କ ପ୍ରୟାସକୁ ବହୁତ ପ୍ରଶଂସା ଏବଂ ସ୍ୱୀକୃତି ଦିଆଯାଇଥିଲା। ସୁଶ୍ରୀ ସସ୍ମିତା ମିଶ୍ର, ଶୁଭଶ୍ରୀ ବାରିକ, ବନୀଲତା ମହାପାତ୍ର, ରଶ୍ମିତା ଦାସ ସାମିଲ ହେବା ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶ୍ରୀ ଅଜୟ ମିଶ୍ର ଏବଂ ଲିପନ ରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଆଇଏସ୍ ଗ୍ରୁପ୍‌ର କାଉନ୍‌ସେଲିଂ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ) : ଜେଆଇଏସ୍ ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱରରେ ଏକ କାଉନସେଲିଂ ଏବଂ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ୨୦୨୫ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କୁ କ୍ୟାରିୟର ସଂପର୍କରେ ପରାମର୍ଶ ଦିଆଯିବା ସହ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକମରେ ଜେଆଇଏସ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସର୍ଦ୍ଦାର ତରନଜିତ ସିଂହ ଯୋଗଦେଇ କହିଥିଲେ ଯେ ଆମେ ପ୍ରଗତିର ଭିତ୍ତିଭୂମି ଶିକ୍ଷା ବୋଲି ଆମେ ବିଶ୍ୱାସ କରୁ। ଏଥିରେ ଶିକ୍ଷକମାନେ ହେଉଛନ୍ତି ଏକ ଦୃଢ଼ ସ୍ତମ୍ଭ। କେବଳ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ନୁହେଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇବା ମଧ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଥିଲେ।



## ବଂଶୀ ଗୀତ

**ଡ. ଶୁଭେନ୍ଦୁ ମେହେର**

ହଠାତ୍ କେବେକେବେ
ପଥର ଦେହରେ କଦମ୍ବ ଫୁଟେ,
ଡହ ଡହ ତାତି ବି'
ସୁରିଲା ସୁରିଲା ଲାଗେ
ସେ' ବଂଶୀ ଦେହରେ ସୁର ଭରିଲେ।

ତା' ବଂଶୀରେ ସମ୍ମୋହନ ଥାଏ
ବଶୀକରଣ ଥାଏ,
ଆଉ ଐଶ୍ୱରୀୟ କମ୍ପନ ବି !

ତା' ବଂଶୀ ବାଜିଲେ......
ପାଣି ପାଷାଣ ହୁଏ,
ଯମୁନା ଉଜାଣି ବହେ,
ଶୁଷ୍କ ତରୁ ପଲ୍ଲବୀ ଉଠେ,
ପବନ ଅଟକି ଯାଏ ।
ପକ୍ଷୀମାନଙ୍କ ଡେଣା ଓଦା ହୁଏ,
ପଶୁମାନଙ୍କ ଆବେଗ ନୀରବି ଯାଏ !

ତା' ବଂଶୀର ରନ୍ଧ୍ରରେ
ବିଭୋର୍ ପଣ ଥାଏ ବୋଲି
ହୃଦୟ ଓ ମନ ଲଟ୍‌କି ଯାଏ ।
ସେଇଥିପାଇଁ ତ,
ସେ' କ୍ଷେତ୍ରସାରା ବ୍ରଜବାଳୀଙ୍କ
ଜୀବନ ସଙ୍ଗୀତ ଗାଏ।

ସେ' ଏବେ ସୁପ୍ତ ନୁହେଁ ଗୁମ୍ଫା ଭିତରେ,
ଗୋପରୁ ମଥୁରା,
ଯମୁନା ଠାରୁ ପୁତନା
ବେଦକନ୍ୟା ଠାରୁ ଦେବକନ୍ୟା
ଯାଏ ସବୁଠି ସେ' ବିଚରଣ କରେ।

ପାଦରେ ହଳେ କଠଉ
ବେକରେ ବାଘନଖି ମାଳି,
ହାତରେ ନଅ ପଗିଆ ବାଉଁଶ ବାଡ଼ି
ମୁଣ୍ଡେ ତା'ର ମୟୁର ଚୂଳି ।

ସେ' ନିଇତି ଗାଈ ଫିଟାଏ
ଗୋପାଳି ଗାଁ ରୁ !
ସାତ୍‌ବହନି ପୀଠରେ ବଇଁଶୀ
ଫୁଙ୍କେ
ଚରାଏ ପାବ୍‌ଲି ସାରା
ଥକ୍କା ମାରେ ମେଘନାଦ ଗାଁରେ,
ଗାଈମାନଙ୍କୁ ପାଣି ପିଆଏ
ଗୋଘାଟ ପୋଖରୀ ତୁଠରେ।

ତୁମେ ଶୁଣିନ କି !
ଶୁଣିବ ଯଦି.....

ତୁମ ନିତ୍ୟ ଚେତନାର ପ୍ରେମରେ
ଆତ୍ମା ଦେଇ
ରାସେଶ୍ୱରୀ ରାଧା ସାଜି
କୁଞ୍ଜ ସାରା ଖୋଜ,
ନଚେତ୍ କୃଷ୍ଣା ଭଳି
ନିଷ୍କଳଙ୍କ ସଫେଦ୍ ମନନେଇ
ନିଜକୁ ସଅଁପି ଦିଅ
ଅବଶ୍ୟ ପାଇବ ସେ' ପଦରଜ ।।

ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪



## ଗୁରୁ ଦକ୍ଷିଣା

**ପୁଷ୍ପଲତା ମିଶ୍ର**





ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ମାଷ୍ଟ୍ରେ ଥିଲେ ସୁଶିକ୍ଷକ, ସୁବକ୍ତା, ସ୍ନେହ ବାତ୍ସଲ ନିତି ନିୟମରେ ବନ୍ଧା ଗୋଟିଏ ସରଳ ମଣିଷ। ଦୀନବନ୍ଧୁ ବରାଳ ଜଣେ ନ୍ୟାୟ ବନ୍ତ ପୁରୁଷ ବିଦ୍ୟାଳୟ ବ୍ୟତୀତ ଘରେ ମଧ ବିନା ଦକ୍ଷିଣାରେ ଶିକ୍ଷା ଦିଅନ୍ତି ଏହି କୋମଳ ମତି ଶିଶୁମାନଙ୍କୁ ଘରେ ଶିକ୍ଷା ଦେବାରେ ସେ ଯେତିକି ପାରଙ୍ଗମ ତାଠାରୁ ତାଙ୍କର ସ୍ତ୍ରୀ ସୁଲୋଚନା ଦେବୀ ମଧ ପିଲାମାନଙ୍କୁ ବହୁତ ସ୍ନେହ ଆଦର କରି ନିଜ ପୁଅ ସହିତ ସମସ୍ତ ଶିଶୁମାନଙ୍କୁ ନିଜ ହାତ ରେ କୋଳରେ ବସେଇ ଖୁଆଇ ଦିଅନ୍ତି।

ଦୀନବନ୍ଧୁ ମାଷ୍ଟ୍ରେ ଯିବା ବାଟରେ ଦେଖନ୍ତି କିଛି ପିଲା ସ୍କୁଲ ହତା ବାହାରେ ଖେଳୁଛନ୍ତି କିନ୍ତୁ ତା ଭିତରୁ ଗୋଟିଏ ପିଲା ନ ଖେଳି ସ୍କୁଲ ପରିସରକୁ ଏକ ଲୟ ରେ ଚାହିଁ ରହିଛି। ଦିନେ ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲାମାନଙ୍କୁ ଡାକିଲେ ସବୁ ପିଲା ଦଉଡ଼ି ପଳାଇ ଗଲେ କିନ୍ତୁ ସେ ପିଲାଟି ନିର୍ଭୀକ ଭାବରେ ଠିଆ ହୋଇଥିଲା। ଦୀନବନ୍ଧୁ ମାଷ୍ଟ୍ରେ ସେ ପିଲା ପାଖକୁ ଯାଇ କହିଲେ, ତୁ ସ୍କୁଲକୁ ଆସୁନୁ ତୋର କଣ ପାଠ ପଢିବାକୁ ଇଛା ନାହିଁ ? ଦେଖ ତ ତୋ ପରି କୁନି କୁନି ପିଲା କେମିତି ପାଠ ପଢୁଛନ୍ତି ? ପିଲାଟି କହିଲା ସାର୍ ଆମେ ବହୁତ ଗରିବ, ବାପା ମୂଲ ଲାଗି ଯେତିକି ପାରିଶ୍ରମିକ ଆଣେ ସେତକ ଆମ ପରିବାରକୁ ନିଅଣ୍ଟ ପାଠ କେମିତି ପଢିବି ? ମାଷ୍ଟ୍ରେ କହିଲେ, ତୁ ସେଥିପାଇଁ ଚିନ୍ତା କରିବ ଦରକାର ନାହିଁ, କାଲି ମୁଁ ତୋ ବାପା ସହ କଥା ହେବି, ତୁ କାଲିଠାରୁ ସ୍କୁଲ ଆସିବୁ। ସେଦିନ ସନ୍ଧ୍ୟାରେ ମାଷ୍ଟ୍ରେ ଯାଇଥିଲେ ଶୁଭକାନ୍ତ ଘରକୁ। ତାର ବାପା ମୁରଲୀ ପ୍ରଧାନଙ୍କୁ ଦେଖାକରି ଶୁଭକାନ୍ତ ସ୍କୁଲ ଯିବା ପାଇଁ ବ୍ୟବସ୍ଥା କଲେ, ପ୍ରଥମେ ଶୁଭର ବାପା ରାଜି ନଥିଲେ, ଯିଏ ଓଳିଏ ଖାଇଲେ ଆର ଓଳି ଉପାସ ରହିବାକୁ ପଡୁଛି, ବହିପତ୍ର ପୋଷାକ କୋଉଠୁ ଯୋଗାଇବି ? ଦୀନବନ୍ଧୁ ମାଷ୍ଟ୍ରେ ନଛୋଡବନ୍ଧା କହିଲେ ମୁରଲୀ ତୁ ସେ ପାଇଁ ବିବ୍ରତ ହେବା ଦରକାର ନାହିଁ, ସେ କଥା ମୁଁ ବୁଝିବି। ' ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ଶୁଭକାନ୍ତ ଶ୍ରେଣୀରେ ଭଲ ପଢିଲା, ସବୁ ପିଲାଙ୍କୁ ପଛରେ ପକାଇ ଉଚ୍ଚ ମାଧମିକ ପରୀକ୍ଷାରେ ଓଡ଼ିଶାରୁ ସର୍ବ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲା ଶୁଭକାନ୍ତ ! ଓଡ଼ିଶା ସରକାରଙ୍କଠାରୁ ବୃତ୍ତି ପାଇ ଶୁଭକାନ୍ତ ଯାଏ ଭୁବନେଶ୍ୱର ଉଚ୍ଚ ଶିକ୍ଷା ଗ୍ରହଣ ନିମନ୍ତେ।

ଦୀନବନ୍ଧୁ ମାଷ୍ଟ୍ରେଙ୍କ ଜୀବନରେ ଘୋଟି ଆସିଲା କଳା ବାଦଲ ଏକମାତ୍ର ପୁତ୍ର ଉଚ୍ଚଶିକ୍ଷା ପାଇଁ ବାଙ୍ଗାଲୋରରେ ସଫ୍ଟୱେରରେ ଇଞ୍ଜିନିୟର ଭାବେ କାମ କରି ସେହିଠାରେ ନିଜ ଇଚ୍ଛାରେ ଗୋଟିଏ ଅଲଗା ଜାତିର ଝିଅକୁ ବିବାହ କରି ରହିଗଲା। ପୁଅକୁ କରଜ କରି ପାଠ ପଢେଇ ଥିବା ଦୀନବନ୍ଧୁ ମାଷ୍ଟ୍ରେ କରଜ ଶୁଝି ପାରିଲେ ନାହିଁ ଏଣେ ପେନସନ ହୋଇ ପାରୁନି। ପେନସନ ଅଫିସକୁ ଦଉଡ଼ି ଦଉଡ଼ି ହାଲିଆ ହୋଇ ପଡ଼ିଲେଣି ଦୀନବନ୍ଧୁ ମାଷ୍ଟ୍ରେ। ଶେଷରେ ମାଷ୍ଟ୍ରେ ପୂର୍ବ ପୁରୁଷ ଭିଟା ମାଟି ବିକି କରଜ ଶୁଝି ଭୁବନେଶ୍ୱର ପଳେଇ ଆସି ଏକ ବସ୍ତିରେ ରହି ଦିନରେ ମୂଲିଆ କାମ ରାତିରେ ବସ୍ତିର କୁନି କୁନି ପିଲାମାନଙ୍କୁ ପାଠ ପଢ଼ାଇ ଯେନ ତେନ ପ୍ରକାରରେ ଦିନ ସରି ଯାଏ ମାଷ୍ଟ୍ରେଙ୍କର ' ସୁନା ମାଟିରେ ମିଶିଲେ ବି ସେ ସୁନା ଉଜ୍ଜ୍ୱଳ ଦିଶିବ।

ଦୀନବନ୍ଧୁ ମାଷ୍ଟ୍ରେ ବସ୍ତିରେ ଥିବା ପିଣ୍ଡି ଉପରେ ଶରୀରକୁ ଗଡ଼ାଇ ଦେଇ କିଛି ପୁରୁଣା କଥା ଭାବି ଚାଲିଛନ୍ତି, କେତେ ପିଲାଙ୍କୁ ମଣିଷ କାଲି କିନ୍ତୁ ନିଜ ପୁଅଟି ଆମକୁ ପଚାରିଲା ନାହିଁ ଠକି ଦେଲା ଆମକୁ ...... ଆମେ ବୁଢ଼ା ବୁଢ଼ୀ କେମିତି ଚଳିବୁ ? ଏତେ କରଜ ଥିଲା ବାପା ମା କେମିତି ବୁଝିବେ ଏତେ ପରିବର୍ତ୍ତନ ହେଇଗଲା ? ଏଇ ଭାବନା ଭିତରେ ମାଷ୍ଟ୍ରେଙ୍କର ଆଖି ଲାଗିଯାଇଛି, କାହାର ହାତ ସ୍ପର୍ଶରେ ଉଠି ବସି ଦେଖନ୍ତି ତ ବସ୍ତିର ସର୍ଦ୍ଦାର ତାଙ୍କୁ କହୁଛି ସାର ଏଠିକି ନୂଆ କଲେକ୍ଟର ଆସିଛନ୍ତି ସେ ଘୋଷଣା କରିଛନ୍ତି ଆସନ୍ତା ଗୁରୁ ଦିବସରେ ଅବସର ପ୍ରାପ୍ତ ଶିକ୍ଷକମାନଙ୍କୁ ପେନସନ ସହ ଉପହାର ମଧ ଦେବେ। ଆପଣ ଏବେ ଯାଆନ୍ତୁ ଆଉ ଦେଖା କରନ୍ତୁ, ସେ ତୁମ କଥା ନିଶ୍ଚୟ ଶୁଣିବେ। ମନରେ ଦୃଢ ଆଶା ରଖି ମାଷ୍ଟ୍ରେ ଚାଲିଲେ କଲେକ୍ଟର ଅଫିସକୁ, ଅଫିସ ଆଗରେ ଏତେ ଲମ୍ବା ଧାଡ଼ି ଦେଖି ସେଇଠି ବସି ପଡ଼ିଲେ, ହଉ ଦେଖାଯାଉ। ସମସ୍ତେ ନିଜ ନାମ କାଗଜରେ ଲେଖି ଚପରାସିକୁ ଦେଉଥାଆନ୍ତି, ଜଣକ ପରେ ଜଣକ ନାମ ଡକା ହେଉଥାଏ ସେମାନେ ଭିତରକୁ ଯାଉଥାନ୍ତି ଆଉ ଖୁସିରେ ଫେରୁଥାନ୍ତି। ଦୀନବନ୍ଧୁ ମାଷ୍ଟ୍ରେ ନିଜ ନାମ ଲେଖି ସେ ଚପରାସିକୁ ଦେଲେ କିନ୍ତୁ ଚପରାସି କାଗଜକୁ ଚିରିଦେଲା ଓ କହିଲା ସାର୍‌ଙ୍କର ସମୟ ନାହିଁ ଆଜି ଜରୁରୀ କାମରେ ଅଛନ୍ତି। ଚମ ଲୋଚାକୋଚା ଅପରିଷ୍କାର ବେଶ ପରିପାଟୀ ଦେଖି ଚପରାସି ଭିତରକୁ ଛାଡ଼ିଲା ନାହିଁ। ଏମିତି ଆଦେଶ ବାଜେ ଲୋକଙ୍କୁ ଦେଖା କରିବେ ବାହାରି ଯାଅ ଆଉ କେବେ ଆସିବ। ମାଷ୍ଟ୍ରେ ଯେତେ କାକୁତି ମିନତି ହେଇ କହିଲେ ମୁଁ ଜଣେ ଶିକ୍ଷକ କଲେକ୍ଟର ସାହେବଙ୍କୁ ଦେଖା କରିବାକୁ ଆସିଛି। ସମସ୍ତେ ହସରେ ଉଡେଇ ଦେଲେ, ସବୁ ଲୋକ ଯିବା ପରେ ଯେତେବେଳେ ଭିତରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେମାନେ ତଡ଼ି ବିଦା କରିଦେଲେ, ଆଉ ଠେଲାପେଲାରେ ହୋ ହାଲ୍ଲା ଭିତରେ ମାଷ୍ଟ୍ରେ ପଡ଼ି ଯାଇ ତାଙ୍କ ମୁଣ୍ଡ ଫାଟି ଗଲା, ମୁଣ୍ଡରୁ ଧାର ଧାର ହେଇ ରକ୍ତ ବୋହି ଚାଲିଛି। ଅଫିସ ବାହାରେ ପାଟି ଶୁଣି କଲେକ୍ଟର ନିଜେ ଉଠି ଆସିଲେ କିଏ ସେ ଲୋକ କାହିଁକି ଗଣ୍ଡ ଗୋଳ କରୁଛ ? କଲେକ୍ଟରଙ୍କୁ ଦେଖି ଲୋକେ ଆଡେଇ ହୋଇଗଲେ। ଏ କଣ ଦେଖୁଛନ୍ତି ଦୀନବନ୍ଧୁ ମାଷ୍ଟ୍ରେଙ୍କର ଏ ଅବସ୍ଥା, ଯାହାଙ୍କୁ ଖୋଜିବାକୁ ମତେ ଦୀର୍ଘ ପନ୍ଦର ବର୍ଷ ଲାଗି ଯାଇଛି, ଆଉ ଯାହାଙ୍କ ପାଇଁ ମୋର ଏ ଘୋଷଣା ଥିଲା। ଏମାନେ କେହି ଚିହ୍ନି ପାରିଲେନି, ଅଫିସର ଲୋକମାନଙ୍କୁ କ୍ରୁର ଦୃଷ୍ଟିରେ ଚାହିଁ ମାଷ୍ଟ୍ରେଙ୍କୁ ନିଜ ଗାଡ଼ିରେ ବସେଇ ମେଡିକାଲ ନେଇ ଗଲେ କଲେକ୍ଟର ଶୁଭକାନ୍ତ ! ଅଫିସର କର୍ମଚାରୀମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ।

ମେଡିକାଲ ବେଡ୍‌ରେ ଶୋଇଥାନ୍ତି ଦୀନବନ୍ଧୁ ମାଷ୍ଟ୍ରେ ପାଖରେ ବସି ସେବା କରୁଥାନ୍ତି ଶୁଭକାନ୍ତ ! ସାର ମୁଁ ଆପଣଙ୍କ ଶୁଭ, ମାଷ୍ଟ୍ରେ କହୁଥାନ୍ତି ମତେ କେହି ଚିହ୍ନି ପାରିଲେନି। ସାର ଆପଣ କୋଉଠି ଥିଲେ, ମୁଁ ଆଇଏଏସ ପାଇବା ପରେ ଗାଁ କୁ ଯାଇଥିଲି କିନ୍ତୁ ଆପଣ ଙ୍କୁ ପାଇଲିନି, କି ଗାଁ ରେ କୌଣସି ଲୋକ ଆପଣଙ୍କ ଠିକଣା ବତେଇ ପାରିଲେନି ସାର ! ବାପାମାଙ୍କ ଦେହାନ୍ତ ପରେ ମୁଁ ଏଇ ଭୁବନେଶ୍ୱରରେ ରହୁଛି, ଅଫିସର ପୁରୁଣା ଫାଇଲ ଦେଖିଲି ତୁମର ପେନସନ ଗଣ୍ଡାକ ମଧ ହେଇନି ତେଣୁ ମୁଁ ଘୋଷଣା କଲି ସମସ୍ତ ଶିକ୍ଷକଙ୍କର ପେନସନ ସହିତ ଗୁରୁଦିବସରେ ଉପହାର ଦେବି ! ଜଣ ଜଣ କରି ସବୁ ଶିକ୍ଷକଙ୍କୁ ତାଙ୍କର ନାର୍ଯ୍ୟ ଅଧିକାରକୁ ଦେବା ଭିତରେ ମୁଁ ସେମାନଙ୍କ ଭିତରେ ଖୋଜି ଚାଲୁଥିଲି ମୋର ଅତି ପ୍ରିୟ ଗୁରୁ ଦୀନବନ୍ଧୁ ମାଷ୍ଟ୍ରେଙ୍କୁ ...........।

ବାପାମାଙ୍କୁ ହରେଇ ଥିବା ଶୁଭକାନ୍ତ ଆଜି ଅନାଥ ନୁହେଁ ସେ ପାଇ ଯାଇଛି ତାର ପିତୃସମ ଗୁରୁ ଦୀନବନ୍ଧୁ ବରାଳଙ୍କୁ .....। ଆସନ୍ତୁ ମାଷ୍ଟ୍ରେ ମୋ ସାଙ୍ଗରେ ଆସନ୍ତୁ ମୋ ବଙ୍ଗଳାକୁ ଯୋଉ ହାତ ମୋ ମୁଣ୍ଡରେ ରଖି ପାଠ ପଢ଼ାଇ ମଣିଷ ଭଳି ମଣିଷଟିଏ ଗଢିଥିଲେ, ତାକୁ ତାର କର୍ତ୍ତବ୍ୟେ କରିବାକୁ ଦିଅନ୍ତୁ। ମାଷ୍ଟ୍ରେଙ୍କ ଆଖିରୁ ଗାଡ଼ି ଚାଲି ଥିଲା ଅବାରିତ ଲୁହ, ସେ ଲୁହ ଦୁଃଖର ନୁହେଁ ଖୁସିର.......। ଶୁଭକାନ୍ତ କହିଲେ ସାର ମୁଁ ଆପଣଙ୍କ ପାଇଁ କିଛି କରିପାରିଲେ ତାହାହିଁ ହେବ ମୋର 'ଗୁରୁ ଦକ୍ଷିଣା'।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



## ଏକଲା ପଣ

**ଡ. ଚନ୍ଦ୍ରକଳା ନାୟକ**

ସମୟ ଅସମୟରେ
ମନର ଦ୍ୱାର ଖୋଲି
ମୁଁ ଅନାଇ ରହେ ଆକାଶକୁ
ଇଛା ହୁଏ ଓକାଳି ପକାନ୍ତି
ଅନ୍ତରର ବ୍ୟଥା ଓ କଥାକୁ
କେହି ଜଣେ ମିଳନ୍ତାକି
କିନ୍ତୁ କେହି ବି ତ ଅନାଉନ୍ତିନି
ପଚାରନ୍ତିନି
ସୁଖ ଦୁଃଖରୁ ଦୁଇପଦ।
ନିଜ ଲୋକ ତ ସାତପର ଏବେ
ଆଉ କିଏ ବା ତାର ଉତ୍ତର ଦେବ
ଘର ଅଗଣାରୁ ଦେଖାଯାଏ
ଲାଉର ଡଙ୍କ
ତା ସହ କୂଆର ତରକା ଡାକ
କହୁଥାଏ ' ତୋର କଣ
କେହି ନାହିଁ ?'
ସେଇ ଶବ୍ଦ ଭିତରେ
ମଗଜରେ ନିଆଁ ଲାଗେ
ଦେହରୁ ବାହାରେ ଗମ ଗମ ଝାଳ।
ମୋ ଘର ସେପାଖେ
ସନିଆ ଅନାଏ
ନାକରେ କାଠି ପୁରାଇ କହିବୁଲେ
ଏ ଲୋକଟା ଛୁଆଙ୍କୁ ତ
ମଣିଷ କଲା
ଏବେ ତ ଦେଖ ଜୀବନଟା ତାର
ସୁଦୁ ଏକଲା ପଣର
ଅଳନ୍ଧୁ ଭିତରେ
କିଏ ବା ଅଛି ତାକୁ
ଡେଣା ଦେବାକୁ।
କୁହ ତ କାହାର ବା କଣ ଗରଜ
ନିର୍ବାପିତ କରିବ
ମନ ତଳର ଅଳନ୍ଧୁ ଲଗା ନିଆଁକୁ
ଦେହ ତଳର କଷ୍ଟକୁ
ଦିନେ ଯେଉଁ ଜୀବନରେ
ଥିଲା ମଧୁରତା
ଖୁସିର ଝରଣା ଲହରି ଭାଙ୍ଗୁଥିଲା
ଆଜି ସୁଦୁ ଏକଲା ପଣରେ
ଅମା ଅନ୍ଧକାରର
ନିରୋଳା ଆଲୋକରେ
ଲୁହରେ ସବୁ କିଛି ଜରଜର।
ଲାଗୁଛି ଏହି ଏକଲା ପଣଟା
ମିଛର ସଂସାର ଭିତରେ
ହଜି ଯାଇଛି
ଯେଉଁଠି ପହଁରୁଛି ମୋ ନିଃସଙ୍ଗତା
ହାତରେ ଗଢିଥିବା ନିରୀହ ମଣିଷର
ବୁକୁଫଟା ଚିତ୍କାର
ଏବେ କେବଳ ବଂଚି ରହିଛି
ମୋ ଏକୁଟିଆ ମନ ତଳର
ଦକ ଦକ ହୋଇ
ଜଳୁଥିବା ନିଆଁଗୁଡା
ଆଉ ତା ସହ ନିରୀହ ସରଳ
ମଣିଷର ଜୀବନଟା ବି।

ଅଧାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର, ମୋ-
୯୪୩୭୯୫୭୬୧୭



## ଗଡ଼ବଡ଼

**ଘନଶ୍ୟାମ ପଲେଇ**





ସଜ ଫୁଟା ଫୁଲଟା ପରି ରାମୁର ମୁହଁ ଆଜି କାଇଁ ଟିକେ ଅଧିକ ଝଟକୁ ଥାଏ ସକାଳର କଅଁଳ ଖରା ବାଜି। ଖୁସିରେ ନାଚି ବୁଲୁଥାଏ ମନଟା। ଜଣେ କାହିଁକି ନ ହେବ ଖୁସି କହିଲେ ଯେବେଠୁ ଗାଡ଼ି ଚଲେଇଲାଣି କେବେ ଏପରି ଘଟି ନ ଥିଲା ତା' ଜୀବନେ। ଯିଏ ବି ଯାହାର ପ୍ରାଇଭେଟ ଗାଡ଼ି ଚଲେଇବାକୁ ଡାକେ ଦିନକୁ ତିନିଶହ ହିସାବରେ ଦିଏ ଧରେଇ। ଆଜି କିନ୍ତୁ ମାଲିକଟେ ମିଳିଛି ନିଆରା। ଗାଡ଼ି ନେଇ ରାଉରକେଲାରୁ ଟେନସା ଛାଡ଼ିଦେବ ମାଲିକର କର୍ମ କ୍ଷେତ୍ରରେ। ବେଶିରୁ ବେଶି ଦି'ଘଣ୍ଟାର ବାଟ। ଯିବ ଗାଡ଼ି ନେଇ ଟେନସା। ସେଇଠି ଗାଡ଼ି ସହ ମାଲିକକୁ ଛାଡ଼ି ବସ ଧରି ଆସି ଯିବ ପୁଣି। ଦି' ଚାରି ଘଣ୍ଟାର କଥା ତା। ମିଳିଯିବ ନଗଦ ହଜାରେ। ପୁଣି ନାସ୍ତାପାଣି, ଫେରିବା ଭଡ଼ା ଅଛି ଅଲଗା। ବିଶ୍ୱାସ ନ ହେଲେ ବି ବିଶ୍ୱାସ କରିବାକୁ ପଡୁଥିଲା ରାମୁକୁ। ଖୁଦ ମାଲିକ ତା' ମୋବାଇଲ ନମ୍ବର ଯୋଗାଡ଼ କରି କରିଥିଲେ ଫୋନ୍।

ମାଲିକର ଫୋନ ଆସିଲା- ରାମୁ କୋଉଠି? ଯିବାକୁ ପ୍ରସ୍ତୁତ ତ? କଥା ସରି ନି ରାମୁ ସଙ୍ଗେ ସଙ୍ଗେ ଉତ୍ତର ଦେଲା- ହଁ ସାର! ମୁଁ ରେଡି। ଆପଣ ଖାଲି ଘର ଆଡ୍ରେସ ଦେଲେ। ମୁଁ ପହଞ୍ଚି ଯିବି ନିଜେ ଯାଇ। ମାଲିକ- ନା ନା ତୁ ଥା' ରିଙ୍ଗ ରୋଡ଼ରେ, ମୁଁ ପହଞ୍ଚୁଛି। ରାମୁ ଖୁସି ମନରେ କରି ଥାଏ ଅପେକ୍ଷେ। ରାସ୍ତାରେ କୋଉ ନୂଆ କାରଟେ ଦେଖିଲେ ଦୌଡ଼ି ଯାଉଥାଏ କାଳେ ଏଇଟା ହେଇଥିବ ସେଇ ମାଲିକର। ପୁଣି କେତେବେଳେ ଦେଖୁଥାଏ କେଉଁ ଦାମିକା କାର୍‌କୁ। ଆଉ କଳ୍ପନା ଲଗାଉଥାଏ ତା' ମାଲିକ କେତେ ବଡ଼ ହୋଇନଥିବେ କେଜାଣି? ଦିନକୁ ମଜୁରି ତିନଶହ ମିଳିବା ଜାଗାରେ ଦେବେ ହଜାରେ। ସେ ଦେଖିବାକୁ ହେଇଥିବେ କେମିତି? ଇମିତି ନାନା ଭାବନାରେ ଘାଣ୍ଟି ହେଉଥିବାବେଳେ ସାଇଡରେ ଲାଗି ସାରିଥିଲା ପୁରୁଣା କାର୍‌ଟିଏ। ଜଣେ ଭଦ୍ରବ୍ୟକ୍ତି ବାହାରି ଆସି କହିଲେ- ତମେ ରାମୁ। ହଁ ସାର! କହି ଗାଡ଼ିକୁ ଟିକେ ମୁହଁ ଆମ୍ବିଳା କରି ଦେଖିଲା ଆଉ ଗାଡ଼ି ଚାବି ମାଗିଲା।

ନା! ନା! ତମେ ବସିବ। ମୁଁ ଚଲେଇବି ଗାଡ଼ି।

ବଡ଼ ଆଶ୍ଚର୍ଯ୍ୟ ଲୋକ। ଇମିତି ମାଲିକ ଆଗରୁ କେବେ ମିଳିନି ଭାଗ୍ୟରେ! ସିଏ ଯଦି ଚଲେଇବାର ଥିଲା ତାକୁ ଡାକୁଥିଲେ କାହିଁକି? ଡ୍ରାଇଭର ସିଟରେ ବସିଲେ ମାଲିକ ନିଜେ। ଆର କଡ଼କୁ ଡ୍ରାଇଭର ରାମୁ। ଗାଡ଼ି ଷ୍ଟାର୍ଟ କଲେ ମାଲିକ। ଦି' ହାବୁକା ଖାଇ ଗାଡ଼ି ଗଡ଼ିଲା ଆଗକୁ ଧକେଇ ଧକେଇ। ରାମୁ ଅନେଇଥାଏ ମାଲିକକୁ କେଉଁ ଗ୍ରହରୁ ଉହ୍ଲେଇ ଆସିଥିବା ଏଲିଆନକୁ ଦେଖିଲା ଭଳି।

ମାଲିକ ଗାଡ଼ି ଚଲେଇ ଚଲେଇ କହୁଥିଲେ- ବୁଝିଲୁ ରାମୁ! ପୁରୁଣା ଗାଡ଼ି ଶୋରୁମରୁ ଏ ଗାଡ଼ି ଖଣ୍ଡକ ଆଣିଚି ଦି' ଦିନ ତଳେ। ଏ ଭିତରେ ଗାଡ଼ି ଚଲେଇବା ଶିଖିବି ଗଲିଣି ମୁଁ। ତୁ ଖାଲି ବସ ଆଉ ଦେଖ। ମୁଁ ଠିକ ଚଲଉଛି କି ନା, ରଖିଥା ଟିକେ ନଜର ମୋ ଉପରେ। ଘାଟି ରାସ୍ତା ତ ପୁଣି ଟେନସା ଭଳି ଘାଟି। ଡର ଅଛି ତେଣୁ ଡାକିଛି ତତେ। କିଛି ହେଲେ ସମ୍ଭାଳିବୁ। ବେକରେ ଫୁଲମାଳ ପିନ୍ଧି ଛେଳିଟି ହାଣ ମୁହଁକୁ ଗଲା ଭଳି ଏଣିକି ଅନୁଭବ କରି ପାରୁଥାଏ ରାମୁ। କାର୍‌ର ଏସିରେ ବି ତା' ଶରୀର ଗୋଟାପଣେ ଗଲାଣି ଝାଳେଇ। ମନେ ମନେ ଭାବୁ ଥାଏ ଯେଉଁଠି ପ୍ରାପ୍ୟଠାରୁ ଅଧିକ ଯଚା ହୁଏ ସେଇଠି ନିଶ୍ଚେ ଥାଏ କିଛି ନା କିଛି ଗଡ଼ବଡ଼।

## ରିଲ୍ ଭିତରେ ଜୀବନ

**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**



**ଜୀବନରେ ଆସୁଥିବା ଅସୁବିଧା ଓ ସମସ୍ୟାଗୁଡ଼ିକ ଉପରେ ବିଜୟ ଲାଭ ହିଁ ପ୍ରକୃତ ନାୟକର ପ୍ରାପ୍ତି। ଅସଫଳତାରୁ ସଫଳତାର ପ୍ରାପ୍ତି ହୁଏ। ମାତ୍ର ଏହାକୁ ବୁଝିବାର ପରିପକ୍ୱତା ଗୋଟିଏ ବୟସ ପରେ ହିଁ ଆସି ଥାଏ।**




ସେପ୍ଟେମ୍ବର ପାଞ୍ଚ ତାରିଖରେ ଶିକ୍ଷକ ଦିବସ ପାଳିତ ହେଲା। ଜଣେ ଅଧାପିକା ଭାବରେ ମୁଁ ବି ଏହି ପାଳନ ପର୍ବର ଅଂଶ ଥିଲି। ଆମ ବିଭାଗର ପିଲାମାନେ ବହୁତ୍ ଭଲ। ବହୁତ୍ ମେଧାବୀ, ଆଜ୍ଞାଧୀନ ଏବଂ ସୁଗୁଣର ଅଧିକାରୀ। ବର୍ଷ ବର୍ଷ ଧରି ଏହି ଦିନକୁ ଆମେ ପାଳନ କରୁ। ତେଣୁ, ଏ ନେଇ ବିଶେଷ ପରାମର୍ଶ ଦେବାର ଆବଶ୍ୟକତା ନଥିଲା। ଆରତୀ କଲାବେଳେ ପିଲା ଦୁଇ ଜଣ ଅସହଜ ଲାଗୁଥିଲେ। ଆରତୀ ମଧ ଠିକ୍ ଭାବରେ କରିପାରିଲେ ନାହିଁ। ଏହାର କାରଣ ହେଉଛି ଅଜ୍ଞତା। ଜ୍ଞାନ ଯେପରି ସମସ୍ତଙ୍କ ଠାରୁ ପ୍ରାପ୍ତ ହୁଏ, ଅଜ୍ଞତା ମଧ ଅନ୍ୟ ମାନଙ୍କ ଠାରୁ ପ୍ରାପ୍ତ ହୁଏ। ସେ ଶିଖି ନାହିଁ, ତେଣୁ ମୁଁ ମଧ ଶିଖିବି ନାହିଁ। ସେ କରୁ ନାହିଁ, ତେଣୁ ମୁଁ ମଧ କରିବି ନାହିଁ, ଏ ପ୍ରକାର ମାନସିକତାରେ ସମସ୍ତେ ଆକ୍ରାନ୍ତ। ଆଉ ଜଣେ କେମିତି କରୁଚି, ମୁଁ ମଧ ଶିଖିବି ଓ କରିବି ଏ ଚିନ୍ତା କାହାରି ନାହିଁ। ପ୍ରକୃତ ଶିକ୍ଷା ତ ଏଇଆ। ପରିବାର, ଶିକ୍ଷାନୁଷ୍ଠାନ ଓ ସମାଜରୁ ସମସ୍ତେ ଶିଖନ୍ତି। ମାତ୍ର ଏବେ ତ କଥା ନ କହୁଣୁ ପିଲା ହାତରେ ମୋବାଇଲ ଧରାଇ ଦେଉଛନ୍ତି ପିତାମାତା। ମୋବାଇଲ ହିଁ ପାଲଟିଛି ଗୁରୁ ଓ ଶିକ୍ଷକ। କିଛି ଦିନ ତଳେ ପିଲାମାନେ ମୁଁ ଦେଇଥିବା କିଛି ପ୍ରଶ୍ନର ସୁନ୍ଦର ଉତ୍ତର ମାନ ଦେଖିବାକୁ ଦେଲେ। ମୁଁ ଖୁସି ହେଇ ଗଲି ଯେ ଏତେ ସୁନ୍ଦର ଲେଖିଛନ୍ତି। ବୁଝିଲା ବେଳକୁ ଚାଟ୍ ଜିପିଟି ଦ୍ୱାରା ଲେଖିଛନ୍ତି। ତେବେ, ସୃଜନଶୀଳତାର ମୃତ୍ୟୁ ହେଉଛି ଧୀରେ ଧୀରେ। ଶିକ୍ଷାନୁଷ୍ଠାନର ପତ୍ରିକାରେ ମାଗି ମାଗି ଲେଖା ମିଳୁ ନାହିଁ। କବିତାରେ ପ୍ରେମ ନାହିଁ, ଦୁଃଖ ନାହିଁ କି ବିରହ ବେଦନା ନାହିଁ। କାମଚଳା ଶବ୍ଦ ଅଥବା ଚୋରି କବିତା। ଗୋଟିଏ ଯାନ୍ତ୍ରିକ ଦୁନିଆର ବାସିନ୍ଦା ସଭିଏଁ।

ଆମେ ପିଲାଙ୍କ ଦୋଷ ଧରିଲେ ଠିକ୍ ହେବ ନାହିଁ। ଆମ ନିଜର ଦୁନିଆଁ ମଧ ସଙ୍କୁଚିତ ହୋଇ ମୋବାଇଲ ଭିତରକୁ ଆସିଗଲାଣି। ଯେପରି ଆଶଙ୍କା କରାଯାଉଛି କି ଆଗାମୀ କିଛି ବର୍ଷ ମଧରେ ଶିକ୍ଷକ ଓ ଡାକ୍ତରମାନଙ୍କ ମଧରୁ ଅଧିକାଂଶ ତାଙ୍କର ଚାକିରି ହରାଇବେ, ସେପରି ଅନ୍ୟ ବିଭିନ୍ନ କାମ ପାଇଁ ମଧ ଯାନ୍ତ୍ରିକ ଉପଯୋଗୀତା ବଢ଼ିଯିବ। ପିଲାମାନେ ଅନ୍‌ଲାଇନ୍ ମାଧମରେ ଘରେ ବସି ପଢ଼ି ପାରିବେ ଓ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପ୍ରଶିକ୍ଷିତ ହେବେ। ଏଥିରେ ବେଶି ମାତ୍ରାରେ ଲାଭବାନ ହେବେ ଘରୋଇ ଶିକ୍ଷାନସ୍ଥାନ। ଗୋଟିଏ ଅନ୍‌ଲାଇନ୍ ପାଠ୍ୟକ୍ରମ ଶେଷ କରି ସାର୍ଟିଫିକେଟ ଖଣ୍ଡେ ମିଳିଗଲେ ଯାଏ। ଯଦି ସରକାରୀସ୍ତରରେ ଏହି ବ୍ୟବସ୍ଥା ଲାଗୁ ହୁଏ, ତେବେ ସରକାରଙ୍କୁ ଆଉ ନିଯୁକ୍ତି ଦେବାର ମଧ ଆବଶ୍ୟକତା ପଡ଼ିବନି। ଏବେ ସାମାଜିକ ଗଣମାଧମରେ ଦେଖା ଯାଉଛି ଅନେକ ଅନାମଧେୟ ଲେଖକ ଛୋଟ ଛୋଟ ଗପ ଲେଖି ଅନେକ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କର ଲେଖକୀୟ ଯାତ୍ରା ବୋଲି କିଛି ନାହିଁ। ସେମାନେ କିଛି ମାସ ଭିତରେ ଏତେ ଲେଖି ପ୍ରସିଦ୍ଧ ହୋଇପାରିଲେ କିପରି। ପ୍ରକୃତରେ ଏମାନେ ହେଲେ ଭୂତ ଲେଖକ। ଗୋଟିଏ ଚିନ୍ତନ ଚାଟ୍ ଜିପିଟିରେ ଅପ୍‌ଲୋଡ୍ କରିଦେଲେ ଗଲା। ତେଣିକି ସେ ତୁମ ପାଇଁ ଗପ ଲେଖିଦବ। ସରଳ ଭାଷାରେ ଲେଖା ଯାଇଥିବା ଏହି କମ୍ପ୍ୟୁଟର ଲିଖିତ ଗପଗୁଡ଼ିକ ଅନ୍‌ଲାଇନ୍ ପାଠକମାନଙ୍କ ମଧରେ ବେଶ୍ ଆଦୃତ ହେଉଛି। ସେମାନେ ବହୁଳ ମାତ୍ରାରେ ପସନ୍ଦ କରିବା ଫଳରେ ବେଶ୍ ଭଲ ରୋଜଗାର ସେହି ଭୂତ ଲେଖକମାନଙ୍କର ହେଉଛି। ପ୍ରକୃତ ଲେଖକଟି ରାତି ପୁହାଇ, ଲୁହ ଝରାଇ, ହୃଦୟର ଆବେଗ ଦେଇ ଯେତେ ଲେଖିଲେ ମଧ କେହି ପଢୁ ନାହାନ୍ତି। ପାଠକ ବଢୁଛନ୍ତି, ବହି ବଢୁଛି, ପ୍ରକାଶନ ବଢୁଛି ମାତ୍ର ମୂଲ୍ୟହୀନ। ପ୍ରକୃତ ଲେଖକଙ୍କ ସହ ପ୍ରକୃତ ପାଠକଙ୍କ ସଂପର୍କ ସ୍ଥାପିତ ହେଇପାରୁ ନାହିଁ। ପରିବାରର ସଦସ୍ୟମାନେ ପରସ୍ପର ସହ ସମୟ ବିତାଇବାକୁ ମଧ ପସନ୍ଦ କରନ୍ତି ନାହିଁ, ମାତ୍ର ସାମାଜିକ ଗଣମାଧମରେ ପ୍ରକାଶିତ ହେଉଥିବା ପୋଷ୍ଟ ବିଷୟରେ ଆଲୋଚନା ନିଶ୍ଚୟ କରନ୍ତି। ସତେ ଯେପରି ଏହି ରୀଲ୍ ଭିତରେ ହିଁ ସୀମିତ ହୋଇ ଯାଉଛି ସମଗ୍ର ଜୀବନ। କେତେ ଜୀବନ ଏଇ ରିଲ୍ ପାଇଁ ଚାଲିଯାଉଛି। କିଏ ନଈରେ ଭାସିଗଲାଣି ତ କିଏ ଟ୍ରେନରେ କଟି ଗଲାଣି। ତଥାପି ନିଶା ଛାଡୁନି। ଜୀବନର ସକରାତ୍ମକ ଦିଗ କେଉଁଠି ହଜି ଗଲାଣି। କିଛି ଦିନ ହେବ ଫେସବୁକ୍ ମୁଦ୍ରିକୀକରଣ ହେବା ପରେ ପୋଷ୍ଟ ପକାଇବା ପାଇଁ ଯେପରି ପ୍ରତିଯୋଗିତା ଲାଗି ଯାଇଚି। ସତରେ କଣ ଏତେ ଟଙ୍କା ରୋଜଗାର ହେଉଛି ନା ଏହା ଏକ ମିଛ ପ୍ରହେଳିକା ତାହା ତ ଭୁକ୍ତଭୋଗି ହିଁ ଜାଣେ। ମାତ୍ର, ଏଥିପାଇଁ ଆମେ ଅସଲି ଦୁନିଆଁରୁ ବହୁତ୍ ଦୂରକୁ ଚାଲି ଯାଉଛନ୍ତି। ବାସ୍ତବତାରୁ ଦୂରେଇ ଯାଇ କେବଳ ଯନ୍ତ୍ରଣା ହିଁ ଆମକୁ ପ୍ରାପ୍ତ ହେଉଛି। ଫେସବୁକ୍ ଆଉ ଯାହା ଶିଖାଉ ନ ଶିଖାଉ, ମଣିଷର ବିବିଧ ଚରିତ୍ର କିନ୍ତୁ ଶିଖାଇ ଚାଲିଥାଏ। ଏଠି ପାଞ୍ଚ ଜଣ ପରସ୍ପର ନାଁରେ କୁତ୍ସାରଟନା କରି ସାରି ପୁଣି ସାଙ୍ଗ ହୋଇ ଗଙ୍ଗାରେ ବୁଡ଼ ପକାନ୍ତି। ପରସ୍ପରକୁ ଅନ୍ୟ ପାଖରେ ଖରାପ କରାଇ ପୁଣି ନିଜେ ମିଶି ଯାଆନ୍ତି। ଏହି ସାହିତ୍ୟିକ ସାହିତ୍ୟିକାମାନଙ୍କୁ ଦେଖିଲେ ପ୍ରକୃତରେ ଭାବନା ଆସେ, ମଣିଷ ତେବେ ନିଜ ଚେତନାକୁ ଉର୍ଦ୍ଧ୍ୱମୁଖୀ କରିଚି କେବଳ କଥା ଓ କବିତାରେ। ଚରିତ୍ର ତାହାର ପୂର୍ବବତ ରହିଥାଏ। ମୃତ୍ୟୁ ପର୍ଯ୍ୟନ୍ତ। ତେବେ ଏହି ବିରାଟ ସମସ୍ୟାର ଅନ୍ତ କେଉଁଠି ?

ଏଇ କିଛିଦିନ ତଳେ ମୋର ଜଣେ ପୁରୁଣା ବାନ୍ଧବୀ ମତେ ଇନଷ୍ଟାଗ୍ରାମ୍‌ରେ ଗୋଟିଏ ଆକାଉଣ୍ଟ ଖୋଲି ସେଥିରେ ମୋର ଗପ, କବିତା ଓ ଆଲୋଚନାକୁ ପୋଷ୍ଟ କରିବା ପାଇଁ କହିଲେ। ତାଙ୍କ ମତରେ ଅଧିକାଂଶ ଯୁବଗୋଷ୍ଠୀ ସେଥିରେ ଥାଆନ୍ତି ଓ ଆମେ ଆମର ସାହିତ୍ୟ, ସଂସ୍କୃତି ସହ ତାଙ୍କୁ ପରିଚିତ କରିବା ଆବଶ୍ୟକ। ଆଛା, ଏପରି ଏକ ଶିକ୍ଷାନୁଷ୍ଠନ କଥା ମୁଁ ଭାବି ନଥିଲି। ସେମାନେ ତେବେ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟରୁ ଆଉ କିଛି ଶିଖୁନାହାନ୍ତି କି? ମୋର ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ ବର୍ତ୍ତମାନ ମୋବାଇଲ୍ ହିଁ ତାଙ୍କର ଶ୍ରେଷ୍ଠ ଶିକ୍ଷାଗୁରୁ। ଏହା ଜଣେ ଶିକ୍ଷକ ପାଇଁ ଆତ୍ୟନ୍ତ ଦୁଃଖଦାୟକ। ତେବେ, ଆମେ ହିଁ ଶେଷ ପିଢ଼ି ଯେଉଁମାନେ ବହି ପଢ଼ି ଓ ଶିକ୍ଷକମାନଙ୍କଠାରୁ ଜ୍ଞାନ ଆହରଣ କରିଛେ। ସମୟ ପାଇଲେ ଭଲ ବହି ଖଣ୍ଡେ ଧରି ବସୁଚେ। ଏବେର ପିଲାମାନେ ବହି ପଢିବାକୁ ବିମୁଖ। ଗାଇଡ ବହି ଖଣ୍ଡେ ହେଲେ ହେଲା। ଆହୁରି ଯଦି ତାଙ୍କୁ ବିଭିନ୍ନ ୱେବସାଇଟରୁ ତଥ୍ୟର ଲିଙ୍କ ଦେଇ ଦିଆଯାଏ ଆହୁରି ଖୁସି। ଅନେକ ସମୟରେ ମୁଁ ସେମାନଙ୍କୁ ସେଇ ତଥ୍ୟ ସବୁ ଲେଖି ଆଣିବାକୁ କହେ। କିଛି ତ ପଢ଼ିବେ। ପରପିଢ଼ି ଏମିତି ମାୟାଜାଲରେ ଫସି ରହିଛନ୍ତି, ଯେଉଁଥିରୁ ତାଙ୍କୁ ବାହାର କରିବା ଅତ୍ୟନ୍ତ କଷ୍ଟକର। ପିତାମାତାମାନେ ଅନ୍ତତଃପକ୍ଷେ ଏହାକୁ ଧାନ ଦେବା ଆବଶ୍ୟକ। ଅତି ସମ୍ବେଦନଶୀଳ ଓ ଅଶାଳୀନ ଅନଲାଇନ ବିଷୟଗୁଡ଼ିକ ଉପରେ ସରକାରଙ୍କର ମଧ ରୋକ୍ ଲଗାଇବା ଜରୁରୀ। ନଚେତ୍ ଏହି ଦିଗହରା ପିଢ଼ିକୁ ଧ୍ୱଂସମୁଖରୁ କେହି ହେଲେ ରକ୍ଷା କରିପାରିବେ ନାହିଁ।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪

ସଂଚାର SANCHAR
ସୋମବାର ୮ ସେପ୍ଟେମ୍ବର ୨୦୨୫
ସ୍ୱାସ୍ଥ୍ୟ




# କିଡନୀକୁ ଠିକ ରଖେ ହଳଦୀ

## ସୀମିତ ମାତ୍ରାରେ କରନ୍ତୁ ବ୍ୟବହାର





କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ରକ୍ତକୁ ଛାଣିବା ଏବଂ ଶରୀରରୁ ବିଷାକ୍ତ ଜିନିଷ ବାହାର କରିବା ପାଇଁ କାମ କରେ। ଏହା ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ ବାଲାନ୍ସକୁ ଠିକ୍ ରଖିଥାଏ। ସଂକ୍ରମଣ କିମ୍ବା ଫିଲ୍ଟରିଂ କ୍ଷମତା ହ୍ରାସ ହେଲେ କିଡନୀ ସମସ୍ୟା ଆରମ୍ଭ ହୁଏ। ଖରାପ ଜୀବନଶୈଳୀ, ଅଧିକ ଲୁଣ ସେବନ, ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଦୀର୍ଘକାଳୀନ ଯନ୍ତ୍ରଣା ନିବାରକ ଔଷଧ ସେବନ କିଡନୀକୁ ଦୁର୍ବଳ କରିପାରେ। ଏପରି ପରିସ୍ଥିତିରେ ଧୀରେ ଧୀରେ କିଡନୀର କାମ ପ୍ରଭାବିତ ହେବା ଆରମ୍ଭ ହୁଏ, ଯାହା ଫଳରେ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବା ଆରମ୍ଭ ହୁଏ ଏବଂ କିଡନୀ ରୋଗ ସୃଷ୍ଟି ହୁଏ। କିଡନୀ ରୋଗ ହେଲେ ପ୍ରଥମେ ଶରୀରରେ ପାଣି ଏବଂ ରକ୍ତର ସନ୍ତୁଳନ ଖରାପ ହେବା ଆରମ୍ଭ ହୁଏ। ପାଦ, ହାତ ଏବଂ ମୁହଁ ଫୁଲିଯାଏ। ଶରୀରରେ ବିଷାକ୍ତ ଉପାଦାନ ଜମା ହେବା ଆରମ୍ଭ ହୁଏ, ଯାହା ଫଳରେ ଥକ୍କାପଣ, ଦୁର୍ବଳତା ଏବଂ ଭୋକ ନ ଲାଗିବା ଭଳି ସମସ୍ୟା ବଢ଼ିଯାଏ। ଯଦି ରୋଗ ଦୀର୍ଘ ସମୟ ଧରି ଲାଗି ରହେ, ତେବେ ଉଚ୍ଚ ରକ୍ତଚାପ, ହାଡ଼ ଦୁର୍ବଳତା ଏବଂ ହୃଦୟ ସମସ୍ୟା ମଧ ଦେଖାଯାଏ। ଯଦି ରୋଗ ଗମ୍ଭୀର ରୂପ ନେଇଥାଏ, ତେବେ ରକ୍ତରେ ୟୁରିଆ ଏବଂ କ୍ରିଏଟିନିନର ସ୍ତର ବହୁତ ବଢ଼ିଯାଏ, ଯାହା ପାଇଁ ଡାଏଲିସିସ୍ କିମ୍ବା କିଡନୀ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ ହୋଇପାରେ। ଏହା ବ୍ୟତୀତ ରକ୍ତହୀନତା ଏବଂ ନିଶ୍ୱାସ ନେବାରେ କଷ୍ଟ ଭଳି ସମସ୍ୟା ମଧ ବୃଦ୍ଧି ପାଏ। କିଡନୀ ରୋଗ କେବଳ ଶରୀରର ଫିଲ୍ଟରିଂ ପ୍ରକ୍ରିୟାକୁ ପ୍ରଭାବିତ କରେ ନାହିଁ ବରଂ ସମଗ୍ର ଶରୀରର କାର୍ଯ୍ୟରେ ମଧ ବାଧା ଦିଏ। କିନ୍ତୁ ହଳଦୀରେ ଏମିତି ପ୍ରାକୃତିକ ଜିନିଷ ରହିଛି, ଯାହା କିଡନୀ ଜନିତ ସମସ୍ୟାକୁ ଚୁଟକୀରେ ଗାୟବ କରିବ।

ରିପୋର୍ଟ ଅନୁଯାୟୀ ହଳଦୀରେ ମିଳୁଥିବା କର୍କୁମିନ୍ ଉପାଦାନ କିଡନୀ ସଂକ୍ରମଣକୁ ହ୍ରାସ କରିବାରେ ସାହାଯ୍ୟ କରେ। ହଳଦୀରେ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ଅଛି, ଯାହା କିଡନୀ କୋଷଗୁଡ଼ିକୁ ମୁକ୍ତ ରାଡିକାଲ୍ ଅର୍ଥାତ୍ କ୍ଷତିକାରକ ଉପାଦାନରୁ ରକ୍ଷା କରେ। ଗବେଷଣାରୁ ଏହା ମଧ ଜଣାପଡିଛି ଯେ କର୍କୁମିନ୍ ରକ୍ତ ଶର୍କରା ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ, ଯାହା କିଡନୀ ରୋଗର ମୁଖ୍ୟ କାରଣ। ହଳଦୀର ସୀମିତ ବ୍ୟବହାର କିଡନୀର ଫିଲ୍ଟରିଂ କ୍ଷମତା ବଜାୟ ରଖିବାରେ ସାହାଯ୍ୟ କରେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାର ପ୍ରକ୍ରିୟାକୁ ସହଜ କରିଥାଏ। ଏହା ବ୍ୟତୀତ କିଡନୀ ରୋଗ ସହିତ ଜଡିତ ସମସ୍ୟା ଯେପରିକି ଥକାପଣ ଏବଂ ଦୁର୍ବଳତାକୁ କମ କରିବାରେ ମଧ ହଳଦୀ ଲାଭଦାୟକ। କିନ୍ତୁ ଏହାକୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଏବଂ ସୀମିତ ପରିମାଣରେ ସେବନ କରିବା ଉଚିତ, କାରଣ ଅତ୍ୟଧିକ ପରିମାଣର ହଳଦୀ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇପାରେ।



# ହାର୍ଟକୁ ସୁସ୍ଥ ରଖିବା ସହିତ କୋଲେଷ୍ଟ୍ରୋଲକୁ ନିୟନ୍ତ୍ରଣ କରେ ଚିଆ ସିଡସ୍

ଆଜିକାଲି ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଫଳରେ ଆମ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାର ମୁଖ୍ୟ କାରଣ ଖରାପ ଖାଦ୍ୟପେୟ ହୋଇଥାଏ। ତେଣୁ ଆମ ସୁସ୍ଥ ଶରୀର ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ହେଲଦି ଫୁଡ୍ ଭାବେ ବର୍ତ୍ତମାନ ଚିଆ ସିଡସକୁ ବିବେଚନା କରାଯାଉଛି। ଏଥିରେ ଅନେକ ପୋଷକ ତତ୍ତ୍ୱ ଥିବାରୁ ଏହା ଆମକୁ ଅନେକ ଫାଇଦା ଦେଇଥାଏ। ଯାହା ସୁପରଫୁଡ୍ ଭାବେ ଆମ ଶରୀରରେ କାର୍ଯ୍ୟକାରୀ କରିଥାଏ। ଯଦି ହେଲଦି ଖାଇବା କଥା କୁହାଯାଏ ତେବେ ପ୍ରଥମେ ଚିଆ ସିଡସର ନାଁ ନିଶ୍ଚୟ ଆସିଥାଏ। ବର୍ତ୍ତମାନ ସମୟରେ ମଧ ଏହାର ଲୋକପ୍ରିୟତା ଖୁବ୍ ରହିଛି। ଏଥିରେ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩ ସମେତ ପ୍ରୋଟିନ୍ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ଗୁଣ ଭରପୁର ମାତ୍ରାରେ ରହିଛି। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ତେବେ ଆଜି ଆମେ ଏହି ଚିଆ ସିଡସ୍‌ର ଲାଭକାରୀ ଗୁଣ ଏବଂ ଏହାର ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଜାଣିବା। ଶରୀରରେ କୋଲେଷ୍ଟ୍ରଲର ପରିମାଣ ବୃଦ୍ଧି ପାଇଲେ ଉଚ୍ଚ ରକ୍ତଚାପ ସମସ୍ୟା ହୋଇପାରେ। ଯାହା ହାର୍ଟଜନିତ ସମସ୍ୟାର ଆଶଙ୍କାକୁ ମଧ ବଢାଇଥାଏ। ଏହି ସବୁ ସମସ୍ୟା ପାଇଁ ଚିଆ ସିଡସ୍ ବେଷ୍ଟ ହୋଇଥାଏ। ତେଣୁ ଖାଦ୍ୟପେୟରେ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ଯାହା ସୁସ୍ଥ ଶରୀର ଗଠନ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ବର୍ତ୍ତମାନ ସମୟରେ ଓଜନ ବୃଦ୍ଧିକୁ ନେଇ ସମସ୍ତେ ଚିନ୍ତାରେ ରହିଛନ୍ତି। ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଚିଆ ସିଡସ୍ ସର୍ବୋତ୍ତମ ଉପାୟ। ଯାହା ଖାଇବା ଦ୍ୱାରା ଭୋକକୁ କମ୍ କରିଥାଏ। ଫଳରେ ଓଜନ ଯାତ୍ରା ସହଜ ହୋଇଯାଇଥାଏ। ବ୍ଲଡସୁଗାର ରୋଗୀଙ୍କ ପାଇଁ ଏହା ବେଶ୍ ଉପଯୋଗୀ। ଏଥିରେ ଥିବା ଫାଇବର ଇନସୁଲିନ ରେଜିଷ୍ଟାନ୍ସକୁ କମ୍ କରି ବ୍ଲଡସୁଗାରକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିଥାଏ। ଯାହା ମେଟାବୋଲିକ୍ ସିଣ୍ଡ୍ରମର ଆଶଙ୍କାକୁ ମଧ କମ୍ କରିଥାଏ। କ୍ୟାଲସିୟମର ଅଭାବ ହେଲେ ହାଡ଼ଜନିତ ସମସ୍ୟା ଦେଖିବାକୁ ମିଳେ। ଚିଆ ସିଡସ୍‌ରେ ଭରପୁର ମାତ୍ରାରେ କ୍ୟାଲିସିୟମର ଗୁଣ ରହିଛି। ଯାହା ମଜବୁତ ହାଡ଼ ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରତିଦିନ ଗୋଟିଏରୁ ଦୁଇ ଚାମଚ ଚିଆ ସିଡସ୍ ଖାଇବା ମଜବୁତ ହାଡ଼ ପାଇଁ ପର୍ଯ୍ୟାପ୍ତ ହୋଇଥାଏ। ଯାହା ସମସ୍ତ ହାଡ଼ ଜନିତ ସମସ୍ୟାଠାରୁ ରକ୍ଷା କରିଥାଏ। ଚିଆ ସିଡସ୍‌ରେ ଆଲଫା ଲିନୋଲେନିକ୍ ଏସିଡ୍ ଏବଂ କ୍ୱେରସେଟିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଏଥିରୁ ମିଳିଥାଏ। ଯାହା ହାର୍ଟକୁ ସୁସ୍ଥ ରଖିବାରେ ସହାୟକ କରିଥାଏ। ଏହା ସହିତ ହାର୍ଟର କାର୍ଯ୍ୟ କ୍ଷମତାକୁ ବଢାଇଥାଏ। ଏତିକି ନୁହେଁ ବରଂ ସ୍କିନ୍ ପାଇଁ ମଧ ଲାଭଦାୟକ ହୋଇଥାଏ। ଏଥିରେ ଭିଟାମିନ୍ ତ୍ୱଚାକୁ ହାଇଡ୍ରେଟ କରି ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ବିଭିନ୍ନ ଉପାୟରେ ଖିଆଯାଇପାରିବ। ଏହାକୁ ଆପଣ ସ୍ମୁଦି କିମ୍ବା ସେକ୍ ଭାବେ ଖାଇପାରିବେ। ଓଟସରେ ମିଶାଇ ଖାଇପାରିବେ। ନଚେତ୍ ଲେମନ୍ ଚିଆ ସିଡସ୍ ଡ୍ରିଙ୍କ୍ ଭାବେ ମଧ ପିଇପାରିବେ। ଏହା ବ୍ୟତୀତ ଏହାକୁ ସାଲାଡ ଭାବେ ବ୍ୟବହାର କରିପାରିବେ। ଏଥିରେ ପ୍ୟାନ କେକ୍ ବନାଇ ମଧ ଖାଇପାରିବେ। ଏହି ସବୁ ସମସ୍ୟା ଥିଲେ ଚିଆ ସିଡସ୍ ନିଶ୍ଚୟ ଆପଣଙ୍କ ଖାଇବା ଲିଷ୍ଟରେ ଆଡ୍ କରନ୍ତୁ।

# ସ୍ୱାସ୍ଥ୍ୟ ପାଇଁ ହିତକର କଖାରୁ

ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ଶରୀର ପାଇଁ ବିଭିନ୍ନ ପ୍ରକାର ପ୍ରୋଟିନଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ସେହି ସବୁ ମଧରୁ କଖାରୁ ଅନ୍ୟତମ। କଖାରୁକୁ ବ୍ୟବହାର କରି ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ବିଶେଷ ଭାବେ କଖାରୁକୁ ଡାଲମାରେ ବ୍ୟବହାର କରାଯାଇଥାଏ। କଖାରୁରେ ଅନେକ ଭିଟାମିନ୍ ଭରପୂର ମାତ୍ରାରେ ରହିଛି। ଏହା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଲାଭଦାୟକ ହୋଇଥାଏ। ଯାହା ବିଭିନ୍ନ ରୋଗରୁ ଉପଶମ ଦେଇଥାଏ। କଖାରୁ କ୍ୟାଲୋରୀ, ପ୍ରୋଟିନ , କାର୍ବୋହାଇଡ୍ରେଟ୍, ଆଇରନ, ଫାଇବର, ସୋଡିୟମ ଏବଂ ଫୋଲେଟ୍ ଭଳି ପୁଷ୍ଟିକର ତତ୍ତ୍ୱରେ ଭରପୂର। ଏହା ବ୍ୟତୀତ ଏଥିରେ ଭିଟାମିନ-ସି, ଭିଟାମିନ ଇ ର ଗୁଣ ମଧ ମିଳିଥାଏ। କଖାରୁରେ ଆଣ୍ଟି-ଡାଇବେଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-କାର୍ସିନୋଜେନିକ ଏବଂ ଆଣ୍ଟି-ଇନ୍ଫ୍ଲେମାଟ୍ରି ଗୁଣ ମଧ ମିଳିଥାଏ। ଏଥିରେ ଥିବା ଲାଭକାରୀ ଗୁଣ ଯୋଗୁଁ ଏହା ପେଟ ଜନିତ ସମସ୍ୟାଠାରୁ ଆରମ୍ଭ କରି ହାର୍ଟଜନିତ ସମସ୍ୟା ଏବଂ କେଶ ଜନିତ ସମସ୍ୟାଠାରୁ ଦୂରରେ ରଖିଥାଏ। ତେବେ ଆସନ୍ତୁ କଖାରୁର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଏଥିରେ ଥିବା ଭିଟାମିନ୍ ସି ଏବଂ ଭିଟାମିନ୍ ଇ ଗୁଣ ଥିବାରୁ ଏହାକୁ କେଶ ଏବଂ ଚର୍ମ ପାଇଁ ଭଲ ବୋଲି ବିବେଚନା କରାଯାଏ। ଯାହା ପାଚନ ସମସ୍ୟାକୁ ମଧ ଦୂର କରିଥାଏ। ଏଥିରେ କମ୍ କ୍ୟାଲୋରୀ ଥିବାରୁ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ରୋଗରେ ପୀଡିତ ଅଛନ୍ତି ତେବେ ଏହି ସମସ୍ୟା ପାଇଁ କଖାରୁ ବେଷ୍ଟ ହୋଇଥାଏ। କଖାରୁ ମଞ୍ଜିରେ ଫାଇବର ଗୁଣ ଥାଏ। ଯାହା ପାଚନ କ୍ରିୟାକୁ ମଜବୁତ କରିଥାଏ। ଏସିଡିଟି ଏବଂ ପେଟ ଜଳିବା ସମସ୍ୟାରୁ ମଧ୍ୟ ଆରାମ ଦେଇଥାଏ। କଖାରୁ ଡାଇବେଟିସ ରୋଗୀଙ୍କ ପାଇଁ ବେଶ୍ ଉପଯୋଗୀ। ଭିଟାମିନ୍ ସି ରେ ଭରପୁର ଥିବା କଖାରୁ ଆମ ଶରୀରରେ ଇନସୁଲିନ୍ ମାତ୍ରାକୁ କଣ୍ଟ୍ରୋଲ କରିବା ସହ ବଢିଥିବା ସୁଗାର ମାତ୍ରାକୁ ମଧ୍ୟ କମ୍ କରିଥାଏ। ଡାଇବେଟିସ୍ ରୋଗୀଙ୍କୁ ସପ୍ତାହରେ ଅତି କମ୍ ରେ ୨ ଥର କଖାରୁ ଖାଇବା ଜରୁରୀ ବୋଲି କୁହାଯାଇଛି। ବର୍ତ୍ତମାନ ସମୟରେ ଛୋଟରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଆଖି ଜନିତ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ କଖାରୁରେ କ୍ୟାରୋଟିନ୍ ଥିବାରୁ ଆଖିକୁ ସୁସ୍ଥ ରଖିଥାଏ। ଏଥି ସହ ଆଖିର ଦୃଷ୍ଟି ଶକ୍ତିକୁ ବଢ଼ାଇଥାଏ। ଆମ ମଜବୁତ ହାନ ପାଇଁ କ୍ୟାଲସିୟମର ଆବଶ୍ୟକତା ଥାଏ। ତେଣୁ କଖାରୁ ଏଥି ପାଇଁ ଭଲ ବୋଲି ବୋଲି ବିବେଚନା କରାଯାଏ। କଖାରୁ ଖାଇବା ଦ୍ୱାରା ହାଡ଼ର ଗଠନ ଏବଂ ବିକାଶ ସଠିକ୍ ଉପାଦାନରେ କରିଥାଏ। ଏଥିରୁ ମେଦବହୁଳତା ବିରୋଧୀ ଗୁଣ ମିଳିଥାଏ। ଯାହା ଦ୍ୱାରା ଓଜନ ବୃଦ୍ଧିକୁ ହ୍ରାସ କରାଯାଇପାରିବ। ଏହାକୁ ଖାଦ୍ୟରେ ସାମିଲ କରିବା ଦ୍ୱାରା ଓଜନ ନିୟନ୍ତ୍ରଣକୁ ସହଜ କରିଦେଇଥାଏ। ଏଥିରେ ଥିବା ଭରପୁର ପୋଷକ ତତ୍ତ୍ୱ ଗୁଣ ହେତୁ ଏହା ଆପରଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବଢାଇଥାଏ। ଏହା ସୁସ୍ଥ ହାର୍ଟ ପାଇଁ ମଧ ଫଳପ୍ରଦ ହୋଇଥାଏ। ତେବେ ଆପଣଙ୍କର ଏହି ସବୁ ସମସ୍ୟା ଦେଖାଦେଉଥିଲେ କଖାରୁକୁ ନିଜ ଖାଇବା ଲିଷ୍ଟରେ ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଯାହା ଆପଣଙ୍କୁ ଅନେକ ରୋଗରୁ ମୁକ୍ତି ଦେବାରେ ସାହାଯ୍ୟ କରିବ।



# ଶରୀର ପାଇଁ ଲାଭକାରୀ କୁନ୍ଦୁରୀ



ଖାଦ୍ୟରେ ତଟକା ସବୁଜ ପନିପରିବା ସାମିଲ କରିବା ଦେହ ପାଇଁ ବହୁତ ଭଲ। ଡାକ୍ତର ମଧ ଆମିଷ ଖାଇବାକୁ ମନା କରି ଅଧିକରୁ ଅଧିକ ସବୁଜ ପରିବା ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ତେବେ ସବୁ ଋତୁରେ ଭିନ୍ନ ଭିନ୍ନ ପରିବା ବଜାରକୁ ଆସିଥାଏ। ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ। ଯାହା ପୋଷକ ତତ୍ତ୍ୱରେ ଭରପୂର ରହିବା ସହ ଦେହ ପାଇଁ ମଧ ଉପାକରୀ ହୋଇଥାଏ। କିନ୍ତୁ ଆଜିକାଲିର ଫାଷ୍ଟଫୁଡ୍ ଜୀବନଶୈଳୀ ଭିତରେ ଆମେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସୁବିଧାର ଶିକାର ହୋଇଥାଉ। କମ୍ ବୟସରୁ ହିଁ ଡାଏବେଟିସ୍ ,କିଡନି ସମ୍ବନ୍ଧୀୟ ରୋଗ ଏବଂ ଫୁସଫୁସ୍ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ଆପଣଙ୍କୁ ଏପରି ଏକ ପରିବା ବିଷୟରେ କହିବୁ, ଯାହା ଅନେକ ପ୍ରକାରର ରୋଗକୁ ଦୂର କରିବ। ଏଥିସହ ଏହି ପରିବାଟି ମଧ ପ୍ରାୟ ସମସ୍ତଙ୍କୁ ବହୁତ ଭଲ ଲାଗିଥାଏ। ତେବେ ଆସନ୍ତୁ ଜାଣିବା ଏହି ପରିବାଟିର ନାମ କ'ଣ?

ଏହି ପରିବାଟିର ନାମ ହେଉଛି 'କୁନ୍ଦୁରି'। ସାଧାରଣ ଲାଗୁଥିବା ପରିବାଟି ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ କିନ୍ତୁ ଏହାର ଉପକାରିତା ବିଷୟରେ ପ୍ରାୟତଃ ଲୋକ ଜାଣିନଥିବେ। କେବଳ ଖାଇବାକୁ ସୁଆଦିଆ କରେ ନୁହେଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟ ପ୍ରମାଣିତ ହୋଇଥାଏ। ଏଥିସହ ଜାଣିରଖନ୍ତୁ ଯେ, ଓଜନ କମାଇବାଠାରୁ ଆରମ୍ଭ କରି ସୁଗାର୍ କଣ୍ଟ୍ରୋଲ୍ କରିବା,ଖାଦ୍ୟ ହଜମ କରିବା,ହାଡ଼କୁ ମଜଭୁତ କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ମଧ ବାହାର କରିବାରେ ସାହାଯ୍ୟ କରେ କୁନ୍ଦୁରି। ଏହି ପରିବାରେ ଡାଇଟରି ଫାଇବର୍ ଭରପୁର ପରିମାଣରେ ରହିଥାଏ ଯେଉଁଥିରେ ବ୍ଲଡ୍ ସୁଗାର ଲେବଲ୍ କମ୍ ହୋଇଥାଏ। ଡାଏବେଟିସ୍ ରୋଗୀଙ୍କ ପାଇଁ ଏହି ପରିବାଟି ଖୁବ୍ ଲାଭଦାୟକ। ଗ୍ଲାଇସେମିକ ଇଣ୍ଡେକ୍ସ କାରଣରୁ ଏହା ସୁଗାରର ଲେବଲକୁ ଅବଶୋଷଣ କରି ଧିରେ ଧିରେ ଶରୀରରେ ଏନର୍ଜି ସୃଷ୍ଟି କରେ। ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ କାରଣରୁ ପେଟ ଫୁଲିବା , ଏସିଡିଟି ଭଳି ସମସ୍ୟା ପ୍ରତିଦିନ ଦେଖାଯାଏ। କୁନ୍ଦୁରିରେ ଥିବା ତତ୍ତ୍ୱ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଏସିଡିଟିକୁ କମାଇବାରେ ସହାୟକ ହୁଏ। ଏହି ପରିବା ଓଜନ ବଢ଼ାଇବା ସମସ୍ୟାକୁ ମଧ କମାଇଥାଏ। କମ୍ କ୍ୟାଲୋରିର ଏହି ପରିବା ପେଟ ଭର୍ତ୍ତି କରିବାରେ ସାହାଯ୍ୟ କରେ ତେଣୁ ଓଜନ କମାଇବାରେ ମଧ ସହାୟକ ହୋଇଥାଏ। ଓଜନ କମାଇବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଖାଦ୍ୟରେ କୁନ୍ଦୁରି ସାମିଲ କରନ୍ତୁ। ଏହା ଶରୀରକୁ ଭାରି କରିବା ବଦଳରେ ପୋଷକ ତତ୍ତ୍ୱ ପହଞ୍ଚାଇବ। କୁନ୍ଦୁରିରେ କ୍ୟାଲସିୟମ, ଆଇରନ୍ , ଭିଟାମିନ୍-ସିର ମାତ୍ରା ଅଧିକ ଥିବାରୁ ଏହା ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରେ। ବୟସ୍କ ବ୍ୟକ୍ତିବିଶେଷମାନେ ଖାଦ୍ୟରେ କୁନ୍ଦୁରି ସାମିଲ କରିବା ନିହାତି ଆବଶ୍ୟକ।

କୁନ୍ଦୁରି ଏମିତି ଏକ ପରିବା, ଯେଉଁଥିରେ ଭରି ରହିଛି ଅନେକ ପ୍ରକାରର ପୋଷକ ତତ୍ତ୍ୱ। କୁନ୍ଦୁରିରେ ଭିଟାମିନ, ମିନେରାଲ, ପୋଟାସିୟମ୍, କ୍ୟାଲସିୟମ୍, ଆଇରନ ଓ ଫାଇବରର ଗୁଣ ଭରପୂର ହୋଇ ରହିଛି। କେବଳ ଏତିକି ନୁହେଁ, ଏହାର ଆଣ୍ଟି ଆକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି-ବ୍ୟାକ୍ଟେରିୟାଲ ଗୁଣ ମଧ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଗ୍ରୀଷ୍ମଦିନେ ଏହି ପରିବା ସହଜରେ ମିଳି ଯାଇଥାଏ। ତେବେ ଆସନ୍ତୁ ଜାଣିବା, କୁନ୍ଦୁରି ଖାଇବାର ଅଜବ ଫାଇଦା ବିଷୟରେ। କୁନ୍ଦୁରି ଓଜନ ହ୍ରାସ କରିବାରେ ବେଶ୍ ଉପଯୋଗୀ ହୋଇଥାଏ। ଏଥିରେ ଭଲ ମାତ୍ରାରେ ଫାଇବର ରହିଥାଏ। ଯଦି ଆପଣ ନିଜ ଡାଏଟରେ ନିୟମିତ ରୂପେ ଅଳ୍ପ ମାତ୍ରାରେ କୁନ୍ଦୁରି ସାମିଲ କରିବେ, ତେବେ ଓଜନ ନିଶ୍ଚିତ ଭାବରେ କମ୍ ହେବାକୁ ଲାଗିବ। ଏଥିସହ ଶରୀରରେ ଲୌହର ଅଭାବ ଘଟିଲେ ଥକ୍କାପଣ ଅନୁଭବ ହେବାକୁ ଲାଗିଥାଏ। କୁନ୍ଦୁରିରେ ପ୍ରଚୁର ପରିମାଣରେ ଲୌହ ରହିଛି, ଯାହା ଥକ୍କାପଣ ଦୂର କରିବାରେ ସାହାଯ୍ୟ କରିଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ କୁନ୍ଦୁରିକୁ ଆପଣ ନିଜ ଖାଦ୍ୟରେ ସାମିଲ୍ କରିବା ଉଚିତ। କୁନ୍ଦୁରି ଫାଇବରରେ ପରିପୂର୍ଣ୍ଣ ହୋଇଥାଏ। ଏଥିପାଇଁ ଏହା ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କୁହାଯାଏ। କୁନ୍ଦୁରି ସେବନ ଦ୍ୱାରା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଯନ୍ତ୍ରଣା, ଭଳି ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। କୁନ୍ଦୁରିରେ ଭରପୂର ମାତ୍ରାରେ ପୋଟାସିୟମ ରହିଛି, ଯାହା ହାର୍ଟ ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ ହୋଇଥାଏ। ଏହା ବ୍ୟତୀତ ଏଥିରେ ଥିବା କ୍ୟାଲସିୟମ୍ ହାଡକୁ ମଜଭୁତ କରିଥାଏ। ଏହା ଉଚ୍ଚ ରକ୍ତଚାପ ଜନିତ ସମସ୍ୟାରେ ପୀଡିତ ଥିବା ଲୋକଙ୍କ ପାଇଁ ଖୁବ୍ ଲାଭଦାୟକ। ଯଦି ଆପଣ ଏହି ସମସ୍ତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ତେବେ ନିଶ୍ଚିତ ଭାବରେ ଆପଣଙ୍କ ଖାଦ୍ୟରେ କୁନ୍ଦୁରି ସାମିଲ୍ କରନ୍ତୁ। ଦେଖିବେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

SANCHAR ସଂଚାର

## କୁଚିଆ ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ାଉ କେବେ ?

**ସୁବର୍ଣ୍ଣପୁର,୭।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳରେ ପ୍ରାୟତଃ ମଦଜନିତ ମୃତ୍ୟୁ ହେଉ ବା ହିଂସା ସବୁଥିରେ ପ୍ରଚ୍ଛନ୍ନ ଭାବରେ ମଦର କୁପରିଣତି । ଗୋଟିଏ ପଟେ ମଦ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନ୍ୟ ପଟେ ଗାଁ ଗାଁରେ ଦେଶୀ ଓ ବିଦେଶୀ ମଦ କୁଚିଆର ବନ୍ୟା। ସତେ ଯେପରି ସୁବର୍ଣ୍ଣପୁର ଜିଲ୍ଲାର ଗାଁ ମାନଙ୍କରେ ବିଦେଶୀ କୁଚିଆ ମଦ କାରବାର ଓ ମଦ ରାନ୍ଧିବା ଏକ ପ୍ରକାର କୁଟୀର ଶିଳ୍ପ ହୋଇଗଲାଣି କହିଲେ ଚଳେ। କିନ୍ତୁ ଏମାନଙ୍କୁ ଲଗାମ ପାଇଁ ସରକାରଙ୍କ ଅବକାରୀ ବିଭାଗର ଭୂମିକା କଣ ଖାଲି ଦରମା ଉପରିଷ୍ଠ କରି ମାଲେମାଲ ହେବା ନାଁ ଗ୍ରାଉଣ୍ଡ ଜିରୋକୁ ଯାଇ ମଦ କୁଚିଆଙ୍କ ଉପରେ ଚଢ଼ାଉ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା। ଏଇଠି ସବୁ ଓଲଟା ବେଧଡ଼କରେ ଚାଲିଛି କୁଚିଆ ମଦ । ଏପରିକି ବିଦେଶୀ ମଦ ମଧ୍ୟ ଗାଁ ଗାଁରେ ବିକ୍ରି ଚାଲିଛି । ହେଲେ ଅବକାରୀ ବିଭାଗ ଚୁପଚାପ ବସି ରହିଛି । କାର୍ଯ୍ୟାନୁଷ୍ଠାନ ଶୂନ, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଇ ଅସାଧୁ ତତ୍ତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବନ୍ଦ କରିବା ଉଚିତ ନ ହେଲେ ପରିଣତି ଭୟଙ୍କର ହେବ । ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ନେବା କଥା। ଲୋକେ ତାତିଲେଣି ଯଦି ଅସାଧୁ ମଦ କୁଚିଆ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ବନ୍ଦ ନହୁଏ ଆଗକୁ ବଡ଼ ଜନଆନ୍ଦୋଳନର ସୂତ୍ର ହେବାର ସମ୍ଭାବନା ଅଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରୁଛି ।

## ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁବର୍ଣ୍ଣପର,୭।୯ (ସଂଚାର ବ୍ୟୁରୋ):** ଆସନ୍ତା ୧୩ ତାରିଖ ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସୋନପୁର ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲାର ଆପୋସ ସହମତି ରେ ସମାଧାନ କରାଯାଇ ପାରିବ । କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀ ରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବା, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକଦ୍ଦମା ଇତ୍ୟାଦି ର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ହୋଇପାରିବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ମୋକଦ୍ଦମା ବିବାଦ ର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତ ର ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ ଅଟେ । ଯଦି କୌଣସି ବିଚାରାଧୀନ ମୋକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମ ରେ ହୁଏ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମା ର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟ ରୁ ନିସ୍ତାର ପାଇଁ ଏହି ସୁଯୋଗ ର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତଥା ତାଲୁକ ଆଇନ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

# ପାଣି ପାଇଁ ଡହଳବିକଳ ୧୦ ପରିବାର

**ଫିରିଙ୍ଗିଆ,୭।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ୪ ନମ୍ବର ୱାର୍ଡର ରାଇଗୁଡ଼ା ଗ୍ରାମର ପାଦେରୀପଡ଼ା ସାହିରେ ପାନୀୟ ଜଳ ଅଭାବ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପାଦେରିପଡ଼ା ସାହିକୁ କୌଣସି ଯୋଜନା ପହଞ୍ଚି ପାରିନଥିବା ଅଭିଯୋଗ କରିଛନ୍ତି। ଯାହାଫଳରେ ପାଣି ପାଇଁ ସାହିରେ ଥିବା ଏକ ନଳକୂପ ଉପରେ ନିର୍ଭର କରିଥାନ୍ତି। କିନ୍ତୁ କିଛି ମାସ ହେବ ଉକ୍ତ ନଳକୂପରୁ ବାହାରୁ ଥିବା ପାଣି ବ୍ୟବହାର ଉପଯୁକ୍ତ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ପାଦେରିପଡ଼ା ସାହି ବାସିନ୍ଦା।



ସାହି ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ନଳକୂପରୁ ବାହାରୁ ଥିବା ପାଣି ହଣ୍ଡା, ବାଲ୍ଟି, କିମ୍ବା ମାଠିଆରେ କିଛି ସମୟ ରହିଲା ପରେ ଗୋଳିଆ ହେବା ସହିତ ଦୁର୍ଗନ୍ଧ ହେଉଥିବାରୁ ବ୍ୟବହାର କରିବା ଉପଯୁକ୍ତ ହୋଇ ପାରୁନାହିଁ। ଯାହା ଫଳରେ ଉକ୍ତ ସାହିର ଜନସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପାଖରେ ବାରମ୍ବାର ଫୋନ୍ ମାଧ୍ୟମରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ପାଦେରିପଡ଼ା ସାହିବାସିନ୍ଦା। ଯାହାଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନଳକୂପଟିକୁ ମରାମତି କରିବା ପାଇଁ ସାହିର କୁରେଫୁଲ ଦିଗାଲ, ସଂକ୍ରାବତୀ ଦିଗାଲ, ସାବିତ୍ରୀ ଦିଗାଲ, ରୁନି ଦିଗାଲ, ସରିତା ଦିଗାଲ, ରିନା ଦିଗାଲ, ଲବ ଦିଗାଲ, ତନ ଦିଗାଲ, ମମିତା ଦିଗାଲ, ଟାଟି ଦିଗାଲ ଓ ସମାଜସେବୀ ରାଜିବ ଦିଗାଲ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରସାରଣ ପରେ ପ୍ରଶାସନର ନିଦ କେବେ ଭାଙ୍ଗୁଛି ଓ ଏହି ସମସ୍ୟାର କେବେ ସମାଧାନ ହେଉଛି।

### ବିଶ୍ୱନାଥପୁର ଲ୍ୟାମ୍ପରେ ସାର ଅଭାବ

## ସାର ନ ପାଇ ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ



**ଲାଞ୍ଜିଗଡ,୭।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକରେ ଥିବା ତିନିଟି ପ୍ରାଥମିକ କୃଷି ସମବାୟ ସମିତିର ସାର ଗୋଦାମରେ ୟୁରିଆ ସାର ନେବା ପାଇଁ ଚାଷୀମାନଙ୍କ ପ୍ରବଳ ଭିଡ଼ ଲାଗିରହିଥିବା ବେଳେ ଚାଷୀମାନେ ସାର ନ ପାଇ ଅସନ୍ତୋଷ ହୋଇ ଫେରୁଥିବା ଆଜି ଦେଖିବାକୁ ମିଳିଛି।

ସୂଚନା ମତେ ବ୍ଲକର ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ୩୪୦ ବସ୍ତା ୟୁରିଆ ସାର ମହଜୁଦ୍ ଥିବା ବେଳେ ୧୫ଶହରୁ ଉର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ଶନିବାର ସକାଳ ସମୟରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିଥିଲେ। ହେଲେ ଚାଷୀମାନଙ୍କ ଅପେକ୍ଷା ପରେ ସାର କମ ପରିମାଣରେ ଅଛି ବୋଲି ସମବାୟ ସମିତିର ପରିଚାଳକ ମନା କରିବା ପରେ ଉପସ୍ଥିତ ସମସ୍ତ ଚାଷୀ ବିରକ୍ତ ହୋଇ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଏହି ଖବର ପାଇ ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର ସନ୍ଦିପ ତିର୍କୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଚାଷୀଙ୍କ ସହିତ ଆଲୋଚନା ପରେ ରାସ୍ତାରୁ ଓହରି ଥିଲେ।

ସୂଚନାନୁଯାୟୀ ଲାଞ୍ଜିଗଡ଼ ବ୍ଲକରେ ଲାଞ୍ଜିଗଡ ରୋଡ଼, ଲାଞ୍ଜିଗଡ଼ ଓ ବିଶ୍ୱନାଥପୁର ଠାରେ ସମବାୟ ସମିତି ରହିଥିବା ବେଳେ ଲାଞ୍ଜିଗଡ଼ରୋଡ଼, ଲାଞ୍ଜିଗଡ଼ ଠାରେ ଚାଷୀଙ୍କ ଅନୁପାତରେ ସାର ଆଣୁ ନଥିବା ଯୋଗୁଁ ବ୍ଲକର ସମସ୍ତ ଚାଷୀ ବିଶ୍ୱନାଥପୁର ସମବାୟ ସମିତି ଉପରେ ନିର୍ଭର କରୁଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଥିବା ଜଣାପଡିଛି। ତେବେ ବ୍ଲକର ୨୬ଗୋଟି ପଞ୍ଚାୟତ ମଧ୍ୟରୁ ବିଶ୍ୱନାଥପୁର ସମବାୟ ସମିତି ଅନ୍ତର୍ଗତ ଲାଞ୍ଜି, କାନକୁଟ୍ଟୁ, ବେନଗାଁ, ବେଢ଼ାଗାଁ,କୁମଖାଲ, ବିଶ୍ୱନାଥପୁର, ଚମ୍ପାଦେଇପୁର, ପୋଖରୀ ବନ୍ଧ, ଲାଖବାହାଲୀ, ବନ୍ଧପାରି ପଞ୍ଚାୟତର ଚାଷୀ ତାଲିକା ଥିବା ବେଳେ ଲାଞ୍ଜିଗଡ଼ରୋଡ଼ ଓ ଲାଞ୍ଜିଗଡ଼ ଲେମ୍ପ ଠାରେ ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ସୂଚନା ମିଳିଛି। ଯାହାଫଳରେ ୨୬ଗୋଟି ପଞ୍ଚାୟତର ଚାଷୀ ବିଶ୍ୱନାଥପୁର ସମବାୟ ସମିତି ଉପରେ ନିର୍ଭରକରୁ ଥିବା ମୁଖ୍ୟ ପରିଚାଳକ ସୂଚନା ଦେଇଛନ୍ତି।

### ଫିରିଙ୍ଗିଆ ପୁଲିସର ଅପରେସନ ପ୍ରହାର

## ୮ ଦୋକାନରୁ ତମାଖୁ ଜବତ, ଜରିମାନା ଆଦାୟ



**ଫୁଲବାଣୀ,୭।୯ (ସଂଚାର ବ୍ୟୁରୋ):** ଫିରିଙ୍ଗିଆ ଥାନା ତରଫରୁ ଅପରେସନ ପ୍ରହାର ଆରମ୍ଭ ହୋଇଛି ଗତ କାଲି ଠାରୁ ଏହି ଅପରେସନ ପ୍ରହାର ଆରମ୍ଭ ହୋଇଥିବା ବେଳେ ଗୋଟିଏ ଦିନରେ ଫିରିଙ୍ଗିଆ ବଜାରର ପ୍ରାୟ ଆଠଟି ଦୋକାନରୁ ବିପୁଳ ପରିମାଣରେ ତମାଖୁ ଓ ଗୁଟଖା ଜବତ କରିଛି ଫିରିଙ୍ଗିଆ ପୁଲିସ। ଗୁଟଖା ଜବତ ସହ ଫାଇନ ମଧ୍ୟ ପୋଲିସ କାଟିଥିବା ଜଣା ପଡିଛି। ଫିରିଙ୍ଗିଆ ପୁଲିସର ଏକ ଟିମ ଗଠନ କରାଯାଇଥିବା ବେଳେ ଟିମ ରେ ଫିରିଙ୍ଗିଆ ଥାନା ଏସ ଆଇ ଅଜୟ କୁମାର ସାହୁଙ୍କ ସହ ଆଇଆରବି ଯବାନ ଓ ଥାନାର କର୍ମଚାରୀ ସାମିଲ ଥିଲେ । ଅପରେସନ ପ୍ରହାର ଆଗାମୀ ଦିନରେ ଫିରିଙ୍ଗିଆ ଥାନା ତରଫରୁ ଚାଲୁ ରହିବା ସହ ଫିରିଙ୍ଗିଆ ଟାଉନ ସହ ବିଭିନ୍ନ ଅଞ୍ଚଳ ରେ ଜାରି ରହିବ ବୋଲି ଫିରିଙ୍ଗିଆ ଥାନା ଅଧିକାରି ତଥା ଡିଏସପି ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି ।

## ଢ଼ାବାରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ, ୧୦ ହଜାର ଜୋରିମାନା ଆଦାୟ



**ଭବାନୀପାଟଣା,୭।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଡ଼ଙ୍ଗରିଗୁଡା ନିକଟରେ ଥିବା ଆପନା ଫେମିଲି ଢ଼ାବା ରେ ବାସି ଖାଦ୍ୟ ଖାଇବାକୁ ଗ୍ରାହକ ଙ୍କୁ ଦେଉଥିବା ନେଇ ଧର୍ମଗଡ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ଙ୍କୁ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବିଭାଗ ପକ୍ଷରୁ ଅଧିକାରୀ ବିଶ୍ୱଜିତ ନାଏକ ଓ ଟିମ ଆପନା ଢ଼ାବାରେ ଚଢ଼ାଉ କରି ରନ୍ଧା ହୋଇଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ ଓ ତଦାରଖ କରିବା ସହ ଖାଦ୍ୟ ପ୍ରସ୍ତୁତ ରେ ଅନିୟମିତତା ହେଉଥିବା ତଦାରଖ ସମୟରେ ଜାଣିବାକୁ ପାଇଥିଲେ। ଏହାସହ ଢ଼ାବା ମାଲିକଙ୍କୁ ଏନେଇ ପଚରାଉଚୁରା କରିଥିଲେ। ଖାଦ୍ୟ ପ୍ରସ୍ତୁତରେ ଅନିୟମିତତା ଅଭିଯୋଗରେ ଢ଼ାବା ମାଲିକ କୁ ତାଗିଦ କରିବା ସହ ୧୦ ହଜାର ଟଙ୍କାର ଜୋରିମାନା କରିଥିବା ନେଇ ଧର୍ମଗଡ ଉପଖଣ୍ଡ ଖାଦ୍ୟ ସୁରକ୍ଷା ବିଭାଗୀୟ ଅଧିକାରୀ ବିଶ୍ୱଜିତ ନାଏକ ସୂଚନା ଦେଇଛନ୍ତି। ତେବେ ଏହି ଢ଼ାବାରେ ପୂର୍ବରୁ ମଧ୍ୟ ବାସିଖାଦ୍ୟ ଗ୍ରାହକଙ୍କୁ ଖାଇବାକୁ ଦେଉଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ପରେ ଢ଼ାବା ମାଲିକଙ୍କ ମଧ୍ୟରେ ଛନକା ପଶିଛି।

### ଜବରଦଖଲରେ ରାଇଘର ବଜାର

## ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

**ରାଇଘର,୭।୯ (ସଂଚାର ବ୍ୟୁରୋ):** ଜବରଦଖଲରେ ରାଇଘର ମୁଖ୍ୟ ବଜାର ଶୀର୍ଷକ ଖବର ଆଜି 'ସଂଚାର'ରେ ପ୍ରସାରଣ ହେବା ପରେ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏନେଇ ଗତ ଦୁଇ ବର୍ଷ ଧରି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଲିଖିତ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ ବୋଲି ସରପଞ୍ଚ ଲମ୍ବୋଦର ମାଝୀ ପ୍ରକାଶ କରିଛନ୍ତି।

ସାପ୍ତାହିକ ହାଟର ସରକାରୀ ଜାଗା ଜବରଦଖଲ ହୋଇ ସାରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଜାଗା ଓ ପୋଖରି ହୁଡା ମଧ୍ୟ ଜବରଜଖଲକାରୀଙ୍କ କବ୍‌ଜାରେ। ରାଇଘର ବ୍ଲକରେ ପ୍ରାୟ ୭୦ ବର୍ଷ ଧରି ଭୂବନ୍ଦୋବସ୍ତ ହୋଇ ନଥିବାରୁ ଅଧିକାଂଶ ଜାଗା ସରକାରଙ୍କ ଅଧୀନରେ ରହିଛି। ମୁଖ୍ୟ ବଜାର ଓ ସାପ୍ତାହିକ ହାଟ ପଞ୍ଚାୟତ ଅଧୀନରେ ଥିବା ବେଳେ ପ୍ରକୃତ କେତେ ଜାଗା ରହିଛି ସେନେଇ ବାରମ୍ବାର ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ତହସିଲଦାରଙ୍କୁ ଜଣାଇ ଆସୁଥିବା ସରପଞ୍ଚ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ବର୍ଷ ବର୍ଷ ଧରି ପ୍ରାଣୀ ଚିକିତ୍ସାଳୟର ଜାଗା ଓ ସରକାରୀ କ୍ୱାର୍ଟର ଏବଂ ସରକାରୀ ମଣ୍ଡପର ପାର୍ଶ୍ୱ ତଥା ମୁଖ୍ୟ ବଜାର ପଛରେ ରହିଥିବା ଜାଗା ନେଇ ଡିସେମ୍ବର ୨୦୨୩ ମସିହାରେ ସରପଞ୍ଚ ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ। ସେହିଭଳି ଅଗଷ୍ଟ ୨୦୨୫ ମସିହାରେ ମଧ୍ୟ ଏଭଳି ଅଭିଯୋଗ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଥିଲେ। ତୁରନ୍ତ ଦୋକାନ ଗୃହ ଗୁଡ଼ିକ ଭାଙ୍ଗିବା ସହିତ ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ ବୋଲି ପ୍ରଶ୍ନ ଉଠିଛି।

ପ୍ରକାଶ ଥାଉକି ସରକାରୀ ଜାଗା ସୁରକ୍ଷା ଦେବାରେ ସ୍ଥାନୀୟ ରାଜସ୍ୱ ବିଭାଗର ମୁଖ୍ୟ ଭୂମିକା ରହିଥିବା ବେଳେ ରାଇଘର ଅଞ୍ଚଳରେ ଜବରଦଖଲ ପ୍ରକ୍ରିୟା ଜୋରସୋରରେ ଚାଲିଥିବାରୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅକ୍ଟୋବର ୧୧ରେ ବୁଢ଼ାରଜା ଦଶରା ପ୍ରସ୍ତୁତି ବୈଠକ



**ଭବାନୀପାଟଣା,୭।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଠାରେ ଥିବା ଆଦିବାସୀଙ୍କ ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କ ଦଶରାକୁ ନେଇ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଆଲୋଚନା ସହ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବୈଠକରେ ଆମପାଣି ଅଞ୍ଚଳର ଗ୍ରାମବାସୀଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ଦଶରା ପୂଜା କମିଟିର ସଭାପତି ଭାବେ ଋତୁରାଜ ମାଝୀ, ଉପ ସଭାପତି ଗଙ୍ଗାଧର ନାଏକ, ସମ୍ପାଦକ ସନ୍ତୋଷ କୁମାର ମାଝୀ, ସହ ସମ୍ପାଦକ ସୀତାକାନ୍ତ ନାଏକ,କୋଷାଧ୍ୟକ୍ଷ ଭାବେ ବିଘ୍ନେଶ୍ୱର ନାଏକଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ବୁଢ଼ାରଜାଙ୍କ ମୁଖ୍ୟ ପୂଜକ ଫକୀର ମୋହନ ପୁଝାରିଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ଅଧିବକ୍ତା ପରିଷଦ ତରଫରୁ ଜେଲ ଓ ସଖୀ ଗୃହ ପରିଦର୍ଶନ

**ସୁବର୍ଣ୍ଣପୁର,୭।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଅଧିବକ୍ତା ପରିଷଦ, ସୋନପୁର ତରଫରୁ ଅଧିବକ୍ତା ତଥା ଜିଲ୍ଲା ଅଧିବକ୍ତା ପରିଷଦର ସଭାପତି ବଳଦେବ ପଧାନ ସଭାପତିତ୍ୱରେ ସମ୍ପାଦକ ଦଶରଥ ମିଶ୍ରଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱ ଅବଧାନରେ ସମସ୍ତ କାର୍ଯ୍ୟକାରିଣୀ ସବିତା ପଣ୍ଡା, ପ୍ରିତିପ୍ରଜ୍ଞା ପୁରୋହିତ, ମଧୁମିତା ପରମଗୁରୁ, ଶ୍ରୀକାନ୍ତ ଦାସ, ସମ୍ଭୁ ପ୍ରସାଦ ବିଶି, ମୋନଜ ପଣ୍ଡା, ଶ୍ରାବଣ ପ୍ରଧାନ, ତପନ ଯୁଆଡ଼ି ଜିଲ୍ଲା କାରାଗାର ଓ ସଖୀଗୃହ ପ୍ରଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା କାରାଗାର ଥିବା କଏଦୀ ମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ସ୍ୱଛତା, ମାନବ ଅଧିକାର ଓ ନ୍ୟାୟିକ ସହାୟତା ବିଷୟରେ ବୁଝା ସୁଝା କରିଥିଲେ। ତାପରେ ସୋନପୁର ପେଲେଶ ଗାର୍ଡେନର ଥିବା ସଖୀ ଗୃହ ମଧ୍ୟ ସମସ୍ତ ସୋନପୁର ଅଧିବକ୍ତା ପରିଷଦ କାର୍ଯ୍ୟକର୍ତ୍ତା



ପରିଦର୍ଶନ କରିଥିଲେ, ଏହି ସମୟରେ ମହିଳା ମାନଙ୍କ ଗୃହରେ ଥିବା ବ୍ୟବସ୍ଥା ବିଝିବା ସହ, ମାନବ ଅଧିକାର, ତଥା ନ୍ୟାୟିକ ଓ ସାମାଜିକ ସହାୟତା ଦେବାରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ରେକର୍ଡ

**ବାଲିଆପାଳ,୭।୯ (ସଂଚାର ବ୍ୟୁରୋ):** ଗିରୁଦିବସର ପବିତ୍ର ଅବସରରରେ ଓଡିଶା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ ଶିକ୍ଷକ ସମ୍ମାନ ପୁରସ୍କାର ପାଇବାରେ ରେକର୍ଡ କରିଛନ୍ତି ବାଲିଆପାଳ ପଂଚାୟତ ସମିତି ଅଧୀନସ୍ଥ କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପୁର। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ଭାବେ ସୁଶ୍ରୀ ସଂଗୀତା ରାଉତ, ସାହିତ୍ୟ କ୍ଷେତ୍ରରେ ଓ ହରିପଦ ବାରିକ, ଗଣିତ କ୍ଷେତ୍ରରେ ଉତ୍ତମ ଶିକ୍ଷାଦାନ ତଥା ସ୍ୱଦକ୍ଷତା ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ କରକମଳରୁ ପ୍ରମାଣପତ୍ର, ଉପଢୌକନ ଓ ସିଲ ସହ ୪୦.୦୦୦ ଟଙ୍କା ପାଇ ବିଦ୍ୟାଳୟକୁ



ଗୌରବ ପ୍ରଦାନ କରିଛନ୍ତି। ସେଇ ବିଦ୍ୟାଳୟରୁ ୬ ଜଣ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ମାନ ପୁରସ୍କାର ପ୍ରମାଣପତ୍ର, ଉପଢୌକନ, ସିଲ ତଥା ୨୫୦୦୦ ଅର୍ଥରାଶି ପାଇଛନ୍ତି। ଶ୍ରୀମତୀ ସନ୍ଧ୍ୟାରାଣୀ ପ୍ରଧାନ, ହିନ୍ଦୀ, ଶୁଭଶ୍ରୀ ଜେନା ଓ ଶକୁନ୍ତଳା ମାଝୀ ଇଂରାଜୀ, କାମ ହାଁସଦା, ସାହିତ୍ୟ, ହରିପ୍ରସାଦ ସୋରେନ, ଗଣିତ ତଥା ପୀତବାସ ଗିରି, କ୍ରୀଡା କ୍ଷେତ୍ରରେ ସଫଳତା ପାଇଁ ବାଲେଶ୍ୱର ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ଭବ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ପୁରସ୍କୃତ ହୋଇ ବିଦ୍ୟାଳୟକୁ ଗୌରବନ୍ୱିତ କରିବା ସହ ବାଲିଆପାଳ ମାଟି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

## କାଦୁଅ ପଚପଚ ରାସ୍ତା, ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ



**ବାଲିଆପାଳ,୭।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ର ଖଗଡ଼ାପାଳ ଗ୍ରାମର ବ୍ଲକ ଛକରୁ ଜାମକୁଣ୍ଡା ମୁଖ୍ୟ ସଡ଼କକୁ ସଂଯୋଗ କରିଥିବା ରାସ୍ତା ଏବେ କାଦୁଅ ପଚପଚ ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ଏବେ କଷ୍ଟସାଧ୍ୟ ହୋଇଛି। ବ୍ଲକ ଅଫିସ ସମ୍ମୁଖରେ ଥିବା ଏହି ରାସ୍ତା ବିଷୟରେ ଦୀର୍ଘ ବର୍ଷ ଧରି କେହି ଟିକେ ଚିନ୍ତା ବି କରୁନାହାନ୍ତି। ବାଲିଆପାଳ ବ୍ଲକର ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଖଗଡ଼ାପାଳ, ଜାମକୁଣ୍ଡା, କାଳରୁଇ, ପଞ୍ଚରୁଖି, ଚୌଧୁରୀକୁଦ, ଚରବସ୍ତ କାଳରୁଇ, ମଧୁପୁରା, ମାଧପାଢ଼ୀ ଶାସନ ପ୍ରଭୃତି ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ବାଲିଆପାଳ ବ୍ଲକ ଛକକୁ ଆସିଥାନ୍ତି। ୨୨ ବର୍ଷ ତଳେ ୧୯୯୮ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମ୍ୟ ସଂଯୋଗୀକରଣ ଯୋଜନାରେ ମେଟାଲିଂ ହୋଇଥିଲା ଓ ତା'ପରଠାରୁ ରାସ୍ତା ମରାମତି ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଦୃଷ୍ଟି ଦେଇ ନାହିଁ। ୨୦୧୩ ମସିହାରେ ଲୋକଙ୍କ ଦାବି ପରେ ପଞ୍ଚାୟତ ପକ୍ଷରୁ ରାସ୍ତାରେ ମୋରମ ବିଛା ଯାଇଥିଲା। କିଛି ମାସ ଧରି କ୍ରମାଗତ ଲଘୁଚାପ ବର୍ଷା ଯୋଗୁଁ ରାସ୍ତା ଯାକ କାଦୁଅ, ପାଣି ଓ ଖାଲ ଖମାରେ ଭରି ହୋଇଛି। ରାସ୍ତା ଶୋଚନୀୟ ଯୋଗୁଁ ଯାନବାହାନରେ ଯିବା ତୋ ଦୂରର କଥା ପାଦରେ ଚାଲି କରି ଯିବା ମଧ୍ୟ କଷ୍ଟକର ବ୍ୟାପାର ହୋଇଛି। ଆଗାମୀ ଦିନରେ ଯଦି ରାସ୍ତାର ଉନ୍ନତିକରଣ କରାନଯାଏ ତାହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନର ଚେତାବନୀ ଦେଇଛନ୍ତି।

# ଗଢ଼ି ଉଠିଛି ମଦଭାଟି, ହଜିଯାଉଛି ଭାଗବତ ଟୁଙ୍ଗୀ

**କଳାହାଣ୍ଡି,୭।୯ (ସଂଚାର ବ୍ୟୁରୋ):** ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା। ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ। ଏହାବ୍ୟତୀତ ଗ୍ରାମାଞ୍ଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥିବା ଭାଗବତ କୋଠିରେ ଜମା ହେଉଥିଲା। ମନୋରଞ୍ଜନ ହେଉ ବା ଆଧ୍ୟାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଇଥିଲା । ଏହାଦ୍ୱାରା ଗାଁରେ ଏକ ସକରାତ୍ମକ ଆଧ୍ୟାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ। ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଭାତୃଭାବ ସୃଷ୍ଟି ହେଉଥିଲା ।



ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା । ସେତେବେଳେ ଗାଁ ମାନଙ୍କରେ କାଁ ଭାଁ ମଦୁଆ ଦେଖା ଯାଉଥିଲା। ଭାଗବତ ପାଠ ସମୟରେ ମଦୁଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ ।

ସମୟ ବଦଳି ଯାଇଛି। ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ । ଟୁଙ୍ଗୀ ଗୁଡ଼ିକ ଧିରେ ଧିରେ କ୍ଲବ, ପାଠାଗାର ସ୍ଥାନ ନେଇ ଯାଇଛି। ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି। ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି । ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚେଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହାର ଫଳପ୍ରଦ ହୋଇପାରୁନି।